ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୬୭
୩ ଫେବୃଆରୀ, ୨୦୨୬ ମଙ୍ଗଳବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 267
3rd February, 2026 Tuesday
Kendrapara

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନିନ୍ଦନ୍ତି ମନ୍ଦାଃ ଶ୍ରିୟମପ୍ୟନିତ୍ୟାଂ**
**ପରଂ ବିଷୀଦନ୍ତି ବିପଦ୍‌ଗୃହୀତାଃ**
**ବିବେକଦୃଷ୍ଟ୍ୟା ଚରତାଂ ନରାଣାଂ**
**ଶ୍ରିୟୋ ନ କିଞ୍ଚିଦ୍‌ବିପଦୋ ନ କିଞ୍ଚିତ୍**

ମନ୍ଦମତି ଲୋକ ଅନିତ୍ୟ ଧନାଦିରେ ଆନନ୍ଦିତ ହୁଅନ୍ତି, ପୁଣି ବିପଦଗ୍ରସ୍ତ ହେଲେ ଅତ୍ୟନ୍ତ ବିଷାଦଗ୍ରସ୍ତ ହୁଅନ୍ତି । କିନ୍ତୁ ବିବେକ ଦୃଷ୍ଟିରେ ଚଳିବା ଲୋକଙ୍କ ପକ୍ଷରେ ଧନାଦି କିଛି ନୁହେଁ କି ବିପତ୍ତି କିଛି ନୁହେଁ ।

# ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ ମିଳିବ ପରିବାର ପେନସନ

**କଟକ,୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ବିବାହ ବିଚ୍ଛେଦ ଅଥବା ଛାଡ଼ପତ୍ର ହୋଇସାରିଥିବା ନିର୍ଭରଶୀଳ ଝିଅଙ୍କୁ

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ପରିବାର ପେନସନ ମିଳିବ । ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉପରେ ନିର୍ଭର କରୁଥିବା ଛାଡ଼ପତ୍ରପ୍ରାପ୍ତ ବିବାହିତ ଝିଅ ପରିବାର ପେନସନ ପାଇବେ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ଯାହା ବେଶ ଯୁଗାନ୍ତକାରୀ ଓ ସମାଜକୁ



ଏକ ଉତ୍ତମ ବାର୍ତ୍ତା ପ୍ରଦାନ କରିଛି ।

ମାମଲାର ସୂଚନା ମୁତାବକ, ଆବେଦନକାରୀଙ୍କ ବାପା କୃଷି ବିଭାଗରେ ଓଭରସିଅର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିବା ପରେ ପେନସନ ପାଉଥିଲେ । ୨୦୧୧ରେ ବାପାଙ୍କ ଦେହାନ୍ତ ପରେ ଆବେଦନକାରୀଙ୍କ ମା ପରିବାର ପେନସନ ପାଇଥିଲେ । ଆବେଦନକାରୀଙ୍କ ମା'ଙ୍କର ୨୦୧୯ରେ ପରଲୋକ ହୋଇଥିଲା । ବିବାହ ପରେ ଶ୍ୱଶୁର ଘରେ ନିର୍ଯ୍ୟାତନାର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା । ଏହାପରେ ୨୦୧୦ରୁ ଆବେଦନକାରୀ ବାପାଙ୍କ ଘରେ ରହି ଆସୁଥିଲେ । ଚଳିବା ପାଇଁ ସେ ବାପାଙ୍କ ଉପରେ ନିର୍ଭର କରୁଥିଲେ । ୨୦୧୯ରେ ଆବେଦନକାରୀଙ୍କ ବିବାହ ବିଚ୍ଛେଦ ନିର୍ଦ୍ଦେଶ ଅଦାଲତ ପ୍ରଦାନ କରିଥିଲେ । ମା'ଙ୍କ ମୃତ୍ୟୁ ପରେ ସେ ନିର୍ଭରଶୀଳ ଛାଡ଼ପତ୍ର ଝିଅ ଭାବେ ପରିବାର ପେନସନ ପାଇଁ ଦରଖାସ୍ତ ଦାଖଲ କରିଥିଲେ । ତାଙ୍କ ପରିବାର ପେନସନ ଦରଖାସ୍ତକୁ କର୍ତ୍ତୃପକ୍ଷ ଗ୍ରହଣ କରିବାକୁ ମନା କରିଥିଲେ । ଏହି *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶାରେ ରାଷ୍ଟ୍ରପତି

**ଭୁବନେଶ୍ୱର,୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆଜି ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ରାଷ୍ଟ୍ରପତି। ଆସନ୍ତାକାଲି ଅପରାହ୍ନ ୫ଟାରେ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ଏହାପରେ ପୁରୀ ଲୋକଭବନ ଯାଇ ସେଠାରେ ରାତ୍ରିଯାପନ କରିବେ। ଆସନ୍ତା ୪ ତାରିଖରେ ଶ୍ୱେତଗଙ୍ଗାରେ ରାଷ୍ଟ୍ରପତି ନିଜ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

ଆସନ୍ତା ୩ ତାରିଖ ସକାଳ ସାଢ଼େ ୮ଟାରେ ରାଷ୍ଟ୍ରପତି ଲୋକଭବନରୁ



କାରକେଡ୍‌ରେ ବିମାନବନ୍ଦରକୁ ଯିବେ। ସେଠାରୁ ହେଲିକପ୍ଟର ଯୋଗେ ବାଲେଶ୍ୱର ଅଭିମୁଖେ ବାହାରିବେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ବିଶ୍ୱବିଦ୍ୟାଳୟର ନବନିର୍ମିତ ଅଡିଟୋରିୟମକୁ ଉଦଘାଟନ କରିବେ।

୪ ତାରିଖରେ ରାଷ୍ଟ୍ରପତି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ରାଇରଙ୍ଗପୁରର ମାହୁଲଦିହାସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବେ। ସେ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଏବଂ ଡାକ୍ତରଖାନା, ଓୟୁଏଟି କ୍ୟାମ୍ପସ, ତୀରନ୍ଦାଜୀ କେନ୍ଦ୍ର, ସହରୀ ସୌନ୍ଦର୍ଯ୍ୟକରଣ ଏବଂ ଡ୍ରେନେଜ ଅପଗ୍ରେଡେସନ ପ୍ରକଳ୍ପ, ବିଭିନ୍ନ ସିଏସଆର ପ୍ରକଳ୍ପ ଏବଂ ରାଇରଙ୍ଗପୁରରେ ଏମଏସସିବି ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ ଭଳି ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

ଆସନ୍ତା ୬ ତାରିଖରେ ରାଷ୍ଟ୍ରପତି ଶିମିଳିପାଳଠାରେ ଆଦିବାସୀ ସମ୍ପ୍ରଦାୟର ମହିଳା ଏବଂ ଯୁବକମାନଙ୍କ ସହ ଭାବବିନିମୟ କରିବେ। ପରେ ହେଲିକପ୍ଟର ଯୋଗେ ମଧ୍ୟାହ୍ନ ସାଢ଼େ ୧ଟା ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରକୁ ଫେରିବେ। ସେଠାରୁ କାରକେଡ୍ ଯୋଗେ ଲୋକଭବନକୁ ଯାଇ ଅପରାହ୍ନ ୪ଟାରେ ଜାଭିଅର ଛକ ଅଭିମୁଖେ ବାହାରିବେ। ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ ସହଯୋଗରେ ଓଡିଶା ସରକାରଙ୍କ ଦ୍ୱାରା ମେ' ଫେୟାର ହୋଟେଲରେ ଆୟୋଜିତ 'ବ୍ଲାକ୍ ସ୍ୱାନ୍ ସମ୍ମିଟ୍ ଇଣ୍ଡିଆ'ରେ ଯୋଗଦେବେ। ସେହିଦିନ ଲୋକଭବନରେ ରାତ୍ରୀଯାପନ କରିବେ ରାଷ୍ଟ୍ରପତି। ତା' ପରଦିନ ସକାଳ ସାଢ଼େ ୮ଟାରେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଛାତ୍ରଛାତ୍ରୀ ଉଠାଇଲେ ଅଇଁଠାପତ୍ର



**କେନ୍ଦ୍ରାପଡ଼ା,୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଞ୍ଚାୟତର ସାହାସପୁର ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଇଁଠାପତ୍ର ଉଠାଯାଇଛି। ଏନେଇ ସ୍କୁଲ ପରିଚାଳନା ସମିତି ସମେତ ୩୦ରୁ ଅଧିକ ଅଭିଭାବକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ ରହିଛି ବିଦ୍ୟାଳୟ ନିକଟରେ ଥିବା ଏକ ମନ୍ଦିରରେ ୫ଦିନ ଧରି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାସହ କେତେକ ଉଠାଦୋକାନୀ ସେଠାରେ ବ୍ୟବସାୟ କରିଥିଲେ। ଯଜ୍ଞ ସରିବା ପରେ ସେଠାରେ ପଡିଥିବା ଅଇଁଠାପତ୍ର ଓ ପଚାସଢା ଜିନିଷକୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଠାଇଥିଲେ। ଏହାକୁ ଉଠାଇବା ପାଇଁ ବିଦ୍ୟାଳୟ ପକ୍ଷରୁ ପିଲାମାନଙ୍କୁ କୁହାଯାଇଥିଲା। ଏହାଦ୍ୱାରା ପିଲାମାନଙ୍କ ଶିକ୍ଷାଗତ ଓ ମୌଳିକ ଅଧିକାର କ୍ଷୁଣ୍ଣ ହୋଇଛି। ପିଲାମାନଙ୍କ ଦ୍ୱାରା କୌଣସି କାର୍ଯ୍ୟ ହେବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ଉଲ୍ଲଙ୍ଘନ କରିଛନ୍ତି। ତେଣୁ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ରମେଶ କୁମାର ସେଠୀ, ମନୋରଞ୍ଜନ ମହାପାତ୍ର, ବ୍ରହ୍ମାନନ୍ଦ ମଲିକ, ଭକ୍ତଚରଣ ମଲିକ, ଝରଣା ରାଉତ, ରଶ୍ମିତା ମଲିକ, ରଞ୍ଜନ ମଲିକ, ପୁଷ୍ପଲତା ମଲିକ, ଶଙ୍କର ବେହେରା ପ୍ରମୁଖ ଅଭିଭାବକ ଓ ଏସଏମସି କମିଟି ସଦସ୍ୟ ଦାବି କରିଛନ୍ତି। ଅପରପକ୍ଷରେ ଏ ସଂକ୍ରାନ୍ତରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭକ୍ତିଲତା ମହାରଣାଙ୍କୁ ପଚାରିବାରୁ ସେ କହିଲେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ପୂର୍ବ ସେନା ମୁଖ୍ୟଙ୍କ ପୁସ୍ତକକୁ ନେଇ ରାହୁଲ-ଶାହ ମୁହାଁମୁହିଁ

**ନୂଆଦିଲ୍ଲୀ,୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନା ସମୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ମନ୍ତବ୍ୟ ଦେଇଥିଲେ ଯାହା ହଙ୍ଗାମା ସୃଷ୍ଟି କରିଥିଲା। କଂଗ୍ରେସ ସାଂସଦ ଚୀନ୍ ଓ ଡୋକଲାମକୁ ନେଇ ପୂର୍ବତନ ସେନା ମୁଖ୍ୟ ମନୋଜ ନରଭାଣେଙ୍କ ନାମ ନେଇଥିଲେ। ସେ ଗୃହରେ ଦାବି କରିଥିଲେ ଯେ, ନରଭାଣେଙ୍କ ପୁସ୍ତକରେ ଉଲ୍ଲେଖ ଅଛି, ଡୋକଲାମରେ ଭାରତୀୟ ସୀମା ନିକଟରେ ଚୀନ୍ ସେନାର ଟ୍ୟାଙ୍କ ଅଛି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପୁସ୍ତକ ଉପରେ ଆପତ୍ତି ଉଠାଇଥିଲେ। ସେ କହିଥିଲେ, ଏକ ଅପ୍ରକାଶିତ ପତ୍ରିକାର କାହାଣୀକୁ ନେଇ ଏପରି କହିବା ଗୃହର ନିୟମକୁ ଉଲ୍ଲଂଘନ କରୁଛି। ରାହୁଲ ପ୍ରତିକ୍ରିୟା ଦେଇ କହିଥିଲେ, ତାଙ୍କ ଉତ୍ସ ନିର୍ଭରଯୋଗ୍ୟ ଓ ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ନରଭାଣେଙ୍କ ଅପ୍ରକାଶିତ ସ୍ମୃତିରୁ ଅଣାଯାଇଛି।

ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ରାହୁଲ ଗାନ୍ଧୀଙ୍କ ଦାବି ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅମିତ ଶାହ କହିଥିଲେ, କଂଗ୍ରେସ ସାଂସଦ ଯାହା କହିଛନ୍ତି ତାହା ସତ୍ୟ ନୁହେଁ। ରାହୁଲ *(ଶେଷ ପୃଷ୍ଠା ଦେଖନ୍ତୁ)*

## 'ସେନାକୁ ମୋ ଭାଇ କେବେ ବି ବଦନାମ୍ କରିବେନି'

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସଂସଦରେ ଦେଇଥିବା ବୟାନର ଜବାବ ଦେଇଛନ୍ତି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ। ସେ କହିଛନ୍ତି, ସେନାକୁ କେବେ ବି ମୋ ଭାଇ ବଦନାମ କରିବେନି। ସେ ସେନା ମୁଖ୍ୟଙ୍କ ପୁସ୍ତକ ଏକ ଅଂଶ ପଢୁଥିଲେ। ଏଥିରେ ଏତେ ବଦନାମ କରିବା ଭଳି କଥା କ'ଣ ? ନିୟମ ହେଉଛି ଯେ ଏକ ପବ୍ଲିକ୍ ସୋର୍ସ ରହିବା ଦରକାର। ତାହା ଏକ ପୁସ୍ତକ



ହେଉ କିମ୍ବା ଏକ ପତ୍ରିକା। ଏହା ଏକ ପୁସ୍ତକର ଏକ ଅଂଶ, ଯାହା ପତ୍ରିକାରେ ପ୍ରକାଶିତ ହୋଇସାରିଛି। କୌଣସି ଅପ୍ରତ୍ୟାଶିତ ସୋର୍ସ ନାହିଁ, ତେବେ ସମସ୍ୟା କ'ଣ ? ତେବେ ମୋଦି ସରକାର କାହିଁକି ଭୟ କରୁଛନ୍ତି ?'

# ଛାତ୍ରଛାତ୍ରୀଙ୍କୁ ଢାଲ କରି ଏନଜିଓମାନେ ଲୁଟୁଛନ୍ତି ଟଙ୍କା

**ରାଜନଗର,୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱେଚ୍ଛାସେବୀ ସଂଗଠନ(ଏନଜିଓ) ଗୁଡ଼ିକ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରୁ ଅନୁଦାନ ଆଣି ବେଧଡକ ଲୁଟ କରୁଥିବା ଘଟଣା ପୂର୍ବରୁ ଶୁଣା ଯାଉଥିଲା। ମାତ୍ର ଘଟଣାର ସତ୍ୟତା ବିଷୟରେ ସନ୍ଦିହାନ ସୃଷ୍ଟି ହୋଇଥିଲା। ଏବେ ଏଭଳି ଏକ ଘଟଣା ଏହି ଅଭିଯୋଗକୁ ସୃଷ୍ଟି କରିଛି। ସୋମବାର ଥିଲା ବିଶ୍ୱ ଆଦ୍ରଭୂମି ଦିବସ। ଏହି ଅବସରରେ ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଢୋଲମରାସ୍ଥିତ ୟୁଜିୟୁପି ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଏକ ଏନଜିଓ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ଦଶ ଟଙ୍କିଆ ବିସ୍କୁଟ ପ୍ୟାକେଟ ଦେବା ସହ ପୂର୍ବରୁ କୁମ୍ଭୀର ସଚେତନତା ପାଇଁ ଏହି ସଂଗଠନ ପକ୍ଷରୁ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯାଇଥିଲା, ଯାହାର ପ୍ରମାଣ ପତ୍ର ଆଜି ବିତରଣ କରାଯାଇଥିଲା। ପ୍ରତିଯୋଗିତା ଦିନ ଛାତ୍ରଛାତ୍ରୀମାନଙ୍କୁ ଟିଫିନ୍ ପୁଡିଆ ଦିଆଯାଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ବରାଳ ପ୍ରକାଶ କରିଛନ୍ତି। କେଉଁ ସଂସ୍ଥା ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ତାହାର ନାମ ମଧ୍ୟ କହି ପାରିନଥିଲେ। ଏପରିକି ବିଦ୍ୟାଳୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ପାଇଁ ଶିକ୍ଷା ବିଭାଗର କୌଣସି ଅଧିକାରୀଙ୍କ ପକ୍ଷରୁ ଅନୁମତି ନଥିବା ସ୍ୱୀକାର କରିଥିଲେ। ଅପରପକ୍ଷରେ ଜନୈକ ଗ୍ରାମବାସୀଙ୍କୁ ପଚାରିବାରୁ ଆଦ୍ର ଭୂମି ଦିବସ ପାଳିତ ହୋଇଥିବା କହିଥିଲେ। ଯାହାଫଳରେ ଗୋଟିଏ ଗୁଳିରେ ଦୁଇଟି ଶିକାର ଅର୍ଥାତ୍ ଆର୍ଦ୍ର ଭୂମି ଦିବସ ଓ କୁମ୍ଭୀର ସଚେତନତା ପାଳନ ନାମରେ ଅନୁଦାନ ଟଙ୍କା ଆଣିଥିବା ସନ୍ଦେହ ଦୃଢୀଭୂତ ହେଉଛି। ଆଦ୍ରଭୂମି ଦିବସ ସମ୍ପର୍କରେ ପ୍ରଧାନ ଶିକ୍ଷୟତ୍ରୀ ନକହି କେବଳ କୁମ୍ଭୀର ସଚେତନତା କହିବା ଘଟଣାକୁ ଗୋଳ ମାଳିଆ କରୁଛି। ଏପରିକି ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବରାଳ ଅନୁଷ୍ଠାନର ନାମ କିମ୍ବା କର୍ମକର୍ତ୍ତାଙ୍କ ଟେଲିଫୋନ ନମ୍ବର, କିମ୍ବା ଅନୁଷ୍ଠିତ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସିଆରପିଙ୍କୁ ମିଳିବ ସ୍ମାର୍ଟ ଫୋନ୍

**ଭୁବନେଶ୍ୱର,୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ମିଶନ ଶକ୍ତି ମହିଳାଙ୍କୁ ସ୍ମାର୍ଟ ଫୋନ୍, ନୂଆ ୟୁନିଫର୍ମ ଏବଂ ନୂଆ ଆଇଡି କାର୍ଡ ଦିଆଯିବା ନେଇ 'ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ" କାର୍ଯ୍ୟକ୍ରମରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଉତ୍କଳ ଦିବସରୁ ଏହା ମିଳିବ ବୋଲି ଘୋଷଣା କରିଛନ୍ତି ପ୍ରଭାତୀ ପରିଡା। ସ୍ମାର୍ଟ ଫୋନ୍ କମ୍ୟୁନିଟି ରିସର୍ସ ପର୍ସନଙ୍କୁ ମିଳିବ। ୪୬ ହଜାର ସିଆରପିଙ୍କୁ ସ୍ମାର୍ଟ ଫୋନ୍ ମିଳିବ। ମିଶନ ଶକ୍ତି ମହିଳାଙ୍କୁ ଦିଆଯିବାକୁ ଥିବା ଶାଢୀରେ ଓଡ଼ିଆ ଅସ୍ମିତାର ଝଲକ ରହିବ।

ମିଶନ ଶକ୍ତି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମ "ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସୁଧ ଫେରସ୍ତ"ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ମହିଳା ସଶକ୍ତିକରଣ ଏବଂ ମା' ମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର *(ଶେଷ ପୃଷ୍ଠା ଦେଖନ୍ତୁ)*




# କେନ୍ଦ୍ରାପଡ଼ାରେ ମେଡ଼ିକାଲ କଲେଜ କେବେ ?

**କେନ୍ଦ୍ରାପଡ଼ା,୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ଓ ଆର୍ଥୀକ ଅନଗ୍ରସର ଜିଲ୍ଲାରେ ଏକ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀଙ୍କ ପକ୍ଷରୁ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ହେବ ଦାବି ହୋଇ ଆସୁଛି । କେବଳ ଦାବି ହେଉଛି ତାହା ନୁହେଁ ମାସାଧିକ କାଳ ଧରି ଲୋକେ ଆନ୍ଦୋଳନ କରିଛନ୍ତି । ଆନ୍ଦୋଳନ ରାଜଧାନୀ ଯାଏ ବି ପରିବ୍ୟାପ୍ତ ହୋଇଛି । ହେଲେ ବିଜେଡ଼ି ସରକାର ଏହାକୁ ଅଣଦେଖା କରି ଆସିଥିଲା ବେଳେ ଲୋକଙ୍କ ସରକାର କହୁଥିବା ବିଜେପି ସରକାର କେନ୍ଦ୍ରାପଡ଼ା ଜିଲ୍ଲାବାସୀ ଲକ୍ଷଲକ୍ଷ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବ ବୋଲି ଆଶା ପ୍ରକାଶ ପାଇଥିଲା । କିନ୍ତୁ ରାଜ୍ୟ ବିଜେପି ସରକାର ଭଦ୍ରକ ରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିବାବେଳେ କେନ୍ଦ୍ରାପଡ଼ା ବାସୀଙ୍କୁ ଅଣଦେଖା କରିବା ନେଇ ଅସନ୍ତୋଷ ଦାନା ବାନ୍ଧୁଛି । କେନ୍ଦ୍ରାପଡ଼ାରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା ଦାବି ସହିତ ଜିଲ୍ଲାରେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସମର୍ଥନ ରହିଛି । ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୨୦୧୯ ସାଧାରଣ ନିର୍ବାଚନ ପ୍ରଚାର ରେ ଆସି ବିଜେପି କ୍ଷମତାକୁ ଆସିଲେ କେନ୍ଦ୍ରାପଡ଼ାରେ ମେଡ଼ିକାଲ କଲେଜ ନିଶ୍ଚିତ ପ୍ରତିଷ୍ଠା ହେବ ବୋଲି ଦୃଢ ପ୍ରତିଶ୍ରୁତି ଦେବା ସଙ୍ଗେ ସଙ୍ଗେ ଏହାକୁ ଜିଲ୍ଲାବାସୀଙ୍କର ପ୍ରମୁଖ ଆବଶ୍ୟକତା ଓ ଦାବି ବୋଲି ସ୍ୱୀକାର କରିଥିଲେ । ଏପରିକି ପରବର୍ତ୍ତୀ ସମୟରେ ଜିଲ୍ଲା ଗସ୍ତରେ ଆସିଥିବା ଶ୍ରୀପ୍ରଧାନ ରାଜ୍ୟ ସରକାର ଜମି ଚିହ୍ନଟ କରି ପ୍ରସ୍ତାବ ଦେଲେ କେନ୍ଦ୍ର ସରକାର ସବୁମତେ ସହାୟତା ଯୋଗାଇଦେବେ ବୋଲି କହିଥିଲେ । ଅନୁରୂପ ଭାବେ ଜିଲ୍ଲା ବିଜେପି ତା'ର ଜିଲ୍ଲା କାର୍ଯ୍ୟକାରୀଣୀରେ ମେଡ଼ିକାଲ କଲେଜ ଦାବିକୁ ପ୍ରଥମିକତା ଦେଇ ଥିଲା । କଂଗ୍ରେସ ଓ ବାମଦଳ ମାନେ ତ ବହୁ ଆଗକୁ ଯାଇ ଏହି ଦାବି ପୁରଣ ନିମନ୍ତେ ରାଜ୍ୟ ସ୍ତରୀୟ ନେତୃମଣ୍ଡଳୀଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିସାରିଛି । ଅନ୍ୟ ପକ୍ଷରେ ମିଳିତ କ୍ରିୟାନୁଷ୍ଠାନ କମିଟି ଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ପରିଷଦ, ଜିଲ୍ଲା ସଚେତନ ନାଗରିକ ମଞ୍ଚ ଓ ଗତ ୨୦୦୯ରୁ ଏହି ଦାବି ଉଠାଇ ଆସିଥିବା ଜିଲ୍ଲା ଜନ ସୁରକ୍ଷା ମଞ୍ଚ ଯାଏ ବିଭିନ୍ନ ଗଣ ସଂଗଠନ ଏହି ଦାବି ନେଇ ଆନ୍ଦୋଳନ ଚଳାଇ ଆସିଛନ୍ତି । ହେଲେ ରାଜ୍ୟ ବିଜେପି ସରକାର କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ ନିରବତା ଅବଲମ୍ବନ କରିଛନ୍ତି । ପ୍ରକୃତପକ୍ଷେ ଜିଲ୍ଲାବାସୀଙ୍କ ମୁଣ୍ଡପିଛା ଆୟ କୁ ହିସାବକୁ ନେଲେ ଏହି ଜିଲ୍ଲା ରାଜ୍ୟର ୪ର୍ଥ ଦାରିଦ୍ର୍ୟ ଜିଲ୍ଲା । ପ୍ରାକୃତିକ ବିପର୍ଯ୍ୟୟ ହେଉ କି ରାସାୟନିକ ବିପର୍ଯ୍ୟୟ ହେଉ ଅଥବା ସଡ଼କ ଦୁର୍ଘଟଣା ହେଉ ଏଠାରେ ସବୁବେଳେ ଦୁର୍ଘଟଣାର ଭୟ ଅଛି । ଆଜିବି ଜିଲ୍ଲାର ବହୁ ଅଞ୍ଚଳ ଦୁର୍ଗମ ହୋଇରହିଛି । ଏହି ଅଞ୍ଚଳରୁ ଓ ଜରୁରୀ ଉନ୍ନତ ଚିକିତ୍ସା ଆବଶ୍ୟକ କରୁଥିବା ବ୍ୟକ୍ତିଟିଏ ପ୍ରଥମେ କେନ୍ଦ୍ରାପଡ଼ା ଏବଂ ପରେ କଟକ ବଡ଼ ଡ଼ାକ୍ତରଖାନାରେ ପହଞ୍ଚିଲାବେଳକୁ ଅନେକ ସମୟରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ବର୍ଷରେ ଅନ୍ୟୁନ ୫ହଜାରରୁ ଉର୍ଦ୍ଧ୍ୱ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରେଫର ହୋଇ ହେଉ କି ସିଧାସଳଖ ହେଉ ଜରୁରୀ ଚିକିତ୍ସା ନିମନ୍ତେ କଟକ/ଭୁବନେଶ୍ୱର ଯାଇଥାନ୍ତି । ଅଭାବୀ ଲୋକେ ସେଠାରେ ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହେବା ନଜିର ମଧ୍ୟ ବିରଳ ନୁହେଁ । ଏସବୁକୁ ବିଚାରକୁ ନେଲେ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ହାତପାହାନ୍ତାରେ ଆବଶ୍ୟକ ଉନ୍ନତ ଚିକିତ୍ସା ସୁବିଧା ରହିବା ଜରୁରୀ । ହେଲେ ଜିଲ୍ଲାରେ ଉନ୍ନତ ଅତ୍ୟାବଶ୍ୟକ ଚିକିତ୍ସା ତ ଦୂରର କଥା ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ବି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଲୋକେ ଜିଲ୍ଲାର ଚିକିତ୍ସା ବ୍ୟବସ୍ଥା ଉପରୁ ସଂପୂର୍ଣ୍ଣ ଆସ୍ଥା ହରାଇ ସାରିଛନ୍ତି । ସେଥିପାଇଁ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଟିଏ ହେଲେ ଅନ୍ତତଃ ଲୋକେ ଚିକିତ୍ସା ଅଭାବରୁ ମୃତ୍ୟୁ ମୁଖରେ ପଡ଼ିବା ଭୟରୁ କ୍ଷାନ୍ତ ପାଇପାରିବେ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କ ପକ୍ଷରୁ ୧୫ବର୍ଷରୁ ଉର୍ଦ୍ଧ୍ୱ ହେବ ମେଡ଼ିକାଲ କଲେଜ ଦାବି ହୋଇ ଆସୁଛି । ତେବେ ପୂର୍ବ ସରକାରଙ୍କ ଭଳି ବର୍ତ୍ତମାନର ସରକାର ଏହାକୁ ଅଣଦେଖା କରିବାକୁ ଜିଲ୍ଲାବାସୀ ସହଜରେ ଗ୍ରହଣ କରିପାରୁନାହାଁନ୍ତି ।

# ନଦୀକୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଚ଼ମ୍ପୁଆ: ଏକ୍ସପ୍ରେସ ନ୍ୟୁଜ୍**

ଚ଼ମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଅର୍ନ୍ତଗତ ଲହଣ୍ଡା ଗ୍ରାମ ଦେଇ ଯାଇଥିବା ସୁନା ନଦୀ ନିକଟରୁ ଜଣେ ଯୁବକଙ୍କ ରକ୍ତ ଯୁଡୁବୁଡୁ ଅବସ୍ଥାରେ ମୃତ ଦେହ ଉଦ୍ଧାର କରିଛି ପୋଲିସ। ସାଙ୍ଗଙ୍କ ସହ ଲହଣ୍ଡା ସୁନା ନଦୀ କୂଳକୁ ପିକନିକ ମାନିବାକୁ ଯାଇଥିବା ବେଳେ ଏହି ଘଟଣା ଘଟିଥିବା ପ୍ରାଥମିକ ସୂତ୍ରରୁ ଜଣାପଡିଛି। ଉକ୍ତ ଜାଗାରେ ମୃତ ଦେହ ମିଳିଥିବାରୁ କେହି ସେଠାରେ ତାଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକେ ସନ୍ଦେହ କରିଛନ୍ତି। ଯୁବକ ଜଣଙ୍କ ଯୋଡ଼ା ଥାନା ଅନ୍ତର୍ଗତ ବାଚୁ ହଟିଂ ଅଞ୍ଚଳର ମିହିର ଦାସ (୨୭) ନାମକ ଯୁବକ ବୋଲି ଜଣାପଡିଛି। ମିହିର ଏକ ଟେଗା ନାମକ ଏକ ଖଣି ସଂସ୍ଥାରେ କାମ କରୁଥିଲେ। ରବିବାର ଛୁଟି ଥିବାରୁ ଅନ୍ୟ ସହକର୍ମୀଙ୍କ ସହ ପିକନିକ୍ କରିବାକୁ ଲହଣ୍ଡା ସ୍ଥିତ ସୁନା ନଦୀ କୂଳକୁ ଯାଇଥିଲେ। ସେଥିରେ ମିହିରଙ୍କୁ କେହି ମାଡ ମାରିଥିବା ନେଇ ସାନ ଭାଇଙ୍କୁ କହିଥିଲେ, ପରେ ସାନ ଭାଇ ଫୋନ କରିବାରୁ ଆଉ ଫୋନ ଉଠାଇ ନଥିଲେ ମିହିର। ଫଳରେ ବହୁ ଖୋଜା ଖୋଜି ପରେ ଲହଣ୍ଡା ସୁନା ନଦୀ ରାସ୍ତା କଡ଼ରେ ମିହିରଙ୍କ ରକ୍ତ ଯୁଡୁବୁଡୁ ମୃତ ଦେହ ଠାବ ହେଇଥିଲା। ସେଠାରେ ତାଙ୍କ ବାଇକ୍ ମଧ୍ୟ ପଡ଼ି ରହିଥିଲା। ଯୋଡ଼ା ପୋଲିସ୍ ମୃତ ଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଚ଼ାରି ଜଣଙ୍କୁ ଅଟକ ରଖି ପୋଲିସ ପଚ଼ରାଉଚ଼ରା ଜାରୀ ରଖିଥିବା ଜଣା ପଡିଛି।


# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩ ଫେବୃଆରୀ ୨୦୨୬। ମଙ୍ଗଳବାର




## ପାଣିରେ ବୁଡି ଛାତ୍ରର ମୃତ୍ୟୁ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଗାଧୋଉଥିବା ସମୟରେ ପାଣିରେ ବୁଡି ଛାତ୍ରର ମୃତ୍ୟୁ ହୋଇଥିବା ନେଇ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ସୂଚ଼ନା ଅନୁଯାୟୀ ରବିବାର ଅପରାହ୍ନ ସାଢେ ୨ଟା ସମୟରେ ଜୟପୁର ସଦରଥାନା ଅନ୍ତର୍ଗତ ଉପର କଲାବ ଅଞ୍ଚଳର ଗୁରୁନାଥ ଟାକ୍ରିଙ୍କ ପୁଅ ମହେଶ ଟାକ୍ରି (୧୩) ତାଙ୍କ ସାଙ୍ଗମାନଙ୍କ ସହ ପାଣିରେ ଗାଧୋଉଥିବା ସମୟରେ ହଠାତ ବୁଡିଯାଇଥିଲେ। ସାଙ୍ଗମାନେ ନିକଟସ୍ଥ ବସ୍ତିରେ ଥିବା ଲୋକଙ୍କୁ କହିବା ପରେ ବସ୍ତିର ଲୋକେ ଆସି ମହେଶଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସପିଟାଲକୁ ନେବା ପରେ ଡାକ୍ତର ଛାତ୍ର ମହେଶର ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚ଼ନା ଦେଇଛନ୍ତି।

## ସିମିଳିଆରେ ଧାନମଣ୍ଡି




**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ସିମିଳିଆ ପାକ୍ସର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସିମିଳିଆ ପାକ୍ସ ପକ୍ଷରୁ ବୁଢ଼ାଘାଟ ଠାରେ ଧାନ ମଣ୍ଡି ଖୋଲାଯାଇ କୃଷକଙ୍କ ଠାରୁ ସରକାରଙ୍କ ନିୟମାନୁଯାୟୀ ଧାନ କ୍ରୟ କରାଯାଉଛି। ସମ୍ପାଦକ ବିଚିତ୍ରାନନ୍ଦ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଷୀ ମଣ୍ଡିରେ ଧାନ ଦେବା ସହ ବିଶ୍ରାମ ସ୍ଥଳରେ ବିଶ୍ରାମ ନେଉଛନ୍ତି। ଚାଷୀଙ୍କ ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଟୋକନ ପାଇଥିବା ଚାଷୀ ଧାନ ମଣ୍ଡିରେ ବିକ୍ରି କରୁଛନ୍ତି। ମଣ୍ଡିରେ ଚାଷୀଙ୍କ ପକ୍ଷରୁ ଦିଆଯାଇଥିବା ଧାନ ମିଲର ଟ୍ରକ ଯୋଗେ ମିଲ୍‌କୁ ନେଉଥିବା ଦେଖିବାକୁ ମିଳିଛି। ସିମିଳିଆ ପାକ୍ସର ଟୋକନ ପାଇଥିବା ଚାଷୀ ଧାନ ମଣ୍ଡିରେ ଧାନ ବିକ୍ରି କରିବା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ସିମିଳିଆ ପ୍ୟାକ୍ସ ପକ୍ଷରୁ ସଭାପତି ଶରତ ସାହୁ, ମହେନ୍ଦ୍ର ନାୟକ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ରହୁଥିବା ବେଳେ ଅଦ୍ୟାବଧି ୧୫ଶହ କ୍ୱିଣ୍ଟାଲ ଧାନ ଚାଷୀଙ୍କ ଠାରୁ କ୍ରୟ କରାଯାଇଛି ବୋଲି ସମ୍ପାଦକ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ମ୍ୟୁନସିପାଲଟି ସ୍ୱପ୍ନ ଦେଖାଇ ଗାଁ ବିଭାଜନ ଉଦ୍ୟମ

**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**



ମୁନ୍ସିପାଲଟିରେ ଗାଁ ମିଶ୍ରଣକୁ ନେଇ ବଢିଲା ବିବାଦ। ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ଦେଇ ଗାଁ ବିଭାଜନକୁ ରକ୍ଷାକରିବାକୁ ଦାବି କଲେ ଗ୍ରାମବାସୀ। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଗଙ୍ଗାପୁର ପଞ୍ଚାୟତ କାର୍ଯ୍ୟାଳୟ ସାମନାରେ ଦେଖିବାକୁ ମିଳିଲା ଅଭାବନୀୟ ଘଟଣା। ଯାହା ସୂଚ଼ନା ମିଳିଛି ରାଜ୍ୟ ସରକାର ନୂଆ ମ୍ୟୁନସିପାଲଟି ଘୋଷଣା ପରେ କବିସୂର୍ଯ୍ୟନଗର ଏନଏସିକୁ ମ୍ୟୁନସିପାଲଟି ଘୋଷଣା କଲେ। ହେଲେ ଘୋଷଣା କରିବା ପୂର୍ବରୁ ଭୌଗୋଳିକ ମାନଚ଼ିତ୍ରରେ ଆବଶ୍ୟକ ଜନସଂଖ୍ୟା ଦୃଷ୍ଟିରୁ ଗୁଡିଆଳି ପଞ୍ଚାୟତ ଓ ଗଙ୍ଗାପୁର ପଞ୍ଚାୟତର ବଡଆଗୁଳ ଗ୍ରାମକୁ କବିସୂର୍ଯ୍ୟନଗର ମ୍ୟୁନସିପାଲଟିରେ ମିଶ୍ରଣ କରିବାକୁ ଗ୍ରାମସଭା ମାଧ୍ୟମରେ ସହମତି ମଗାଗଲା। ଗୁଡିଆଳି ପଞ୍ଚାୟତକୁ ପୁରା ମିଶ୍ରଣ କରାଯାଇଥିଲେ ମଧ୍ୟ ଗାଙ୍ଗପୁର ପଞ୍ଚାୟତର ବଡ଼ଆଗୁଳ ଗ୍ରାମର ୬ଟି ୱାର୍ଡ ମଧ୍ୟରୁ ୪ଟି ୱାର୍ଡକୁ ମିଶ୍ରଣ କରି ବଳକା ୨ଟି ୱାର୍ଡକୁ ପଞ୍ଚାୟତରେ ରଖିବା ଜାଣିବା ପରେ ଗାଁ ବିଭାଜନ ପ୍ରକ୍ରିୟାକୁ ନେଇ ଗାଁରେ ଅଶାନ୍ତି ବଢୁଛି। ହେଲେ ମିଶ୍ରଣ ପ୍ରକିୟା ପୂର୍ବରୁ ଆପତ୍ତି ଅଭିଯୋଗ ନୋଟିସ କରାଯାଇନଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। କିଏ କେଉଁଠି ନୋଟିସ ଲଗାଇଲେ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀମାନେ। ଏନେଇ ସରପଞ୍ଚ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ପୁରା ଗାଁକୁ ମ୍ୟୁନସିପାଲଟିରେ ମିଶାଇବାକୁ କହି ସହମତି ମଗାଯାଇଥିଲା। କିନ୍ତୁ ପ୍ରଶାସନ ନିଜ ଇଚ୍ଛାରେ ୨ଟି ୱାର୍ଡକୁ ବାଦ ଦେଇଥିବାରୁ ପୁନର୍ବିଚ଼ାର କରିବା ପାଇଁ ଦାବି କରାଯାଉଛି। ଏପଟେ ବିଡ଼ିଓ କହିଛନ୍ତି ପଞ୍ଚାୟତ ଗ୍ରାମସଭାରେ ନିଷ୍ପତ୍ତି କରି ଆମକୁ ପ୍ରଦାନ କରିଛନ୍ତି ଏଣୁ ଗ୍ରାମସଭା ଅନୁଯାୟୀ ପ୍ରକ୍ରିୟା କରାଯାଇଛି ଯଦିଓ ସେମାନେ ଅଭିଯୋଗ ଦେଇଛନ୍ତି ଜିଲ୍ଲାପାଳ ଯାହା ନିଷ୍ପତ୍ତି ନେବେ ବୋଲି ବିଡ଼ିଓ କହିଛନ୍ତି।

କିଛି ସ୍ୱାର୍ଥନ୍ୱେଷ ବ୍ୟକ୍ତି ଏଭଳି ଲୁକାୟିତ କାର୍ଯ୍ୟ କରି ଗାଁ ବିଭାଜନ ପାଇଁ ଯେଉଁ ଅପଚେଷ୍ଟା କରିଛନ୍ତି ସରକାର ତୁରନ୍ତ ପୁନର୍ବିଚ଼ାର କରିବାକୁ ଦାବି କରିଛନ୍ତି ଯଦି ଗାଁ ମିଶ୍ରଣ ହେବ ପୁରା ମିଶ୍ରଣ ହେବ ନଚେତ ପୁରା ବାଦ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ସରକାର ଯଦି ନଶୁଣିବେ ଗାଁ ବିଭାଜନ ପାଇଁ ଉଦ୍ୟମ କରିବେ ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପ୍ରଶାସନ ଦାୟୀ ରହିବେ ଏବଂ ଗାଁ ନିଷ୍ପତ୍ତି ପ୍ରକାରେ ଭୋଟ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ଯୋରନ୍ଦା ମେଳାରେ ଶୂନ୍ୟବ୍ରହ୍ମଙ୍କୁ ଆରାଧନା

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମାଘ ମେଳା ରବିବାର ଦ୍ୱତୀୟ ଦିବସରେ ଦେଶ ପୂର୍ଣ୍ଣିମା ମହା ଆଡମ୍ବର ସାକାରରେ ପାଳିତ ହୋଇଛି। ଜଗତ ଭକତର ମଙ୍ଗଳ ପାଇଁ ଶୂନ୍ୟ ମନ୍ଦିର ଚାରି ମୁଖସାଳାର ଦ୍ୱାର ଗୁଡିକରେ ଚାରୋଟି ଝାଡ଼ ଦୀପ ପ୍ରଜ୍ୱଳିତ ହୋଇଛି। ଏହି ଝାଡଦୀପରେ ସନ୍ୟାସୀ ସାଧୁ ସନ୍ଥ ଓ ଶ୍ରଦ୍ଧାଳୁମାନେ ଘୃତହୁତି ପ୍ରଦାନ କରିଥିଲେ। ଝାଡଦୀପ ପ୍ରଜ୍ୱଳନ ସମୟରେ ଗୁରୁବ୍ରହ୍ମା, ମହିମା ଅଲେଖ, ଅଲେଖ ନିରନ ଧ୍ୱନିରେ ପୀଠର ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। ସେହିପରି ଶ୍ରଦ୍ଧାଳୁମାନେ ଶୂନ୍ୟ ବ୍ରହ୍ମଙ୍କ ଉଦେଶ୍ୟରେ ହରିବୋଲ ହୁଳହୁଳି ପକାଇ ଥିଲେ। ଗାଦି ମନ୍ଦିରର ପଶ୍ଚିମ ଦ୍ୱାରରେ ଅପରାହ୍ନ ୫.୫ରେ ଝାଡଦୀପ ଲାଗିଥିଲା। ତାପରେ ମନ୍ଦିରର ଚତୁର୍ପାଶ୍ୱରେ ଥିବା ଧ୍ୱନି ମନ୍ଦିର, ଅଖଣ୍ଡ ଜ୍ୟୋତି ମନ୍ଦିର, ସମତେ ବିଭିନ୍ନ ଉପାସନା ପୀଠ, ମଠ ଓ ମନ୍ଦିରରେ ଝାଡବୃକ୍ଷରେ ଘୃତହୁତି ହୋଇଥିଲା। ଗାଦି ମନ୍ଦିରରେ ରାତ୍ରିର ଶେଷ ପହରରେ ସାଧୁମାନେ ପୂର୍ବଦିନ ଭଳି ନୀତିକାର୍ଯ୍ୟ କରି ଝାଡ଼ଦୀପରେ ଘୃତାହୂତି ଆରମ୍ଭ କରିଥିଲେ। ଯୋରନ୍ଦା ମେଳାରେ ଦ୍ୱତୀୟ ଦିନରେ ପ୍ରାୟ ଲକ୍ଷାକ୍ଷଧିକ ଶ୍ରଦ୍ଧାଳୁ ସମାଗମ ହୋଇଛି। ଚଳିତ ବର୍ଷ ଯୋରନ୍ଦା ମହିମା ଗାଦୀରେ ପ୍ରଭୁ ପୂର୍ଣ୍ଣିମା ଉତ୍ସବ ତଥା ମାଘ ମେଳାକୁ ଯାକଜକମରେ ପାଳନ କରାଯାଇଛି। ଚଳିତ ବର୍ଷ ରାଜ୍ୟ ଓ ରାଜ୍ୟ ବାହାର ପଶ୍ଚିମବଙ୍ଗ, ଆସାମ, ବିହାର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ପଡୋଶୀ ରାଷ୍ଟ୍ର ନେପାଳ ଏବଂ ଅନ୍ୟାନ ଦେଶରୁ ମଧ୍ୟ ଶ୍ରଦ୍ଧାଳୁମାନେ ଯୋରନ୍ଦା ମେଳା ବୁଲି ଦେଖୁଛନ୍ତ। ଏଥିସହିତ ମେଳାରେ ବିଦେଶୀ ପ୍ରଯ୍ୟଟକ ପରିଭ୍ରମଣ କରୁଥିବା ଦେଖୁଥିବା ମିଳୁଛି। ସେମାନେ ଉପାସନା ପୀଠ, ମଠ ମନ୍ଦିର ବୁଲି ବେଶ ମଜା ଉଠଉଛନ୍ତି। ଶ୍ରଦ୍ଧାଳୁମାନେ ସେମାନଙ୍କ ସହ ସେଲ୍ଫି ଫଟ ଉଠଉଛନ୍ତି। ଗାଦି ମନ୍ଦିରରେ ସୁନା, ରୁପାର ଅଳଙ୍କାର ଅଢେଣୀ, ତରାଶ, ମକରତ୍ରୋଣ ଆଦିକୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି। ସେହିପରି ମେଳାରେ ବିଭିନ୍ନ ମନୋହରୀ ଜିନିଷ କୃଷି ଉପକରଣ, ଘର ସଜାସଜି ସାମଗ୍ରୀକୁ ଶ୍ରଦ୍ଧାଳୁମାନେ କିଣି ଘରକୁ ନେଉଥିବା ଦେଖିବାକୁ ମିଳୁଛି। ଚାଟ, ଗୁପଚୁପ, ଦହିବରା, ଫାଷ୍ଟ ଫୁଡ଼, ଠୁଙ୍କା ପୁରୀ, ଆଦିର ଖାଦ୍ୟ ପସରା ମେଳୁଛି। ରାତ୍ରୀରେ ଅପେରା ପାଟିରେ ଲୋକ ନାହିଁ ନଥିବା ଭିଡ ପରିଲିକ୍ଷିତ ହେଉଛି। ନିକଟସ୍ଥ କ୍ରିକେଟ ପଡିଆରେ ଯାତ୍ରା ପାଟି ନାଟକ ପରିବେଷଣ ହେଉଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଗାଦୀ ମନ୍ଦିର ନିକଟରେ ଧର୍ମ ମହାସଭା ଅନୁଷ୍ଠିତ ହବ।

## ଦୈନିକ ଶତାଧିକ ଟ୍ରକ୍ ଚୋରାମାଟି ଚ଼ାଲାଣ: ଅଧିକାରୀ ଚୁପ୍



**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ଦୁର୍ନୀତି ଓ ଭ୍ରଷ୍ଟାଚାର ଏବଂ ଅନ୍ୟାୟକୁ ବରଦାସ୍ତ କରାଯିବନି ବୋଲି ରାଜ୍ୟ ସରକାରଙ୍କ ସ୍ଲୋଗାନ ଥିବାବେଳେ ପୁରୀ ଜିଲ୍ଲାର ଗୋପରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଗତ କିଛି ଦିନ ହେବ ଗୋପ ପଞ୍ଚାୟତରୁ ଦୈନିକ ଶତାଧିକ ମାଟି ଉଠୁଛି ତାହା ପୁଣି ନମ୍ବର ବିହୀନ ଟ୍ରାକ୍ଟର ଦ୍ୱାରା, ଏ ସମ୍ପର୍କରେ ଗୋପର ଆରଆଇଙ୍କୁ ଆମ ପ୍ରତିନିଧି ଫୋନ ଯୋଗେ ଯୋଗାଯୋଗ କରିଥିଲେ। ମାଡାମଙ୍କ କହିବାକଥା ମାଟି ଉଠୁବ କିନ୍ତୁ ମୋ ଜ୍ଞାତସାରରେ ଉଠୁନି କି ସେ ସମ୍ପର୍କରେ ମୋ ପାଖରେ କୌଣସି ସୂଚ଼ନା ମଧ୍ୟ ନାହିଁ ସାର ଜାଣିଥିବେ। ବାସ୍ତବତା ହେଉଛି ଗୋପ ତହସିଲ କାର୍ଯ୍ୟାଳୟ ପଛରୁ ଓ ପଞ୍ଚାୟତର ଶେଷ ଭାଗରୁ ଦୈନିକ ଶତାଧିକ ଟ୍ରିପ ମାଟି ଚୋରା ଚ଼ାଲାଣ ହେଉଛି। ସକାଳ ୬ରୁ ସନ୍ଧ୍ୟା ୬ଟାରୁ ଊର୍ଦ୍ଧ୍ୱ ସମୟ ଧରି। ଏହାଦ୍ୱାରା କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର। ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ କେହିଁ ବିରୋଧ କରୁନାହାନ୍ତି। ଉକ୍ତ ବିକାଶ ମୂଳକ କାର୍ଯ୍ୟ ପାଇଁ ଯେଉଁ ଠିକାଦାରଙ୍କୁ ସ୍ୱୀକୃତି ମିଳିଛି ତାଙ୍କ ଅନୁଗାମୀଙ୍କ ଦ୍ୱାରା ମାଟି ବାଲି ଚୋରା ଚ଼ାଲାଣ ହେଉଛି। ଏହାଦ୍ୱାରା ସରକାର ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। କୁସୁଭଦ୍ର ନଦୀବନ୍ଧ ସୁଦୃଢିକରଣ କାର୍ଯ୍ୟ ହେଉ କି ନାଳ ବନ୍ଧ ନବୀକରଣ ହେଉ କି ପଞ୍ଚାୟତର ଅନ୍ୟ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଉ ସବୁ ଦଣ୍ଡିଆଙ୍କ ପ୍ରଭାବ ଦେଖିବାକୁ ମିଳୁଛି। କିଛି ବ୍ୟକ୍ତି ନିଜକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ପାଖ ଲୋକ ସହିତ ନିଜକୁ ଆତ୍ମ ଘୋଷିତ ପଦପଦବୀର ପ୍ରମୁଖ କାହିଁ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବା ଶୁଣିବାକୁ ମିଳୁଛି। ଏଥିପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଅଧିକାରିଣୀମାନେ ମଧ୍ୟ ଜି ଜାନ ଲଗାଇଦେଉଛନ୍ତି। ଅପର ପକ୍ଷରେ ଠିକାଦାର ମାତ୍ରାଧିକ ଅଗ୍ରିମ ପିସି ଦେଇଥିବାରୁ କାର୍ଯ୍ୟ ସବୁ ଅତି ନିମ୍ନମାର ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

## ବୁଗୁଡ଼ାରେ ଟ୍ରାଫିକ ସମସ୍ୟା

**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡା ସହରର ମୁଖ୍ୟ ସଡକ ସମେତ ବିଭିନ୍ନ ଛକରେ ଯାନବାହାନ ଚ଼ଳାଚ଼ଳ ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବୁଗୁଡା ମୁଖ୍ୟ ରାସ୍ତାରେ ଦୈନିକ ଶହ ଶହ ଯାନବାହାନ ଚ଼ଳାଚ଼ଳ ହେଉଥିବା ବେଳେ ବିଭିନ୍ନ ବେପାରୀ ରାସ୍ତା କଡ ଅତିକ୍ରମ କରି ପସରା ମେଲାଇ ବେପାର ଜମାଉଥିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅଧିକାଂଶ ସମୟରେ ଯାନବାହାନ ଗୁଡିକର ଲମ୍ବା ଧାଡ଼ି ଲାଗିଯାଉଛି। ଏହି ସମସ୍ୟାର ସମାଧାନ କରିବାରେ ଦୀର୍ଘ ସମୟ ଲାଗିଯାଉଛି ଏବଂ ଅଯଥା ପାଟିତୁଣ୍ଡ ସାଙ୍ଗକୁ ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ବେଳେ ବେଳେ ଏହି ଟ୍ରାଫିକ୍ ସମସ୍ୟାରେ ଫସି ଯାଉଛି। ଏହି ଟ୍ରାଫିକ ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ଏନ୍‌ଏସି ଏବଂ ପୋଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

## ବାଣିଜ୍ୟ

## ବେଦାନ୍ତ ଆଲୁମିନିୟମକୁ ସମ୍ପ୍ରସାରଣ ପାଇଁ ଜମି ଆବଣ୍ଟନ ପତ୍ର ପ୍ରଦାନ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




ଓଡ଼ିଶାର ଶିଳ୍ପ ଗତିକୁ ତ୍ୱରାନ୍ୱିତ କରିବା ସହିତ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ) ହେମନ୍ତ ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କଠାରୁ ୧,୪୪୭ ଏକରରୁ ଅଧିକ ଜମିର ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି, ଯାହାକି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱରା ଔଦ୍ୟୋଗିକ ବିକାଶ ପ୍ରତି ଏକ ଯୁଗାନ୍ତକାରି ପଦକ୍ଷପ ଭାବରେ ସବ୍ୟସ୍ତ ହୋଇଛି। ରାଜ୍ୟରେ ବେଦାନ୍ତ ଆଲୁମିନିୟମର ଆଗାମୀ ଭବିଷ୍ୟତ ଅଭିବୃଦ୍ଧି ଏବଂ ସମ୍ପ୍ରସାରଣ ଯୋଜନାକୁ ସୁଗମ କରିବା ପାଇଁ ଏହି ଆବଣ୍ଟନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶା ରଣନୈତିକ ଗସ୍ତରେ ଥିବାବେଳେ ଏହି ମାଇଲଖୁଣ୍ଟ ସ୍ଥାପନ ହୋଇଛି, ଯାହାକି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ଏବଂ ପାରମ୍ପରିକ ବିକାଶକୁ ବିସ୍ତାର କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଚଳିତ ସପ୍ତାହରେ ତାଙ୍କର ଯୋଗଦାନ ରାଜ୍ୟର ବୃହତ ଉତ୍ପାଦନକୁ ସକ୍ଷମ କରିବା, ଡାଉନଷ୍ଟ୍ରିମ୍ ସୁଯୋଗକୁ ଶକ୍ତିଶାଳୀ କରିବା ତଥା ବିଶ୍ୱ ଶିଳ୍ପ ପାଇଁ ଓଡ଼ିଶାକୁ ଏକ ପସନ୍ଦିତ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଯାହାକି ଆଜି ବେଦାନ୍ତ ଆଲୁମିନିୟମକୁ ଏହି ଜମି ଆବଣ୍ଟନରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି।

ଏହି ଅଭିବୃଦ୍ଧି ପ୍ରକଳ୍ପଗୁଡ଼ିକ ବୃହତ ଉତ୍ପାଦନକୁ ସମର୍ଥନ କରିବା ତଥା ଡାଉନଷ୍ଟ୍ରିମ୍ ସୁଯୋଗକୁ ଅନଲକ୍ କରି ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଖଣି ମନ୍ତ୍ରଣାଳୟର ଆଲୁମିନିୟମ ଭିଜନ୍ ଡକ୍ୟୁମେଣ୍ଟ (୨୦୨୫) ଦ୍ୱାରା ଭାରତର ଆଲୁମିନିୟମ ଚାହିଦା ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ଛଅ ଗୁଣ ବୃଦ୍ଧି ପାଇ ପ୍ରାୟ ୩୭ଏମଟିପିଏ ହେବ ବୋଲି ଆକଳନ କରାଯାଇଥିବାରୁ, ଆଗାମୀ ପ୍ରକଳ୍ପ ଏହି ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାରେ ଏକ ସମୟୋଚିତ ଭୂମିକା ଗ୍ରହଣ କରିବ। ଯାହାକି ବର୍ଦ୍ଧିତ ଶିଳ୍ପ କାର୍ଯ୍ୟକଳାପ ଏବଂ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୃଷ୍ଟି ମାଧ୍ୟମରେ ଆଂଚଳିକ ବିକାଶକୁ ଶୁଦୃଢ କରିବ।

## ବୃଦ୍ଧଙ୍କୁ ଗିରଫ ପ୍ରତିବାଦରେ ଥାନା ଘେରାଉ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ଗ୍ରାମର ଜଣେ ବୃଦ୍ଧଙ୍କୁ ମିଥ୍ୟା ଅଭିଯୋଗରେ ପୋଲିସ ଗିରଫ କରିକୋର୍ଟ ଚ଼ାଲାଣ କରିଥିବା ପ୍ରତିବାଦରେ ରବିବାର ପୂର୍ବାହ୍ନରେ ଶତାଧିକ ଗ୍ରାମବାସୀ ଘେରାଉ କରିଛନ୍ତି। ପ୍ରକାଶ ଯେ, ଆରସା ଗ୍ରାମର ଜଣେ ବୃଦ୍ଧ ସେହି ଗ୍ରାମର ଜଣେ ନାବାଳିକାଙ୍କୁ ଗତ ମାସ ୨୩ ତାରିଖରେ ଅସଦାଚ଼ରଣ କରିଥିବା ନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମକଦ୍ଦମା ରୁଜୁ କରି ବୃଦ୍ଧ ସୁରେନ୍ଦ୍ର ନାଥ ବେହେରାଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିଲା। ତେବେ ଜଣେ ୭୨ ବର୍ଷୀୟ ବୃଦ୍ଧଙ୍କୁ ମିଥ୍ୟା ମକଦ୍ଦମାରେ ଫସାଇ ଦିଆଯିବା ନେଇ ଗ୍ରାମବାସୀ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଏସମ୍ପର୍କରେ ସେମାନେ ଆଇଆଇସିଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିଲେ। ସେମାନେ ଦର୍ଶାଇଛନ୍ତି ଯେ, ଅଭିଯୋଗକାରିଣୀ ଆରସା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ୨ୟ ବିବାହ କରିଛନ୍ତି। ଏହି ବିବାହକୁ ସୁରେନ୍ଦ୍ର ତଥା କେତେକ ଗ୍ରାମବାସୀ ବିରୋଧ କରିଥିବା ବେଳେ ସୁରେନ୍ଦ୍ର ସେହି ବ୍ୟକ୍ତିଙ୍କ ୧ମ ସ୍ତ୍ରୀକୁ ନିଜ ଘରେ ଆଶ୍ରୟ ଦେଇଥିଲେ। ପରେ ସେହି ବ୍ୟକ୍ତିଜଣକ ୩ଲକ୍ଷ ୫୦ ହଜାର ଟଙ୍କା ଦେଇ ୧ମ ସ୍ତ୍ରୀ ସହ ଛାଡପତ୍ର କରାଇଥିଲେ। ସେହି ମହିଳାଙ୍କୁ ସୁରେନ୍ଦ୍ର ସହାୟତା କରିଥିବାରୁ ଏଥିରେ କ୍ରୋଧାନ୍ୱିତ ହୋଇ ସେହି ବ୍ୟକ୍ତିଙ୍କ ୨ୟ ସ୍ତ୍ରୀ ସୁରେନ୍ଦ୍ରଙ୍କ ନାଁରେ ନିଜ ୭ବର୍ଷର ଝିଅକୁ ସୁରେନ୍ଦ୍ର ଅସଦାଚ଼ରଣ କରିଥିବା ମିଥ୍ୟା ଅଭିଯୋଗ କରିଥିବା ଜଣାଯାଇଛି। ତେବେ ସେମାନେ ବୃଦ୍ଧଙ୍କ ଗିରଫର ପ୍ରତିବାଦ ସ୍ୱରୂପ ଥାନା ଘେରାଉ କରିଥିଲେ। ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି ଜଣାଇଛନ୍ତି। ଗ୍ରାମର ଶଶି ଭୂଷଣ ମହଲା, କପିଳେନ୍ଦ୍ର ନାୟକ, ପୂର୍ଣ୍ଣେନ୍ଦୁ ଶେଖର ମହଲା, ଜ୍ୟୋତିର୍ମୟ ପାଣ୍ଡ୍ୱ, ବିଭୂତି ଭୂଷଣ ପାଟ, ଗୌରହରି ସାହୁ, ଗୋପବନ୍ଧୁ ମହଲା, ରୀନାରାଣୀ ସ୍ୱାଇଁ, ଗୋଦାବରୀ ସେଠୀ, ତିଳୋତାମା ବାରିକ, ସୁନିଲତା ବାରିକ, ମନୋରମା ବାରିକ, ମମତା ପରିଡା, କପିଳେନ୍ଦ୍ର ନାୟକ, ଭାସ୍କର ନାୟକ, ରାଧା କାନ୍ତ ମହଲା, ସୁବାଷ ମହଲା, କମଳାକାନ୍ତ ସ୍ୱାଇଁ, ଭାଗବତ ଜେନା, କୁଞ୍ଜ ଲତା ମହଲା, ପୁଷ୍ପ ଲତା ମହାଳିକ, କବିତା ସେନାପତି, ଅହଲ୍ୟା ନାୟକ, ବସନ୍ତ ମହଲା, ସସ୍ମିତା ଦାସ, ଶର୍ମିଳା ମହଲା, ରମଣୀ ମହଲା, ରତିକାନ୍ତ ମହଲା ପ୍ରମୁଖ ଥାନା ଘେରାଉ କରିଥିଲେ। ତେବେ ଆଇଆଇସି ସତ୍ୟବ୍ରତ ଗୁହାଚ଼ାର୍ଯ୍ୟ ଅନୁପସ୍ଥିତ ଥିବାରୁ ଏଏସଆଇ କୁମୁଦିନୀ ବେହେରା ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଘଟଣାର ସତ୍ୟାସତ୍ୟ ତଦନ୍ତ ପାଇଁ ଆଇଆଇସିଙ୍କୁ ଜଣାଇବେ ବୋଲି ପ୍ରତି ଶ୍ରୁତି ଦେବାପରେ ଆନ୍ଦୋଳନ ଥମି ଥିବା ଜଣାଯାଇଛି।





## ସିନେମାଫିନେମା ଟିଭିଫିବି

## ରୋହିତ ଶେଟ୍ଟୀଙ୍କ ଘରେ ଗୁଳି ମାଡ: ୪ ଗିରଫ

ରବିବାର ମୁମ୍ବାଇରେ ଚ଼ଳଚ୍ଚିତ୍ର ନିର୍ମାତା ରୋହିତ ଶେଟ୍ଟୀଙ୍କ ଘରେ ଗୁଳି ଚ଼ଳାଇବା ପରେ ଚ଼ାରି ଜଣଙ୍କୁ ଗିରଫ କରାଯାଇଥିଲା। ପ୍ରାରମ୍ଭିକ ତଦନ୍ତରେ ବାବା ସିଦ୍ଦିକ ହତ୍ୟା ମାମଲାର ଅଭିଯୁକ୍ତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସଦସ୍ୟ ଶୁଭମ ଲୋଙ୍କରଙ୍କ ସହ ସେମାନଙ୍କର ଲିଙ୍କ ଥିବା ସୂଚ଼ିତ ହୋଇଥିଲା।

ପୁଣେରେ ପୂର୍ବରୁ ଅଟକ ଥିବା ପାଞ୍ଚ ଜଣଙ୍କ ମଧ୍ୟରେ ଏହି ଚ଼ାରି ଜଣ ଥିଲେ। ସେମାନଙ୍କୁ ମୁମ୍ବାଇ ଅଣାଯାଇଥିଲା, ଯେଉଁଠାରେ ଏକ କୋର୍ଟ ସେମାନଙ୍କୁ ଫେବୃଆରୀ ୫ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇ ଦେଇଥିଲେ, ଜଣେ ଅଧିକାରୀ କହିଛନ୍ତି। ସେ କହିଛନ୍ତି ଯେ ଗୁଳି ଚ଼ଳାଇବାର କିଛି ଘଣ୍ଟା ପରେ, ଏକ ଧମକପୂର୍ଣ୍ଣ ସୋସିଆଲ ମିଡିଆ ପୋଷ୍ଟ ପ୍ରକାଶ ପାଇଲା ଯେଉଁଥିରେ ଦାବି କରାଯାଇଥିଲା ଯେ ଶ୍ରୀ ଲୋଙ୍କର ଏହି ଅପରାଧ ପଛରେ ଅଛନ୍ତି। ଜୁହୁ ଅଞ୍ଚଳରେ ଥିବା ନଅ ମହଲା କୋଠାର ପ୍ରଥମ ମହଲାରେ ପ୍ରାୟ ୧୨:୪୫ ସମୟରେ ଅତି କମରେ ପାଞ୍ଚ ରାଉଣ୍ଡ ଗୁଳି ଗୁଳି ଚ଼ାଳନା କରାଯାଇଥିଲା। ଗୋଟିଏ ଗୁଳି କୋଠାରେ ଥିବା ଏକ ଜିମ୍ କାଚ଼ରେ ବାଜିଥିଲା, ଅଧିକାରୀମାନେ କହିଛନ୍ତି। କେହି ଆହତ ହୋଇ ନାହାଁନ୍ତି ଏବଂ ଘଟଣାଟି ଭୋର ସମୟରେ ଘଟିଥିବା ବେଳେ ଚ଼ଳଚ୍ଚିତ୍ର ନିର୍ମାତା ଜୁହୁ ଅଞ୍ଚଳରେ ତାଙ୍କ ବାସଭବନରେ ଥିଲେ କି ନାହିଁ ତାହା ଜଣାପଡିନାହିଁ। ଗୁଳିକାଣ୍ଡ ପରେ ଶ୍ରୀ ଶେଟ୍ଟିଙ୍କ କୋଠା ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଥିଲା। ସେ କହିଛନ୍ତି, ଜୋନାଲ ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଦଳ ତଦନ୍ତ କରୁଛନ୍ତି, ସେ କହିଛନ୍ତି, ଜୁହୁ ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଦଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

ଘଟଣାର କ୍ରମ ସ୍ଥାପନ କରିବା ପାଇଁ ପୋଲିସ କୋଠା ଚ଼ାରିପାଖରୁ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଫରେନସିକ୍ ସାଇନ୍ସ ଏବଂ ବାଲାଷ୍ଟିକ୍ ବିଶେଷଜ୍ଞଙ୍କ ଦଳ ମଧ୍ୟ ପ୍ରମାଣ ସଂଗ୍ରହ ପାଇଁ ଘଟଣାସ୍ଥଳରେ ପହଞ୍ଚିଛି। ଭାରତୀୟ ନ୍ୟାୟ ସଂହିତା ଅଧୀନରେ ଏବଂ ଅସ୍ତ୍ରଶସ୍ତ୍ର ଆଇନର ବ୍ୟବସ୍ଥା ଅନୁଯାୟୀ ହତ୍ୟା ଉଦ୍ୟମ ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇଛି। ପୁଣେ ପୋଲିସର ଡିସିପି (ଜୋନ୍ ୩) ସମ୍ଭାଜୀ କଦମ କହିଛନ୍ତି ଯେ ୱାର୍ଜ ମାଲୱାଡି ପୋଲିସ ଷ୍ଟେସନର କର୍ମଚ଼ାରୀମାନେ ପ୍ରଥମେ ପାଞ୍ଚ ଜଣଙ୍କୁ ଅଟକ ରଖିଥିଲେ। ସେମାନଙ୍କୁ ଅମନ ମାରୋଟେ (୨୭) ଏବଂ ଆଦିତ୍ୟ ଗାୟାକି (୧୯), ଉଭୟ କରଭେ ନଗରର ବାସିନ୍ଦା ଭାବରେ ଚ଼ିହ୍ନଟ କରାଯାଇଛି। ସିଦ୍ଧାର୍ଥ ୟେନପୁରେ (୨୦), ସମର୍ଥ ପୋମାଜୀ (୧୮) ଏବଂ ସ୍ୱପ୍ନିଲ ସକାତ (୨୩), ଧାୟାରୀର ବାସିନ୍ଦା। ବରିଷ୍ଠ ପୋଲିସ ଇନ୍ସପେକ୍ଟର ମହେଶ ବୋଲକୋଟଗି କହିଛନ୍ତି ଯେ ସନ୍ଦିଗ୍ଧମାନଙ୍କୁ ମୁମ୍ବାଇ ପୋଲିସକୁ ହସ୍ତାନ୍ତର କରାଯାଇଛି। ପୋଲିସ ଅନୁଯାୟୀ, ଏହି ବ୍ୟକ୍ତିମାନଙ୍କର ଏନସିପି ନେତା ବାବା ସିଦ୍ଦିକ ହତ୍ୟା ମାମଲାର ଅଭିଯୁକ୍ତ ବିଷ୍ଣୋଇ ଗ୍ୟାଙ୍ଗ ସଦସ୍ୟ ଶୁଭମ ଲୋଙ୍କରଙ୍କ ସହ ସମ୍ପର୍କ ଅଛି।

ସେମାନଙ୍କୁ ଏକ କୋର୍ଟରେ ହାଜର କରାଯାଇଥିଲା, ଯାହାକି ସେମାନଙ୍କୁ ଫେବୃଆରୀ ୫ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇ ଦେଇଥିଲା। ଅଧିକାରୀମାନେ କହିଛନ୍ତି ଯେ ଗୁଳିକାଣ୍ଡର କିଛି ଘଣ୍ଟା ପରେ, ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରାଯାଇଥିଲା, ଯେଉଁଥିରେ ଦାବି କରାଯାଇଥିଲା ଯେ ଶ୍ରୀ ଲୋଙ୍କର ଏହି ଘଟଣା ପଛରେ ଅଛନ୍ତି। ହିନ୍ଦୀରେ ଲେଖାଯାଇଥିବା ପୋଷ୍ଟଟି 'ଶୁଭମ ଲୋଙ୍କର ଏବଂ ଆରଜୁ ବିଷ୍ଣୋଇ' ଆକାଉଣ୍ଟ ଦ୍ୱାରା ସେୟାର କରାଯାଇଥିଲା। ପୋଷ୍ଟରେ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ହରି ବକ୍ସର ଏବଂ ହରମନ ଶାଣ୍ଡୁଙ୍କ ନାମ ମଧ୍ୟ ଉଲ୍ଲେଖ କରାଯାଇଛି। 'ଆମେ ତାଙ୍କୁ ଅନେକ ଥର ମେସେଜ କରି ଆମ କାମରେ ହସ୍ତକ୍ଷେପ ନକରିବାକୁ କହିଥିଲୁ, କିନ୍ତୁ ସେ ବୁଝିପାରିଲେ ନାହିଁ,'। ଆକ୍ରମଣକୁ ଏକ 'ଟ୍ରେଲର' ଭାବରେ ବର୍ଣ୍ଣନା କରି ପୋଷ୍ଟଟିରେ କୁହାଯାଇଛି, 'ଯଦି ସେ (ଫିଲ୍ମ ନିର୍ମାତା) ଶୁଣନ୍ତି ନାହିଁ, ତେବେ ପରବର୍ତ୍ତୀ ଗୁଳି ତାଙ୍କ ଘର ବାହାରେ ହେବ ନାହିଁ, ସେଗୁଡ଼ିକ ତାଙ୍କ ଶୟନ କକ୍ଷ ଭିତରେ ହେବ।' ଏଥିରେ ଆହୁରି ମଧ୍ୟ କୁହାଯାଇଛି, 'ଏହା ସମଗ୍ର ବଲିଉଡ ପାଇଁ ଏକ ଚେତାବନୀ, ସୀମା ମଧ୍ୟରେ ରୁହନ୍ତୁ। ଯଦି ଆପଣ ଉନ୍ନତି ନକରନ୍ତି, ତେବେ ପରିସ୍ଥିତି ବହୁତ ଖରାପ ହୋଇଯିବ। ବାବା ସିଦ୍ଦିକି ଯାହା ସାମ୍ନା କରିଥିଲେ ତାହାଠାରୁ ମଧ୍ୟ ଖରାପ। ଆମେ ଯେଉଁମାନଙ୍କ ସହିତ ଯୋଗାଯୋଗ କରିଛୁ ସେମାନେ ସମୟ ଥିବା ପର୍ଯ୍ୟନ୍ତ ନିଜର ପଥ ସଂଶୋଧନ କରିବା ଉଚ଼ିତ। ନଚେତ୍, ଲୁଚ଼ିବା ପାଇଁ କୌଣସି ସ୍ଥାନ ରହିବ ନାହିଁ।'

## ଜଳବିଭାଜିକାରେ ମହାଦୁର୍ନୀତି

**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଜଳବିଭାଜିକା ବିଭାଗରେ ବିଭାଗର କୃଷି ସିଞ୍ଚାଇ ଯୋଜନା ଓ ମନରେଗା ଯୋଜନା ମାଧ୍ୟମରେ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ହେଲେ ଏହାର କୌଣସି ତଦନ୍ତ ଶୂନ। ଜଳବିଭାଜିକା ବିଭାଗ ଦ୍ୱାରା ଉପଖଣ୍ଡରେ ୨୦୨୨ ମସିହାରେ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ ୧୦ଟି କମିଟି ଗଠନ କରାଯାଇ ଜନସାଧାରଣଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟରେ କିଛି ଠିକା କର୍ମଚାରୀ ନିଯୁକ୍ତି କରି ବିଭିନ୍ନ ଗ୍ରାମରେ ପୋଖରୀ, ଟ୍ରେଞ୍ଚ, ଓ କାଜୁ ବଗିଚା, ଆମ୍ବ ବଗିଚା ନାମରେ କର୍ମଚାରୀମାନେ ଠିକାଦାର ସାଜି ଆସିଥିବା ସରକାରୀ ଅନୁଦାନକୁ ହରିଲୁଟ କରିବାରେ ଲାଗିପଡ଼ିଥିଲେ। ଏପରିକି କୃଷକମାନଙ୍କ ଉନ୍ନତି ପାଇଁ ଚୟନ କରାଯାଇ ଜଣାପିଛା ୨୦ ହଜାରଟଙ୍କା ଅନୁଦାନକୁ ବିଭାଗୀୟ ଅଧିକାରୀ ଓ କିଛି କମିଟି ସଦସ୍ୟମାନଙ୍କୁ ହାତକରି ସେହି ଟଙ୍କାରୁ ଅଧାରୁ ଅଧିକ ଟଙ୍କା ହିତାଧିକାରୀ କାରୀଙ୍କ ଠାରୁ ହାତଗୁଂଜା ହଡପ କରାଯାଇଥିଲା। ତେବେ ନିଜେ ଠିକାଦାର ସାଜି ବିଭାଗୀୟ ଅଧିକାରୀମାନେ ମେସିନ ଲଗାଇ ପୋଖରୀ ଓ ଟ୍ରେଞ୍ଚ ଖୋଳି ଖୁବ କମ ପରିମାଣର କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିଥିବା ଅଭିଯୋଗ ହୋଇଆସୁଛି। ବିଗତ ଦିନରେଉପଖଣ୍ଡର କୁରୁମିଠା ଗ୍ରାମରେ କିଛି ହାତଗଣତି ଆମ୍ବ ଗଛ ଲଗାଇ ଗୋଟିଏକୁ ୪/୫ଟି ନାମର ରୂପରେଖ ଦେଇ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏହାକୁ ମଧ୍ୟ ଚପାଇ ଦିଆଯାଇଥିଲା। ଉପଖଣ୍ଡର ବାବନ୍ଧ ଅଞ୍ଚଳରେ କାଜୁବଗିଚା ନାମରେ ପ୍ରାୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହାତଗଣତି ଗଛଲଗାଇ ବିଭାଗଦ୍ୱାରା ହରିଲୁଟ କରାଯାଇଛି। ଏପରିକି ପୋଖରୀ ଖୋଳିବା, ଗଛଲଗାଇବା, ପାଣି ସଞ୍ଚୟ ପାଇଁ ଛୋଟଛୋଟ ଚୁଆଖୋଳିବା ନାମରେ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ହରିଲୁଟ ହୋଇଛି। ଏ ନେଇ ହିନ୍ଦୋଳ ଜନସାଧାରଣଙ୍କ ଦ୍ୱାରା ବାରମ୍ବାର ଅଭିଯୋଗ ହେବା ସହିତ ଖବରମଧ୍ୟ ପ୍ରକାଶ ପାଇଛି ହେଲେ ବିଭାଗର ତଳଠୁ ଉପର ଯାଏ ଦୁର୍ନୀତିରେ ସଶ୍ଳିଷ୍ଟ ଥିବାରୁ ତଦନ୍ତ କରିବା ପରିବର୍ତ୍ତେ ଘଟଣାକୁ ବିଭାଗ ଦ୍ୱାରା ଚପେଇ ଦିଆଯାଇଛି। ହିନ୍ଦୋଳ ଉପଖଣ୍ଡରେ ୩ ବର୍ଷ ଭିତରେ ଜଳବିଭାଜିକା ଦ୍ୱାରା ହୋଇଥିବା ସମସ୍ତକାର୍ଯ୍ୟର ଭିଜିଲାନ୍ସ ତଦନ୍ତ ସହିତ ରାଜ୍ୟସରକାର ସ୍ୱତନ୍ତ୍ର କମିଟି ଗଠନକରି ତଦନ୍ତ କରି ଘଟଣାର ସତ୍ୟାସତ୍ୟ ବାହାର କରିବା ସହିତ ଦୃଢକାର୍ଯ୍ୟାନୁଷ୍ଠାନ ନେବାପାଇଁ ହିନ୍ଦୋଳ ବୁଦ୍ଧିଜୀବୀ ସମେତ ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ଦାବି ହେଉଛି। ତେବେ ବିଗତ ଦିନରେ ବାରମ୍ବାର ଅଭିଯୋଗ ହେବାସତ୍ତ୍ୱେ ତଦନ୍ତ ନହେବା ବିଷୟରେ ଜିଲ୍ଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରାଙ୍କୁ ଯୋଗାଯୋଗ କରିବାରେ ଏସମ୍ପର୍କରେ ମୁଁ ଗଣମାଧ୍ୟମକୁ କୌଣସି ସୂଚନା ଦେଇପାରିବି ନାହିଁ କୁହନ୍ତି।

ଓଡ଼ିଶା

# ମେର୍ଦ୍ଧା ପଞ୍ଚାୟତ ବୈଦିପୁରୁ ଗୋଡିପୋଖରୀ ଖୋଳାରେ ବ୍ୟାପକ ଜାଲିଆତି

**୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ଅମୃତ ସରୋବର ଯୋଜନାରେ କର୍ମନିଯୁକ୍ତି ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ କରାଗଲା । ମାତ୍ର ଏହି ଯୋଜନା ଯେ ବାଟବଣା ହେବ ଏକଥା କେବଳ ଯୋଜନକାରୀ ହିଁ ଜାଣିଥିଲେ । କାରଣ ମନରେଗା ନାମରେ ବିଲ ହେଉ ମାତ୍ର ଟ୍ରାକ୍ଟର ଓ ଜେସିବି ମେସିନରେ ଖୋଳି ଦେଇ ଠିକାଦାର ଓ ସଂପୃକ୍ତ ଯନ୍ତ୍ରୀ ଅଧା ଅଧା ଟଙ୍କା ବାଣ୍ଟିନେଲେ କାମ ସରିଲା । ଏଭଳି ଘଟଣା ଦେଖିବାକୁ ମିଳିଛି ମେର୍ଦ୍ଧା ପଞ୍ଚାୟତ ବୈଦିପୁର ଗ୍ରାମରେ । ପୋଖରୀର ଆବଶ୍ୟକତା ନ ଥାଇ ମଧ୍ୟ ଏହି ଗ୍ରାମର ଗୋଡିପୋଖରୀଟିକୁ ଅମୃତ ସରୋବର ଯୋଜନାରେ ସାମିଲ କରାଯାଇ କାର୍ଯ୍ୟନିର୍ବାହୀ ସଂସ୍ଥା ଭାବେ ମେର୍ଦ୍ଧା ପଞ୍ଚାୟତ କାର୍ଯ୍ୟ ଆରମ୍ଭ କରିଲା । ଛ ଏଥିପାଇଁ ୨୦୨୫/୨୦୨୬ ଆର୍ଥିକ ବର୍ଷରେ ଦଶ ଲକ୍ଷ ଟଙ୍କା ମଞ୍ଜୁରୀ ମିଳିଲା । ଫଳକ ଲେଖା ହେବା ବେଳକୁ ସେଥିରେ କାର୍ଯ୍ୟାରମ୍ଭ ତା୧୫,୦, ୨୫ ଲେଖାଯିବା ସହିତ କାର୍ଯ୍ୟ ଶେଷ ତା୧୫,୬, ୨୬ ଲେଖାଯାଇଛି ଏବଂ ଦୈନିକ ଶ୍ରମିକ ମଜୁରୀ ଟ୨୭୩, ଲେଖା ଯାଇଛି । ଏଥିରୁ କି ପ୍ରକାର ଜାଲିଆତି କରାଯାଇଛି ସ୍ପଷ୍ଟ ଅନୁମେୟ କରାଯାଇପାରେ । ଏଥି ସହିତ ଠିକାଦାରଙ୍କ ନାମ କିମ୍ବା ଫୋନ ନମ୍ବର ମଧ୍ୟ ଲେଖା ଯାଇନାହିଁ । ପୋଖରୀ ଖୋଳାରେ ଜେସିବି ମେସିନ ଏବଂ ଟ୍ରାକ୍ଟର ବ୍ୟବହାର କରାଯାଉଛି ମାତ୍ର ଜାଲି ଜବ୍ କାର୍ଡରେ ଟଙ୍କା ଉଠାଣ ହେଉଛି । ଏଥିପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଏବଂ ଅତିରିକ୍ତ ଅଧିକ୍ଷଣ ଯନ୍ତ୍ରୀ ସମ ପରିମାଣରେ ଦାୟୀ । ଯେହେତୁ ବିଡିଓ ଏଥିରୁ ଦୁଇ ଶତକଡା ପିସି ପାଉଛନ୍ତି ତେଣୁ ସେ ଚୁପ୍ ରହିଛନ୍ତି । ଗ୍ରାମବାସୀମାନେ ଅଭିଯୋଗ କରିଥିଲେ ମଧ୍ୟ ବିଡିଓ କହିଲେ ସବୁ ଠିକ୍ ଚାଲିଛି । ଏହି ଜାଲିଆତି ଖବର ଆମ୍ଭ ପ୍ରତିନିଧି ପାଇବା ପରେ ଏଇଇ ସୌମ୍ୟଶ୍ରୀ ଭୋଇଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିବା ପରେ ସେ କହିଲେ ଏହା ପଞ୍ଚାୟତର କାମ ଏବଂ ସଂପୃକ୍ତ ଜେଇଙ୍କ ଦାୟିତ୍ୱରେ ରହିଛି । ତେଣୁ ଗ୍ରାମବାସୀମାନେ ପ୍ରକୃତ ନ୍ୟାୟ ପାଇଁ ସୋମବାର ୨ ତାରିଖରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବୋଲି ଜଣାଇଛନ୍ତି । ଏଥିରୁ ୨୪ ବର୍ଷର ବିଜେଡି ସରକାର ବନାମ ୨୦ ମାସର ବିଜେପି ସରକାର ମଧ୍ୟରେ ଫରକ ଜନସାଧାରଣ ଦେଖିବେ ।



## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର– ଦ୍ୱିତୀୟା |
|---|---|
| ୩.୨.୨୦୨୬ | ନକ୍ଷତ୍ର– ମଘା, ସିଂହଚନ୍ଦ୍ର |

| | | |
|---|---|---|
| ମେଷ | : | ସାଙ୍ଗସାଥୀରେ ମନୋମାଳିନ୍ୟ ହୋଇପାରେ । |
| ବୃଷ | : | ଭ୍ରମଣକଷ୍ଟ ପାଇବେ । |
| ମିଥୁନ | : | କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ । |
| କର୍କଟ | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ସିଂହ | : | ଗୁରୁଜନଙ୍କ ସେବା କରି ଆନନ୍ଦିତ ହେବେ । |
| କନ୍ୟା | : | ଅଯଥା ବ୍ୟୟ କରିବେ । |
| ତୁଳା | : | ଭ୍ରମଣରୁ ସୁଖ ପାଇବେ । |
| ବିଛା | : | ଭଲ କାମ କରି ଆନନ୍ଦିତ ହେବେ । |
| ଧନୁ | : | ବନ୍ଧୁ ପ୍ରିୟଜନଙ୍କ ସହ ଖୁସି ଆନନ୍ଦରେ ଦିନ କଟିବ । |
| ମକର | : | ପାରିବାରିକ ସମସ୍ୟା ନେଇ ଦ୍ୱନ୍ଦ୍ୱ ଦେଖାଦେବ । |
| କୁମ୍ଭ | : | ସମ୍ମାନ ଲାଭ କରିବେ । |
| ମୀନ | : | ଦ୍ରବ୍ୟଲାଭ ଯୋଗ ରହିଛି । |

# ହତ୍ୟାକାରୀଙ୍କୁ ଗିରଫ ଦାବିରେ ରାସ୍ତାରେ ବସିଲେ କିନ୍ନର

**ପିପିଲି, ୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ସିଫା ମୁଖ୍ୟ ଫାଟକ ନିକଟରେ କିନ୍ନରଙ୍କୁ ହତ୍ୟା ଘଟଣାରେ ଆଜି ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତନାଘନା ଜାରି ରଖିଛି । ସେପଟେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଜି କିଛି କିନ୍ନର ଗୋଷ୍ଠୀ କ୍ୟାପିଟାଲ ହସ୍ପିଟାଲ ଛକରେ ଧାରଣାରେ ବସିଛନ୍ତି । ଏବଂ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି । କିନ୍ନରମାନେ ରାସ୍ତା ଉପରେ ଧାରଣା ଦେଇଥିବା ଯୋଗୁଁ ଗାଡି ଚଳାଚଳ ବିଶେଷ ଭାବେ ପ୍ରଭାବିତ ହୋଇଛି ।

ସୂଚନା ଅନୁଯାୟୀ ରବିବାର ରାତି ପ୍ରାୟ ୮ଟାରୁ ସାଢ଼େ ୮ଟା ମଧ୍ୟରେ କିଛି ଦୁର୍ବୃତ୍ତ ଜଣେ କିନ୍ନର (ତୃତୀୟ ଲିଙ୍ଗ)ଙ୍କୁ ବିଭତ୍ସ ଭାବେ ହତ୍ୟା କରି ଫେରାର ହୋଇଯାଇଥିଲେ । ମୃତକ ହେଲେ ଏଜି ଛକ ନିକଟରେ ରହୁଥିବା କଟକ ସାଲେପୁର ଅଞ୍ଚଳର ସୋନାଲି ଓରଫ ଅଞ୍ଜଳି ବୋଲି ଜଣାପଡିଛି । ତାଙ୍କ ଶରୀରର ୧୦ରୁ ଅଧିକ ସ୍ଥାନରେ କ୍ଷତ ହୋଇଛି । ହତ୍ୟା କରିବା ପରେ ଦୁର୍ବୃତ୍ତ ତାଙ୍କ ଭ୍ୟାନିଟିକୁ ଲୁଟି ନେଇଥିବା ଜଣାପଡ଼ିଛି । ଅଞ୍ଜଳି କିଛି ଦିନ ହେବ ଭୁବନେଶ୍ୱର ଆସି ଏଜି ଛକରେ ରହୁଥିଲେ । ସେ ଲୋକଙ୍କୁ ଯୋଗ ଶିକ୍ଷା ଦେଉଥିଲେ । ୨/୪ ଦିନ ସେ ସନ୍ଧ୍ୟା ପରେ ଭୁବନେଶ୍ୱର–ପୁରୀ ଜାତୀୟ ରାଜପଥର ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ସିଫା ନିକଟରେ ଛିଡ଼ା ହେଉଥିଲେ । ସବୁଦିନ ଭଳି ରବିବାର ସେଠାକୁ ସେ ଯାଇଥିଲେ । ରାତି ପ୍ରାୟ ୮ଟାରେ ଅଞ୍ଜଳି ତାଙ୍କ ସାଙ୍ଗକୁ ଫୋନ୍ କରି ଛୁରାମାଡ଼ ହୋଇଥିବା କହିଥିଲେ । ଉଦ୍ଧାର କରି ଡାକ୍ତରଖାନା ନେବା ଲାଗି ନେହୁରା ହୋଇଥିଲେ । ସାଙ୍ଗମାନେ ତତ୍‌କ୍ଷଣାତ ଘଟଣାସ୍ଥଳରେ ପହଞ୍ଚି ଥିଲେ । ସିଫା ମୁଖ୍ୟ ଫାଟକ ନିକଟ ଏକ ବାଲିଗଦା ପାଖରେ ଅଞ୍ଜଳି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସାଙ୍ଗମାନେ ଦେଖିଥିଲେ । ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ । ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ କ୍ରାଇମ୍ ସ୍ପଟ୍‌କୁ ଯାଇ ତନାଘନା କରୁଛି ।

# ମନରେଗା ଯୋଜନାରେ ଦୁର୍ନୀତି

**ଜଗତସିଂହପୁର, ୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଶ୍ରମିକଙ୍କୁ ୧୦୦ ଦିନର କାମ ଦେବା ପାଇଁ ଏହି ଯୋଜନା ପ୍ରତ୍ୟେକ ବ୍ଲକ୍‌ରେ ପ୍ରଣୟନ କରାଯାଉଛ । ହେଲେ କୁଜଙ୍ଗ ବ୍ଲକ୍ ଗଣ୍ଡକିପୁର ପଞ୍ଚାୟତରେ ଏହି ଯୋଜନାର ବିଚିତ୍ର ସ୍ଥିତି ଦେଖିବାକୁ ମିଳୁଛି । ଏହି ପଞ୍ଚାୟତରେ ରାସ୍ତା ନିର୍ମାଣ ହୋଇନଥିବା ବେଳେ ମନରେଗା ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଛି । ମନରେଗା ଯୋଜନାରେ କାମ କରୁଥିବା ଯେଉଁ ଶ୍ରମିକଙ୍କ ନାମ ମଷ୍ଟର୍ ରାଲ୍‌ରେ ଦର୍ଶାଯାଇଛି, ଅଥଚ ସେମାନେ କାମ ବିଷୟରେ କିଛି ବି ଜାଣି ନାହାନ୍ତ ।

ଏହି ବେଆଇନ୍ କାମରେ ପଞ୍ଚାୟତ ସ୍ତରୀୟ ଅଧିକାରୀ, ଲୋକ ପ୍ରତିନିଧି ଓ କିଛି ଦଲାଲ୍‌ଙ୍କ ବଡ ଭୂମିକା ରହିଥିବା ସନ୍ଦେହ ଉପୁଜୁଛି । ମିଥ୍ୟା ପ୍ରକଳ୍ପ ଦର୍ଶାଇ ଚାଲିଥିବା କାର୍ଯ୍ୟଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଦୁର୍ନୀତିର ପେଡ଼ି ଖାଲିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ମନରେଗା ଯୋଜନାର ସରକାରୀ ପୋର୍ଟାଲ ତଥ୍ୟ ଅନୁସାରେ ଆଜି କୁଜଙ୍ଗ ବ୍ଲକ୍ ୨୮ ପଞ୍ଚାୟତମାନଙ୍କରେ ୧୨୭ଟି ପ୍ରକଳ୍ପ ଓ ଆବାସ ଗୃହ ନିର୍ମାଣ ନାଁରେ ମୋଟ ୭୪୬ ଜଣ ଜବ୍ କାର୍ଡଧାରୀ ଶ୍ରମିକ ମନରେଗା ଯୋଜନାରେ ହେଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହି ଶ୍ରମିକମାନେ ଅମୃତ ସରୋବର ପୋଖରୀ, ରାସ୍ତା ନିର୍ମାଣ, ଆବାସ ଗୃହ, ମା' ପାଇଁ ବୃକ୍ଷଟିଏ ଯୋଜନା ନାଁରେ କାମ କରୁଥିବା ମନରେଗା ଯୋଜନା ପୋର୍ଟାଲରେ ଦର୍ଶାଯାଇଛ । ବ୍ଲକର ୨୮ ପଞ୍ଚାୟତରେ ସମୁଦାୟ ୭୪୬ ଜଣ ଜବକାର୍ଡଧାରୀ କାମ କରୁଥିବା ବେଳେ ଗଣ୍ଡକିପୁର ପଞ୍ଚାୟତର ୮ଟି ପ୍ରକଳ୍ପରେ ୩୬ ଜଣ ଶ୍ରମିକ କାମ କରୁଥିବା ସରକାରୀ ତଥ୍ୟ କହୁଛି । ୭ଟି ଆବାସ ଯୋଜନାରେ ଶ୍ରମିକ ଦର୍ଶାଯାଇଥିବା ବେଳେ ଅନ୍ୟଟି ବାଲିତଣ୍ଡା ଶ୍ମଶାନଠାରୁ ପୋଲ ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ କରାଯାଉଥିବା ସରକାରୀ ତଥ୍ୟ ଦର୍ଶାଉଛି ।

ମାତ୍ର ସରକାରୀ ତଥ୍ୟ ଅନୁସାରେ ଏହି ଉନ୍ନତିକରଣ କରାଯାଉଥିବା ରାସ୍ତା ଦେଖିବାକୁ ମିଳୁନି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହି ରାସ୍ତାରେ ମାଟି ମୁଠେ ପଡ଼ି ନଥିବା ବେଳେ ଏଠାରେ ଜଣେ ବି ଶ୍ରମିକ କାମ କରି ନାହାନ୍ତି । ଏକ ସୂଚନା ଫଳକ ଲଗାଇ ଦୈନନ୍ଦିନ ଉକ୍ତ ରାସ୍ତା ଉନ୍ନତିକରଣ ନାଁରେ ପ୍ରାୟ ୫ ଲକ୍ଷ ଟଙ୍କା ହଡ଼ପ କରାଯାଉଛି । ଉଛବ ବିଶ୍ୱାଳ ଘରଠାରୁ ନୂଆସାହି ପୋଲ ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ ନାଁରେ ୩ ଲକ୍ଷ ହଡ଼ପ କରିବାକୁ ଉଦ୍ୟମ ଚାଲିଛି । ସରକାରୀ ତଥ୍ୟ ସ୍ଥାନୀୟ ଲୋକ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଚର୍ଚ୍ଚାର ପରଧିକୁ ଆସିଛି । ସରକାରୀ ତଥ୍ୟ ଅନୁଯାୟୀ ଶ୍ରମିକ କାର୍ଯ୍ୟ ସ୍ଥଳରେ କାମ କରୁନଥିବା ଦେଖିବାକୁ ମିଳିଛି । ଦର୍ଶାଯାଇଥିବା ଶ୍ରମିକଙ୍କ ମଧ୍ୟରୁ କାହାର ବୟସ ସୀମା ୭୦ରୁ ୭୫ ଅତିକ୍ରାନ୍ତ ହୋଇଥିବା ବେଳେ ଅନ୍ୟ କିଛି ଶ୍ରମିକ ବିଭିନ୍ନ ଶିଳ୍ପ ସଂସ୍ଥାରେ ଦୈନନ୍ଦିନ ଶ୍ରମିକ ଭାବେ କାମ କରନ୍ତି । ପୁରୁଣା ପ୍ରକଳ୍ପକୁ ମନରେଗା ଯୋଜନାରେ ଅନ୍ତର୍ଭୁକ୍ତ କରି ଅର୍ଥ ବାଟମାରଣା କରିବାକୁ ବିରାଟ ଷଡ଼ଯନ୍ତ୍ର ଚାଲିଥିବା ସ୍ଥାନୀୟ ସମିତିସଭ୍ୟାଙ୍କ ପ୍ରତିନିଧି ଆଶିଷ ସାମଲ ଅଭିଯୋଗ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ ମତାମତ ନେବାରୁ ସେ ଘଟଣା ସମ୍ପର୍କରେ ଅବଗତ ନଥିବା କହିଥିଲେ ।

# କେଲୁଅ ନଦୀବନ୍ଧ ଖାଲଖମାରେ ଭର୍ତ୍ତି

**ଧର୍ମଶାଳା, ୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ଜିଲା ଧର୍ମଶାଳା ବ୍ଲକ କାଏମା ବ୍ରିଜ ଠାରୁ ମିର୍ଜାପୁର ନଦୀବନ୍ଧ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି । ଏ ନେଇ ପ୍ରତ୍ୟେକ ଦିନ ଦୁର୍ଘଟଣା ଦେଖିବାକୁ ମିଳୁଛି । ବାଇକ ଓ ସାଇକେଲ ଆରୋହୀଙ୍କ ସମେତ ଚାରିଚକିଆ ଗାଡ଼ି ଚଳାଚଳରେ ନାନା ପ୍ରକାର ସମସ୍ୟା ସୃଷ୍ଟି ହେଉଛି । ସକାଳ ହେଲେ ସ୍କୁଲ କଲେଜ ପିଲାମାନେ ଉକ୍ତ ରାସ୍ତା ଦେଇ ଜାରକାକୁ ଯାଇଥାନ୍ତି । ମିର୍ଜାପୁର, ପାଟପୁର, କୋଟପୁର, ଭାବିଲ, ମୁଣ୍ଡମାଳ, ଅରେଇକଣା, ରମାପୁର, କଦମପାଳ, ନୋଷ୍ଟା, ଭଗବାନପୁର ଭଳି ଗାଁର ଲୋକେ ଜାରକା ଅଭିମୁଖେ ଯାତାୟାତ ପାଇଁ ଏହି ମୁଖ୍ୟ ରାସ୍ତା ଉପରେ ନିର୍ଭର କରିଥାନ୍ତି ।

ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲା । ନିର୍ବାଚନ ପୂର୍ବରୁ ମଧ୍ୟ ଏହି ରାସ୍ତା ମରାମତି ହୋଇଥିଲ । ମାତ୍ର ରାସ୍ତାରେ ଏବେ ସ୍ଥାନେସ୍ଥାନେ ସୃଷ୍ଟି ହୋଇଥିବା ଖାଲଖମାରୁ ସ୍ପଷ୍ଟ ବାରି ହେଉଛି । ଏହାର ମରାମତି କାର୍ଯ୍ୟ ସଠିକ ଢଙ୍ଗରେ ହୋଇ ନ ଥିବା ବେଳେ ଏହି ରାସ୍ତାର ସ୍ଥାନୀୟ ଗୋପନଗର, କାଳନ୍ଦୀସାହି, ମିର୍ଜାପୁର ଶନିଗଡା, ଭାବିଲ ଭଳି ଗାଁ ପାଖାପାଖି ସ୍ଥାନ ମାନଙ୍କରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି । ରାସ୍ତାଟି ୧୬ ନମ୍ବର ଜାତୀୟ ରାଜପଥର ଗୋକନେଶ୍ୱର ଠାରୁ ରମାପୁର ଓ କୃଷ୍ଣଦାସପୁରଠାରେ ଚଣ୍ଡିଖୋଲ–ପାରାଦୀପ ୫୩ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରୁଛି । ଫଳରେ ଏହି ରାସ୍ତା ଉପରେ ଦୈନନ୍ଦିନ ଶହଶହ ଗାଡି ଯାତାୟାତ କରୁଛି । ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି ।

ଅନ୍ୟପକ୍ଷରେ ନିର୍ବାଚନ ପରେ ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବା କାର୍ଯ୍ୟଗୁଡ଼ିକ ସଠିକ ଢଙ୍ଗରେ ହେଉ ନ ଥିବା ମଧ୍ୟ ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସୁଛି । ଏହା ଉପରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ମାଙ୍କଡ କାମୁଡାରେ ମହିଳା ଆହତ

**ଭଣ୍ଡାରୀପୋଖରୀ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ଗ୍ରାମର ମଞ୍ଜୁଲତା ଦାସ(୫୮) ରବିବାର ମାଙ୍କଡ କାମୁଡାରେ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ମଞ୍ଜୁଲତା ଅପରାହ୍ଣ ୪.୩୦ମି. ସମୟରେ ବାଡି ଦ୍ୱାର ଝାଡୁ କରୁଥିବା ସମୟରେ ଏକ ମାଙ୍କଡ କାମୁଡିଥିଲା। ତାଙ୍କ ଚିତ୍କାର ଶୁଣି ପଡୋଶୀ ଲୋକେ ମାଙ୍କଡକୁ ଗୋଡାଇଥିଲେ। ମଞ୍ଜୁଲତାଙ୍କ ଶରୀର ବହୁସ୍ଥାନକୁ ମାଙ୍କଡ କାମୁଡି ଗୁରୁତର କରିପକାଇଥିଲା। ତାଙ୍କୁ ଯାଜପୁର ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଗତ ମାସକ ପୂର୍ବେ ଗ୍ରାମର ଜନୈକ ମହିଳାକୁ ମାଙ୍କଡ କାମୁଡିଥିଲା। ବନ ବିଭାଗ ମାଙ୍କଡ ଉପଦ୍ରବକୁ ପ୍ରଶମିତ କରିବାକୁ ପଦକ୍ଷେପ ଗ୍ରହଣ କରୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# ପରିତ୍ୟକ୍ତ ଅବସ୍ଥାରେ ରାଜସ୍ୱ ବଙ୍ଗଳା

**ଖଣ୍ଡପଡ଼ା, ୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ଉପକଣ୍ଠ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ନିକଟରେ ଅବସ୍ଥିତ ରାଜସ୍ୱ ବଙ୍ଗଳାଟି ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ରାଜରାଜୁଡା ଅମଳରୁ ପ୍ରାକୃତିକ ପରିବେଶ ମଧ୍ୟରେ ଏହି ବଙ୍ଗଳାଟି ଏକଦା ନିର୍ମାଣ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହି ବଙ୍ଗଳାଟି ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଅଧିନରେ ରହିଥିବା ଜଣାଯାଇଛି । ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ବଙ୍ଗଳାର ପୁନରୁଦ୍ଧାର କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ ଗତ ୨ ବର୍ଷ ତଳେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ କରାଯାଇଥିଲା । ମାତ୍ର ଏବେ ଉକ୍ତ ବଙ୍ଗଳାଟି ରେ ତାଲା ଝୁଲୁଥିବା ଜଣାପଡିଛି । ଦୈନିକ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରକୁ ଏକାଧିକ ପର୍ଯ୍ୟଟକ ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ରାଜ୍ୟର କୋଣ ଅନୁକୋଣରୁ ଆସୁଥିବା ଜଣାପଡିଛି । ପର୍ଯ୍ୟଟକମାନଙ୍କ ଆନୁସଙ୍ଗିକ ସୁବିଧାସୁଯୋଗକୁ ଦୃଷ୍ଟିରେ ରଖି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଉକ୍ତ ବଙ୍ଗଳାଟିକୁ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ପରିଣତ କରିବାକୁ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି । ନୟାଗଡ ଜିଲ୍ଲା ପ୍ରଶାସନ, ଖଣ୍ଡପଡ଼ା ବିଧାୟକ ଓ କଟକ ଲୋକସଭା ସାଂସଦ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବନ୍ଧୁକ ଲଗାଇ ଲୁଟି ନେଲେ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା

**କେନ୍ଦୁଝର : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ସଦର ଥାନାର ବାୟାପଣ୍ଡାଧାରରେ ସଶସ୍ତ୍ର ଡକାୟତି ହୋଇଛି । ଗତକାଲି ବିଳମ୍ବିତ ରାତିରେ ୮ଜଣ ମୁଖା ପିନ୍ଧା ଡକାୟତ ସଂଗ୍ରାମ କେଶରୀ ନାଏକଙ୍କୁ ପାଣି ମାଗିବା ବାହାନାରେ ଘରେ ପଶି ବନ୍ଧୁକ ଦେଖାଇ ଲୁଟି ନେଲେ ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା ଓ ୧୧ ଲକ୍ଷ ଟଙ୍କାର ସୁନା ଗହଣା ।

ସଂଗ୍ରାମଙ୍କ କହିବା ଅନୁସାରେ ଡକାୟତମାନେ ପ୍ରଥମେ ଜଣେ ବ୍ୟକ୍ତିକୁ ଟେକି ଟେକି ଆଣି ଦୁର୍ଘଟଣା ଘଟିଯାଇଛି । ଟିକେ ପାଣି ଦିଅ କହି ଡ୍ରାମା କରିଥିଲେ । ଘର ଲୋକେ ପାଣି ଦେବାକୁ କବାଟ ଖୋଲିବା ମାତ୍ର ଆଠ ଜଣ ମୁଖା ପିନ୍ଧା ଡକାୟତ ତୁରନ୍ତ ଘର ଭିତରେ ପଶି ସମସ୍ତଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମୋବାଇଲ ସବୁ ଛଡାଇ ନେବା ସହ ସମସ୍ତଙ୍କୁ ଗୋଟେ ଘରେ ପୁରାଇ କାବାଟ ବନ୍ଦ କରି ଦେଇଥିଲେ । ଏହାପରେ ପୁରା ଘରର ଅଲମାରି, ଖଟର ବକ୍ସ ଓ ବ୍ୟାଗ ଆଦି ଖୋଲି ତନ୍ନ ତନ୍ନ କରି ଖୋଜି ସମସ୍ତ ଟଙ୍କା ପଇସା ଓ ସୁନା ଗହଣା ନେଇ ଫେରାର ହୋଇ ଯାଇଥିଲେ । ଡକାୟତମାନଙ୍କ ମଧ୍ୟରୁ ୭ ଜଣ ମୁଖା ପିନ୍ଧିଥିଲେ ଓ ଜଣେ ମୁଖା ପିନ୍ଧି ନ ଥିଲା ଓ ସମସ୍ତଙ୍କ ହାତରେ ବନ୍ଧୁକ ଥିବା ସଂଗ୍ରାମ କହିଛନ୍ତି ।

# ଜଳବିଭାଜିକାରେ ମହାଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଦାବି

**ହିନ୍ଦୋଳ, ୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଜଳବିଭାଜିକା ବିଭାଗରେ ବିଭାଗର କୃଷି ସଞ୍ଚାଇ ଯୋଜନା ଓ ମନରେଗା ଯୋଜନା ମାଧ୍ୟମରେ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି । ହେଲେ ଏହାର କୌଣସି ତଦନ୍ତ ଶୂନ । ଜଳବିଭାଜିକା ବିଭାଗ ଦ୍ୱାରା ଉପଖଣ୍ଡରେ ୨୦୨୨ ମସିହାରେ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ ୧୦ଟି କମିଟି ଗଠନ କରାଯାଇ ଜନସାଧାରଣଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଥିଲା, ହେଲେ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟାଳୟରେ କିଛି ଠିକା କର୍ମଚାରୀ ନିଯୁକ୍ତି କରି ବିଭିନ୍ନ ଗ୍ରାମରେ ପୋଖରୀ, ଟ୍ରେଞ୍ଚ ଓ କାଜୁ ବଗିଚା, ଆମ୍ବ ବଗିଚା ନାମରେ କର୍ମଚାରୀ ମାନେ ଠିକାଦାର ସାଜି ଆସିଥିବା ସରକାରୀ ଅନୁଦାନକୁ ହରିଲୁଟ କରିବାରେ ଲାଗିପଡ଼ିଥିଲେ । ଏପରିକି କୃଷକ ମାନଙ୍କ ଉର୍ନତି ପାଇଁ ଚୟନ କରାଯାଇ ଜଣାପିଛା ୨୦ ହଜାରଟଙ୍କା ଅନୁଦାନକୁ ବିଭାଗୀୟ ଅଧିକାରୀ ଓ କିଛି କମିଟିସଦସ୍ୟ ମାନଙ୍କୁ ହାତକରି ସେହି ଟଙ୍କାରୁ ଅଧାରୁ ଅଧିକ ଟଙ୍କା ହିତାଧିକାରୀ କାରୀଙ୍କ ଠାରୁ ହାତଗୁଂଜା ହଡପ କରାଯାଇଥିଲା। ତେବେ ନିଜେ ଠିକାଦାର ସାଜି ବିଭାଗୀୟ ଅଧିକାରୀମାନେ ମେସିନ ଲଗାଇ ପୋଖରୀ ଓ ଟ୍ରେଞ୍ଚ ଖୋଳି ଖୁବ କମ ପରିମାଣର କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିଥିବା ଅଭିଯୋଗ ହୋଇଆସୁଛି । ବିଗତ ଦିନରେଉପଖଣ୍ଡ ର କୁରୁମିଠା ଗ୍ରାମରେ କିଛି ହାତଗଣତି ଆମ୍ବ ଗଛ ଲଗାଇ ଗୋଟିଏକୁ ୪/୫ଟି ନାମର ରୂପରେଖ ଦେଇ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏହାକୁ ମଧ୍ୟ ଚପାଇ ଦିଆଯାଇଥିଲା।ଉପଖଣ୍ଡର ବାବନ୍ଧ ଅଞ୍ଚଳରେ କାଜୁବଗିଚା ନାମରେ ପ୍ରାୟ ୬୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ହାତଗଣତି ଗଛଲଗାଇ ବିଭାଗଦ୍ୱାରା ହରିଲୁଟ କରାଯାଇଛି। ଏପରିକି ପୋଖରୀ ଖୋଳିବା, ଗଛଲଗାଇବା, ପାଣି ସଞ୍ଚୟ ପାଇଁ ଛୋଟଛୋଟ ଚୁଆଖୋଳିବା ନାମରେ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ହରିଲୁଟ ହୋଇଛି । ଏ ନେଇ ହିନ୍ଦୋଳ ଜନସାଧାରଣଙ୍କ ଦ୍ୱାରା ବାରମ୍ବାର ଅଭିଯୋଗ ହେବା ସହିତ ଖବରମଧ୍ୟ ପ୍ରକାଶ ପାଇଛି ହେଲେ ବିଭାଗର ତଳଠୁ ଉପର ଯାଏ ଦୁର୍ନୀତିରେ ସଶ୍ଳିଷ୍ଟ ଥିବାରୁ ତଦନ୍ତ କରିବା ପରିବର୍ତ୍ତେ ଘଟଣା କୁ ବିଭାଗ ଦ୍ୱାରା ଚପେଇ ଦିଆଯାଇଛି। ହିନ୍ଦୋଳ ଉପଖଣ୍ଡରେ ୩ ବର୍ଷ ଭିତରେ ଜଳବିଭାଜିକା ଦ୍ୱାରା ହୋଇଥିବା ସମସ୍ତକାର୍ଯ୍ୟ ର ଭିଜିଲାନ୍ସ ତଦନ୍ତ ସହିତ ରାଜ୍ୟସରକାର ସ୍ୱତନ୍ତ୍ର କମିଟି ଗଠନକରି ତଦନ୍ତକରି ଘଟଣାର ସତ୍ୟାସତ୍ୟ ବାହାର କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ହିନ୍ଦୋଳ ବୁଦ୍ଧିଜୀବୀ ସମେତ ହିନ୍ଦୋଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଦାବି ହେଉଛି।ତେବେ ବିଗତ ଦିନରେ ବାରମ୍ବାର ଅଭିଯୋଗ ହେବାସତ୍ତ୍ୱେ ତଦନ୍ତ ନହେବା ବିଷୟରେ ଜିଲ୍ଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରାଙ୍କୁ ଯୋଗାଯୋଗ କରିବାରେ ଏସମ୍ପର୍କରେ ମୁଁ ଗଣମାଧ୍ୟମକୁ କୌଣସି ସୂଚନା ଦେଇପାରିବି ନାହିଁ କୁହନ୍ତି ।

# ବାଲି ଉଠାଣ ନେଇ ଅସନ୍ତୋଷ

**ବଲାଙ୍ଗୀର, ୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ବଲାଙ୍ଗୀର ଜିଲ୍ଲା ଲୋଇସିଂହା ତହସିଲ ଅଧୀନ ଛେଲବାହାଲସ୍ଥିତ ସୁକତେଲ ନଦୀ ବାଲିଘାଟ ନେଇଥିବା ଲିଜଧାରୀଙ୍କ ମନମାନୀ ଦେଖିବାକୁ ମିଳିଛି । ଗତ ବୁଧବାର ଠାରୁ ହଠାତ୍ ବାଲିଉଠାଣ ରୟାଲ୍ଟି ବାବଦକୁ ଟ୍ରାକ୍ଟର ଟ୍ରିପ୍ ପିଛା ୩ ଶହ ଟଙ୍କା ବୃଦ୍ଧି କରାଯାଇଛି । ଅପରପକ୍ଷେ ରୟାଲ୍ଟି ବାବଦକୁ ଦିଆଯାଉଥିବା ୱେ ବିଲ୍‌ରେ ପଇଠ ଟଙ୍କା ଲେଖାଯାଉନାହିଁ । ଏନେଇ ଯୋଗୀସର୍ଡା ସରପଞ୍ଚ ବିଜୁଳି ପ୍ରଧାନ ଓ ବୁର୍ଡା ସରପଞ୍ଚ ସୁଦୀପ କୁମାର ସା ପ୍ରମୁଖ ପ୍ରତିବାଦ କରି କ୍ଷୋଭ ପ୍ରକାଶ କରିଛନ୍ତି । ଏହାସହିତ ଉଭୟ ସ୍ଥାନୀୟ ତହସିଲଦାର ଟିକୁନୁ ପୁଟାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଅଭିଯୋଗରୁ ପ୍ରକାଶ ଯେ, ଯୋଗୀସର୍ଡା ପଞ୍ଚାୟତ ଛେଲବାହାଲ ସୁକତେଲ ନଦୀ ବାଲଘାଟକୁ ଜଣେ ବ୍ୟକ୍ତି ଲିଜ୍ ପାଇଛନ୍ତି । ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ଲିଜ ଧାର୍ଯ୍ୟ ସମୟ ରହିଛି । ଜାନୁଆରୀ ୨୭ ତାରିଖ ପର୍ଯ୍ୟନ୍ତ ଉକ୍ତ ବାଲିଘାଟରୁ ବାଲି ଉଠାଣ ବାବଦକୁ ଟ୍ରାକ୍ଟର ପିଛା ୩ ଶହ ଟଙ୍କା ନିଆଯାଉଥିଲା । ହେଲେ ୨୮ ତାରିଖ ଠାରୁ ୩ ଶହ ବଦଳରେ ୬ ଶହ ଟଙ୍କା ନିଆଯାଇଛି । କିନ୍ତୁ ବାଲି ପରିବହନ ବାବଦକୁ ଦିଆଯାଉଥିବା ୱେ ବିଲ୍‌ରେ ନିଆଯାଉଥିବା ଟଙ୍କା ଦର୍ଶାଯାଉନାହିଁ । ଅପରପକ୍ଷରେ ଯୋଗୀସର୍ଡା ପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପରେ ସୁକତେଲ ନଦୀ ଶଯ୍ୟାର ଗ୍ୟାଲେରିରୁ ବେଧଡକ ବାଲି ଉଠାଣ ଯୋଗୁ ଖରା ଦିନରେ ପାଣି ସଙ୍କଟ ଆଶଙ୍କା ରହିଛି । କାରଣ ଛେଲବାହାଲସ୍ଥିତ ସୁକତେଲ ନଦୀରୁ ଯୋଗୀସର୍ଡା ପଞ୍ଚାୟତର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ହେଉଛି । ଫଳରେ ଏ ନେଇ ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରକଳ୍ପ ନିକଟ ନଦୀଶଯ୍ୟା ଗ୍ୟାଲେରି ଉପରୁ ବାଲି ଉଠାଣକୁ ବାରଣ କରି ଲିଜ୍ ସୀମାରୁ ବାଲି ଉଠାଇବାକୁ ସେ କହିଛନ୍ତି । ଏ ସମ୍ପର୍କରେ ତହସିଲଦାର ପୁଟାଙ୍କୁ ପଚାରିବାରୁ ଏନେଇ ଅଭିଯୋଗ ପାଇଲା ପରେ ଲିଖିତ ଭାବେ ଜଣାଇବାକୁ ଉଭୟ ସରପଞ୍ଚଙ୍କୁ କୁହାଯାଇଛି । ସେହିପରି ବଲାଙ୍ଗୀର ଖଣି ଅଧିକାରୀ ଅଙ୍କିତ ଦାସଙ୍କୁ ପଚାରିବାରେ ଭିନ୍ନ ଭିନ୍ନ ଦରରେ ଘାଟ ଲିଜ୍ ରହିଛି । ଲିଜ୍‌ଧାରୀଙ୍କ ଉପରେ ୱେ ବିଲ୍ ଦର ନିର୍ଦ୍ଧାରଣ କରୁଛି । ଅନ୍ଲାଇନରେ ଚାଲାଣ କଟାଯାଉଛି । କାହିଁକି ୱେ ବିଲ୍ ଦର ରହୁନାହିଁ । ଏହାକୁ ନେଇ ବିବାଦ ଦେଖାଦେଉଛି ବୋଲି ପଚାରିବାରୁ , ଯଦି ସେମିତି ପରିସ୍ଥିତି ଉପୁଜୁଛି , ତେବେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ସେ କହିଥିଲେ ।

# ପାଇପ୍ ଫାଟି ରାସ୍ତାରେ ଆଣ୍ଠୁଏ ପାଣି

**କେସିଙ୍ଗା, ୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ପଞ୍ଚାୟତ ୱାର୍ଡ ନଂ ୩ରେ ପାଇପ ଫାଟି ମୁଖ୍ୟ ଗଳି ରାସ୍ତାରେ ପାଣି ଜମିରହୁଛି । ଏ ନେଇ ୱାର୍ଡବାସୀଙ୍କ ଯାତାୟାତରେ ସମସ୍ୟା ହେଉଛି । ଗତ କିଛିଦିନ ହେଲା ଏହି ୱାର୍ଡରେ ଆରଡବ୍ଲ୍ୟୁଏସ୍‌ଏସ ବିଭାଗ ପକ୍ଷରୁ ସଂଯୋଗ କରାଯାଇଥିବା ପାଣି ପାଇପ ଫାଟି ଯାଇଥିଲା। ଏ ନେଇ ପଡ଼ାବାସୀ ଆରଡବ୍ଲ୍ୟୁଏସ୍‌ଏସ କାର୍ଯ୍ୟାଳୟ କେସିଙ୍ଗାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ବିଭାଗୀୟ ଯନ୍ତ୍ରୀ ରବିବାର ପହଞ୍ଚି ତଦନ୍ତ କରିଥିଲେ । ସ୍ଥାନୀୟ ଠିକାଦାରଙ୍କୁ ଆଜି ସା ସୁଦ୍ଧା ମରାମତି କରିବା ପାଇଁ କହିଥିଲେ । ୱାର୍ଡବାସୀ ପ୍ରତ୍ୟେକ ନିତ୍ୟ ବ୍ୟବହାର ପାଣି ମୁଖ୍ୟ ଗଳିରେ ଛାଡୁ ଥିବାରୁ ରାସ୍ତାରେ ପାଣି ଜମି ଦୁର୍ଗନ୍ଧ ହେଉଛି ।

ଏହିପରି ପ୍ରତ୍ୟେକ ଦିନ ଉଚ୍ଚ ଶିକ୍ଷିତା ଓ ଭଦ୍ର ମହିଳାମାନେ ପଡାର ମୁଖ୍ୟ ରାସ୍ତାରେ ପାଣି ପକାଉଥିବାରୁ ପାଣି ଜମି ରହୁଛି ବୋଲି ଅଭିଯୋଗ ହୋଇଛି । ବୃଦ୍ଧା, ବୃଦ୍ଧ, ଯୁବତୀ, ଯୁବକ ଛାତ୍ରୀଛାତ୍ର ଯିବା ଆସିବା ବେଳେ ପାଣିରେ ପଡୁଥିବା ମଧ୍ୟ ଦେଖିବାକୁ ମିଳୁଛି । ରାସ୍ତାକୁ ଜବରଦଖଲ କରିଥିବାରୁ ଅଣଓସାରିଆ ହୋଇ ଯାନବାହନ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖା ଯାଉଛି । ଏହି ଖବର ସ୍ଥାନୀୟ କାଣ୍ଡେଲ ପଞ୍ଚାୟତ ସରପଞ୍ଚ, ପିଇଓ ଚିନ୍ମୟୀ ନାଏକ,ଏଡିଓ ଯାଜ୍ଞସେନୀ ସାହୁ ଜାଣିବା ପରେ ଉକ୍ତ ସ୍ଥାନକୁ ଯାଇ ଲୋକଙ୍କୁ ବୁଝାଇ ଥିଲେ । ମାତ୍ର ପଡ଼ାବାସୀ ଓଲଟା ଅଧିକାରୀଙ୍କୁ ଗାଲିଗୁଲଜ କରିଥିଲେ । ଏହିସବୁ ସମସ୍ୟାର ସମାଧାନ ପାଇଁ ଆରଡବ୍ଲ୍ୟୁଏସ୍‌ଏସ ଯନ୍ତ୍ରୀ ରବିବାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ । ରାସ୍ତାରେ ପକାଇଥିବା ମାଟିକୁ ତୁରନ୍ତ ଉଠାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାଣ୍ଡେଲ ଗ୍ରାମରେ ନିର୍ମାଣ ହୋଇଥିବା ଓଭର ହେଡ ପାଣି ଟାଙ୍କି ସହ ପାଇପ ଲାଇନ୍ ପଞ୍ଚାୟତକୁ ହସ୍ତାନ୍ତର ହୋଇଛି ବୋଲି ଏସଡିଓ ଧର୍ମେନ୍ଦ୍ର ସେଠି କହିଛନ୍ତି । ଏ ନେଇ ସ୍ଥାନୀୟ ସରପଞ୍ଚ ପାର୍ବତୀ ଶର୍ମାଙ୍କୁ ପଚାରିବାରୁ ନିତ୍ୟବ୍ୟବହାର ପାଣି ମୁଖ୍ୟ ଗଳି ରାସ୍ତାରେ ଛାଡୁଥିବାରୁ ଏହି ସମସ୍ୟା ହେଉଛି । ପଡ଼ାବାସୀ ମୋତେ କେବେ ମଧ୍ୟ ଲିଖିତ ଅଭିଯୋଗ କରି ନାହାନ୍ତି ବୋଲି ପ୍ରକାଶ କରିଥିଲେ । ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସ୍‌ଏସ ବିଭାଗର ଯନ୍ତ୍ରୀ ପ୍ରଭାସ କୁମାର ମାଝୀଙ୍କୁ ପଚାରିବାରୁ ଆଜି କିମ୍ବା କାଲି ସବୁ ସମାଧାନ ହେବ ବୋଲି କହିଛନ୍ତି ।

**ବଜେଟ୍ ସବୁବେଳେ ତଳସ୍ତରର ଲୋକଙ୍କ ସନ୍ତୁଷ୍ଟିକୁ ଗୁରୁତ୍ୱ ଦେଇ କରାଯିବା ଉଚିତ୍ । କାରଣ ଆମ ଦେଶରେ ଏବେବି ଗରିବୀ ରହିଛି, ଯଦି ନାହିଁ ବୋଲି ଆମେ କହିବା, ଯଦି ଆମ ଦେଶ ବିକଶିତ ଦେଶମାନଙ୍କ ସହ ସମକକ୍ଷ ହେଲେଣି ତା'ହେଲେ ଟଙ୍କିକିଆ ଚାଉଳ ଏବଂ ମାଗଣା ଯୋଜନା କାହିଁକି ରହିଛି? ତେଣୁ କିଣି ନ ପାରିବା ଲୋକଙ୍କ ସଂଖ୍ୟା ଆମ ଦେଶରେ ଅଧିକ, ଯେଉଁମାନେ ସେମାନଙ୍କ ମନ ଚାହୁଁଥିବା ଦରବ କିଣିପାରନ୍ତିନି ଇଚ୍ଛା ଥାଇ ମଧ୍ୟ । ସେମାନଙ୍କର ସବୁବେଳେ ପେଟ ଚିନ୍ତା, ଆଉ ହାଣ୍ଡିଶାଳ ଚିନ୍ତାରେ ସେମାନେ ବୁଡ଼ି ରହିଥାନ୍ତି । ଏଇ ଚିନ୍ତାରୁ ସେମାନେ କିଭଳି ବାହାରି ପାରିବେ– ବଜେଟ୍ ଏ ସୁଯୋଗ ସେମାନଙ୍କୁ ଦେଇପାରିବ କି?**


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୩ ଫେବୃଆରୀ, ୨୦୨୬ | ମଙ୍ଗଳବାର



## ଓଡ଼ିଶା ଏକ୍ସପ୍ରେସ୍


## ହାଣ୍ଡିଶାଳ ଉପରେ ବଜେଟ୍‌ର ପ୍ରଭାବ କ'ଣ?

ପ୍ରତିବର୍ଷ ବଜେଟ୍ ହୁଏ । ଦେଶ ଚଳାଇବା ପାଇଁ ବଜେଟ୍ କରିବାକୁ ପଡ଼େ । ଏହା ଏକ ଧରାବନ୍ଧା ପ୍ରକ୍ରିୟା । ପ୍ରଶ୍ନ ଉଠୁଛି ସାଧାରଣ ଲୋକଟିଏ, ଗରିବ ଖଟିଖିଆ ଲୋକଟିଏ ବଜେଟ୍‌ରୁ କ'ଣ ଆଶା କରେ? ସିଏ ଆଶା କରେ ଏଥରର ବଜେଟ୍ ଆମକୁ ପେଟପୂରା ଗଣ୍ଡେ ଖାଇବାରେ ସହଯୋଗ କରିବ ତ? ଯେଉଁମାନେ ନିଅଣ୍ଟ ଭିତରେ ଦିନ କାଟନ୍ତି, ଫଳମୂଳ– ଭଲଭଲ ପନିପରିବା ଖାଇବା ଏମାନଙ୍କ ପକ୍ଷେ ସବୁବେଳେ ସମ୍ଭବ ହୁଏନି, ଏଇ କାରଣରୁ ଏମାନଙ୍କ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଡାଲମା ଓ ମଝିରେ ମଝିରେ ଅଣ୍ଡା ଦେବାର ନିଷ୍ପତ୍ତି ସରକାର ନେଇଛନ୍ତି । ଏହା ଏକ ଉତ୍ତମ ନିଷ୍ପତ୍ତି ନିଶ୍ଚିତ ଭାବରେ । କିନ୍ତୁ ପିଲାଙ୍କ ବାପା ମା' କେମିତି ଅପପୁଷ୍ଟିର ଶିକାର ନହେବେ ଏହା ନିର୍ଭର କରେ ବଜାର ଦର ଉପରେ । ବଜାର ଦରର ବୃଦ୍ଧିକୁ ଆଖିରେ ରଖି ସରକାରୀ ଚାକିରିଆମାନଙ୍କ ମହଙ୍ଗା ଭତ୍ତା ମଝିରେ ମଝିରେ ବଢ଼େ, ବଜାର ଦର ସହିତ ତାଳ ଦେଇ ଏମାନେ ବଞ୍ଚିପାରିବେ ଏଇ ଉଦ୍ଦେଶ୍ୟରେ । କିନ୍ତୁ ଆମ ଦେଶରେ ସରକାରୀ ଚାକିରିଆଙ୍କ ସଂଖ୍ୟା କେତେ? ଏମାନେ ଭଲରେ ରହିଲେ ଯେ ସମଗ୍ର ଦେଶର ଲୋକେ ଭଲରେ ଅଛନ୍ତି ଏକଥା ଭାବିବା ଉଚିତ୍ ନୁହେଁ । ଆମ ରାଜ୍ୟର ରାଜନେତାଙ୍କ ପାଇଁ ଲକ୍ଷେ ଟଙ୍କାର ଦରମା କମ୍ ପଡ଼ିଲା, ତେଣୁ ଏକାଥରକେ ୩ଲକ୍ଷ ଟଙ୍କା ବଢ଼େଇ ଦିଆଗଲା । ଆଉ ଆର୍ଥିକ ଚିନ୍ତା ସେମାନଙ୍କର ରହିବନି, ଚିନ୍ତାଶୂନ୍ୟ ଭାବରେ ସେମାନେ ଲୋକଙ୍କୁ ସେବା ଯୋଗାଇପାରିବେ ଏଇ ମହତ ଉଦ୍ଦେଶ୍ୟ ରଖିବୋଧେ! ବିରୋଧୀ ଦଳର କିଛି ନେତା ଏ ନିଷ୍ପତ୍ତିକୁ ନାପସନ୍ଦ କଲେ ପ୍ରଥମେ ପ୍ରଥମେ, ତା'ପରେ ନିରବୀ ଗଲେ । ଏଇ ଗୋଟିଏ ପ୍ରସଙ୍ଗରେ ହିଁ ସବୁ ଦଳର ନେତା ଏକାଠି ହୋଇପାରନ୍ତି ଆମ ଦେଶରେ । ବିରୋଧ ନଥାଏ । ଆଉ ବିରୋଧାଭାଷ ଅଛି? ଉପରଠାଉରିଆ ବିରୋଧର କିଛି ମାନେ ନଥାଏ, ପ୍ରଭାବ ନଥାଏ । ଏକଥା ସମସ୍ତେ ଜାଣନ୍ତି । କିଏ ଛାଡ଼ିବାକୁ ଚାହିଁବ ୩ ଲକ୍ଷ ଟଙ୍କାର ଦରମା ପୁଣି ସେଇ ହାରରେ ପେନସନ ମଧ୍ୟ ମିଳିବ ପଦ ଚାଲିଯିବା ପରେ ମଧ୍ୟ ।

ଛାଡନ୍ତୁ ଆମେ ଅସଲ ପ୍ରସଙ୍ଗରୁ ଓହରି ଆସିଲେଣି । ଅସଲ ପ୍ରସଙ୍ଗଟି ହେଉଛି– ହାଣ୍ଡିଶାଳ ଉପରେ ବଜେଟ୍‌ର ପ୍ରଭାବ କ'ଣ ରହିବ? ଏଇ ନିକଟରେ ଯେତେବେଳେ ଜିଏସ୍‌ଟି କମିଲା, ସାଧାରଣ ଲୋକମାନେ ଭାବିଥିଲେ ଘର ଚଳେଇବା ଭାର ଟିକେ ହାଲ୍‌କା ହେବ ଏଣିକି । କିନ୍ତୁ ସେମିତି ତ କିଛି ହେଲାନି ! ଯେଉଁ ଖାଇବା ତେଲ ଜିଏସ୍‌ଟି କମିବା ପୂର୍ବରୁ ଲିଟର ପିଛା ୧୫୦ ଟଙ୍କା ଥିଲା ଜିଏସ୍‌ଟି କମିବା ପରେ ଏବେ ସେଇ ତେଲର ଦାମ୍ ୧୬୫ ଟଙ୍କାରୁ ୧୭୦ ଟଙ୍କା ଭିତରେ ରହିଛି । ଚିନି, ଡାଲି, ଅଟା ସବୁ ଦର ବଢ଼ିଛି । ତା'ହେଲେ ପ୍ରଶ୍ନ ଉଠିପାରେ ଜିଏସ୍‌ଟି ହ୍ରାସ କାହାକୁ ସୁହାଇଲା?

ଏଥରର ବଜେଟ୍‌ରେ କ୍ୟାନସର ରୋଗର ୧୭ଟି ଔଷଧ, ମଧୁମେହ ଭଳି ୭ଟି ଗମ୍ଭୀର ଔଷଧ ସହିତ ଟିଭି, ମୋବାଇଲ, ମାଇକ୍ରୋ ଓଭେନ, କପଡ଼ା, ଚମଡ଼ା ପ୍ରସ୍ତୁତ ଜୋତା, ବ୍ୟାଗ, ସି-ଫୁଡ୍, ଇଭି ବ୍ୟାଟେରି, ବାୟୋ ସିଏନ୍‌ଜି ଗ୍ୟାସ୍, ବିଦେଶରେ ପାଠପଢ଼ା, କ୍ୟାମେରା, ଭିଡିଓ ଗେମ୍ ତିଆରି ପାଇଁ ଆବଶ୍ୟକ ଉପକରଣ, ୨୦୩୫ ମସିହା ଯାଏଁ ଆଣବିକ ଶକ୍ତି ପ୍ରକଳ୍ପ ପାଇଁ ଆମଦାନୀ ହେଉଥିବା ଜିନିଷ ଓ ଖେଳ ଉପକରଣ ଶସ୍ତା ହେବ ।

ଗରିବ ଖଟିଖିଆ ମଣିଷଟି ଯଦି ସରକାରଙ୍କୁ ପ୍ରଶ୍ନ ପଚାରିବାର ସାହସ କରିପାରୁଥାନ୍ତା ତା'ହେଲେ ସେ ନିଶ୍ଚେ ପଚାରନ୍ତା– ଆଜ୍ଞା, ଏ ଯେଉଁସବୁ ସାମଗ୍ରୀର ଦର କମିଲା ଏଥିରେ କି ତରକାରି ହୋଇପାରିବ? ଏଥିରୁ ଆମକୁ କି ପୁଷ୍ଟି ମିଳିବ? ଆମ ରୋଷେଇ ଘରେ ଏସବୁର ଆବଶ୍ୟକତା କ'ଣ? ଏସବୁ ତ ଧନିକ ବର୍ଗଙ୍କ ପାଇଁ, ଆମ ପାଇଁ କ'ଣ ଶସ୍ତା ହେଲା? ପେଟରୁ କାଟି ଯେଉଁ ପିଲାକୁ ପଠପଢ଼ାଇଲୁ ସେମାନେ ଚାକିରି ପାଇବେ ତ ଏଥର? ବେକାରୀ କମିବ ତ?

ବଜେଟ୍ ସବୁବେଳେ ତଳସ୍ତରର ଲୋକଙ୍କ ସନ୍ତୁଷ୍ଟିକୁ ଗୁରୁତ୍ୱ ଦେଇ କରାଯିବା ଉଚିତ୍ । କାରଣ ଆମ ଦେଶରେ ଏବେବି ଗରିବୀ ରହିଛି, ଯଦି ନାହିଁ ବୋଲି ଆମେ କହିବା, ଯଦି ଆମ ଦେଶ ବିକଶିତ ଦେଶମାନଙ୍କ ସହ ସମକକ୍ଷ ହେଲେଣି ତା'ହେଲେ ଟଙ୍କିକିଆ ଚାଉଳ ଏବଂ ମାଗଣା ଯୋଜନା କାହିଁକି ରହିଛି? ତେଣୁ କିଣି ନ ପାରିବା ଲୋକଙ୍କ ସଂଖ୍ୟା ଆମ ଦେଶରେ ଅଧିକ, ଯେଉଁମାନେ ସେମାନଙ୍କ ମନ ଚାହୁଁଥିବା ଦରବ କିଣିପାରନ୍ତିନି ଇଚ୍ଛା ଥାଇ ମଧ୍ୟ । ସେମାନଙ୍କର ସବୁବେଳେ ପେଟ ଚିନ୍ତା, ଆଉ ହାଣ୍ଡିଶାଳ ଚିନ୍ତାରେ ସେମାନେ ବୁଡ଼ି ରହିଥାନ୍ତି । ଏଇ ଚିନ୍ତାରୁ ସେମାନେ କିଭଳି ବାହାରି ପାରିବେ– ବଜେଟ୍ ଏ ସୁଯୋଗ ସେମାନଙ୍କୁ ଦେଇପାରିବ କି?

# ଅଳ୍ପବିଦ୍ୟା ଭୟଙ୍କରି



## ତୁଷମ୍ ଇବ ମନ୍ଥନମ୍- ଚଷୁକୁଟା କାମ

**ତୁଷାରକାନ୍ତ**

ସଂସ୍କୃତଭାଷାରେ 'ଅଗାଧ ଜଳସଞ୍ଚାରୀ ନ ଗର୍ବଂ ଯାତି ରୋହିତଃ, ଗଣ୍ଡୂଷଜଳ ମାତ୍ରେଣ ଶଫରୀ ଫର୍ଫରାୟତେ' ଭଳି ଉପଦେଶାତ୍ମକ ବାଣୀଟିର ଓଡ଼ିଆଭାଷାରେ ବ୍ୟାଖ୍ୟା ହେଉଛି ।

'ଗଭୀର ଜଳରେ ରହୁଥିବା ରୋହି ଭଳି ବଡ଼ ବଡ ମାଛ କେବେ ହେଲେ ଗର୍ବ କିମ୍ବା ଶବ୍ଦ କରନ୍ତି ନାହିଁ । କିନ୍ତୁ ଛୋଟ ଛୋଟ ଦଣ୍ଡିକିରୀ ମାଛଗୁଡିକ ଅଳ୍ପ ପାଣି ପାଇଲେ ମଧ୍ୟ ସେଥିରେ ବହୁତ ଜୋରରେ ଫଡ଼ଫଡ଼ ହୁଅନ୍ତି , ନାଚିବାକୁ ଲାଗନ୍ତି ।'

ଏହାର ନୈତିକ ମୂଲ୍ୟବୋଧ (Moral): 'ଏହା ସେହି ବ୍ୟକ୍ତିମାନଙ୍କ ପାଇଁ କୁହାଯାଏ, ଯେଉଁମାନଙ୍କ ପାଖରେ ଜ୍ଞାନ କମ ଥାଏ କିନ୍ତୁ ସେମାନେ ନିଜକୁ ବଡ଼ ଦେଖାଇବା ପାଇଁ ବହୁତ ଆଡ଼ମ୍ବର କରନ୍ତି । ଯାହାର ଗଭୀର ଜ୍ଞାନ ଥାଏ, ସେ ସବୁବେଳେ ଶାନ୍ତ ରହେ ।' ଏହାର ମାହାତ୍ମ୍ୟ ଆମ ଓଡ଼ିଆ ଲୋକକଥା, 'ଅଳ୍ପ ବିଦ୍ୟା ଭୟଙ୍କରୀ' ଜରିଆରେ ପ୍ରତିଫଳିତ ହୋଇଥାଏ ।

ଏହା ଉପରେ ଉଦାହରଣଟିଏ ନିମ୍ନରେ ସ୍ଥାନିତ ଅଛି, ଯାହା ସାମାଜିକ ଗଣମାଧ୍ୟମରେ ମହାତ୍ମାଗାନ୍ଧୀଙ୍କୁ 'ଦେଶର ବିଭାଜନକାରୀ' ରୂପେ ଦିନରାତି ପ୍ରସାରିତ ହେବା ଉପରେ ଆଧାରିତ । ଏହା ବିଶେଷକରି ତାଙ୍କର ତାଙ୍କର ଜନ୍ମଦିନ (ଅକ୍ଟୋବର ୨ ତାରିଖ) ଓ ପୁଣ୍ୟତିଥିରେ (ଜାନୁଆରୀ ୩୦ ତାରିଖ) ବହୁମାତ୍ରାରେ ହୋଇଥାଏ, ଯାହା ଗତ ତା୩୦.୧.୨୦୨୬ ରିଖର ଗାନ୍ଧୀଙ୍କ ପୂଣ୍ୟତିଥିରେ ବି ଘଟିଥିଲା । ସେହିଦିନ, ଆମ ଓଡ଼ିଆ ଭାଷାର ଜଣେ ବରିଷ୍ଠ ସାମ୍ବାଦିକ ତାଙ୍କର ଫେସବୁକ କାନ୍ଥରେ 'ଆଜି ତାରିଖରେ ଜଣେ ଦୁରାତ୍ମା ଜଣେ ମହାତ୍ମାଙ୍କୁ ହତ୍ୟା କରିଥିଲା । ମହାତ୍ମାଙ୍କୁ ପ୍ରଣାମ, ଦୁରାତ୍ମାକୁ ଧିକ୍କାର' ଭଳି ଲେଖିବା ଉପରେ ୧୨୦ଟି ଟିପ୍ପଣୀ, ମନ୍ତବ୍ୟ ମିଳିଥିଲା, ଯେଉଁଥିରୁ ପାଖାପାଖି ୧୦୦ଟିରେ ଗାନ୍ଧୀଙ୍କ ବାବଦରେ କୁତ୍ସିତ ଟିପ୍ପଣୀମାନ ଥିଲା, (ସମଗ୍ର ଦେଶରେ ଏହିଭଳି କୋଟି କୋଟି ଉଦାହରଣ ଉପଲବ୍ଧ) ଯଦିଓ ଆମ ଯଶସ୍ୱୀ ବିଶ୍ୱଗୁରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ସେହିଦିନ ସକାଳେ ଗାନ୍ଧୀଙ୍କ ସମାଧିପୀଠକୁ ଯାଇ ମଥାନତ କରିଥିଲେ ।

ଉଦାହରଣ : 'ମହାତ୍ମାଗାନ୍ଧୀ ଯେ ଦେଶର ବିଭାଜନ ପାଇଁ ଦାୟୀ ନଥିଲେ', ଏହା ମୋର ମତ ନୁହେଁ, ଏହା ହେଉଛି 'ରାଷ୍ଟ୍ରିୟ ସ୍ୱୟଂସେବକ ସଂଘ ତଥା ଭାରତୀୟ ଜନତା ପାର୍ଟି' ଚିନ୍ତାଧାରାର ପ୍ରମୁଖ ପ୍ରବର୍ତ୍ତକ (Ideologue) ରାମ ମାଧବ ମହାଶୟଙ୍କ ମତାମତ । ଆମ ଦେଶର ଇଂରାଜୀ ଭାଷାର ମୁଦ୍ରିତ ଗଣମାଧ୍ୟମର ଆଗଧାଡିର ଦୈନିକ ସମ୍ବାଦପତ୍ର The Indian Expressର ତା୩୧.୧.୨୦୨୬ରିଖର ସଂସ୍କରଣରେ ଶ୍ରୀ ରାମ ମାଧବ ମହାଶୟଙ୍କ ଲିଖିତ 'In his last days, a dilemma the Mahatma couldn't solve' ଶୀର୍ଷକ ପ୍ରବନ୍ଧଟିଏରେ ସେ ସ୍ପଷ୍ଟଭାବରେ ଉଲ୍ଲେଖ କରିଛନ୍ତି ଯେ, 'ଭାରତବର୍ଷର ବିଭାଜନ ପାଇଁ ମହାତ୍ମାଗାନ୍ଧୀ ଦାୟୀ ନଥିଲେ ।' ସେହି ଲେଖାଟିର ଓଡ଼ିଆଭାଷାରେ ଅନୁବାଦିତ ପାଠ ତଳେ ସ୍ଥାନିତ ଅଛି । ଲେଖାଟିର ଶୀର୍ଷକ ହେଉଛି 'ଏମିତି ଏକ ଦ୍ୱନ୍ଦ୍ୱ ଯାହାକୁ ମହାତ୍ମା ତାଙ୍କର ଶେଷ ଦିନରେ ସମାଧାନ କରିପାରିନଥିଲେ ।'

ଏହାର ଓଡ଼ିଆଭାଷାରେ ଅନୁବାଦିତ ପାଠ: ଜାନୁଆରୀ ୩୦, ୧୯୪୮ରେ ନଥୁରାମ ଗଡ଼ସେ ମହାତ୍ମା ଗାନ୍ଧୀଙ୍କୁ ସେହି ଅପରାଧ ପାଇଁ ହତ୍ୟା କରିଥିଲେ ଯାହା ପାଇଁ ସେ ଗାନ୍ଧୀଙ୍କୁ ଦାୟୀ ମନେ କରୁଥିଲେ । 'ଗାନ୍ଧୀ ଦେଶ ବିଭାଜନରେ ସମ୍ମତି ଦେଇ ଦେଶ ପ୍ରତି ବିଶ୍ୱାସଘାତକତା କରିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ ।' ଗଡ଼ସେଙ୍କ ଯୁକ୍ତି ଥିଲା ଯେ, 'ଯଦି ଗାନ୍ଧୀ ଜିନ୍ନାଙ୍କ ସହ ପାକିସ୍ତାନ ଗଠନକୁ ବିରୋଧ କରିଥାନ୍ତେ, ତେବେ ନା ଜିନ୍ନା ନା ବ୍ରିଟିଶ ଶାସକମାନେ ଏହାକୁ ସୃଷ୍ଟି କରିପାରିଥାନ୍ତେ ।' ଗାନ୍ଧୀଙ୍କୁ ହତ୍ୟା କରି ଗଡ଼ସେ ଯେ ଭୁଲ କରିଥିଲେ ତାହା କହିବା ନିଷ୍ପ୍ରୟୋଜନ । ତେବେ ଆସନ୍ତୁ ତାଙ୍କ କାରଣଗୁଡ଼ିକୁ ଅନୁଧ୍ୟାନ କରିବା ।

ଗାନ୍ଧୀ ତାଙ୍କର ଶାନ୍ତି ନୀତି ପାଇଁ ଦୁଇଜଣ ପ୍ରମୁଖ ବ୍ୟକ୍ତିତ୍ୱ– ବୁଦ୍ଧ ଏବଂ ଯିଶୁଙ୍କ ଠାରୁ ପ୍ରେରଣା ପାଇଥିଲେ । କୌତୁହଳର ବିଷୟ ଯେ, ଏହି ତିନିଜଣଙ୍କର ମୃତ୍ୟୁ ଅସ୍ୱାଭାବିକ ଭାବେ ହୋଇଥିଲା । ବୁଦ୍ଧ ନିଜ ଅତିଥି ବୃନ୍ଦାଙ୍କୁ ଅସନ୍ତୁଷ୍ଟ ନ କରିବା ପାଇଁ ଦୂଷିତ ଖାଦ୍ୟ ଗ୍ରହଣ କରି ମୃତ୍ୟୁକୁ ବରଣ କରିଥିଲେ ଯୀଶୁ ମୃତ୍ୟୁକୁ ଗ୍ରହଣ କରିଥିଲେ କାରଣ ଶାସକମାନେ ତାଙ୍କୁ ବୁଝିବାରେ ବିଫଳ ହୋଇଥିଲେ । ଗାନ୍ଧୀଙ୍କ କ୍ଷେତ୍ରରେ ଏହାର କାରଣ ଉଭୟ ଥିଲା ।

ଗାନ୍ଧୀ କେବେ ଚାହୁଁନଥିଲେ ଯେ ଭାରତ ବିଭାଜିତ ହେଉ । କିନ୍ତୁ ଜୁନ୍ ୧୯୪୭ ରେ, ସେ ତାଙ୍କ ସହକର୍ମୀମାନଙ୍କୁ ସମର୍ଥନ କରି ଠିଆ ହୋଇଥିଲେ, ଯେଉଁମାନେ ସେତେବେଳକୁ ଏହାକୁ ଏକ ଅପରିହାର୍ଯ୍ୟ ସତ୍ୟ (fait accompli) ଭାବରେ ଗ୍ରହଣ କରିସାରିଥିଲେ ।

୧୯୪୫ରେ ଗାନ୍ଧୀ ଜିନ୍ନାଙ୍କୁ ବିଭାଜନ ଦାବି ଛାଡିବା ପାଇଁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ୧୯୪୬ରେ ଯେତେବେଳେ କ୍ୟାବିନେଟ ମିଶନ ଦେଶକୁ ସାମ୍ପ୍ରଦାୟିକ ଭିତ୍ତିରେ ତିନି ଭାଗରେ ବିଭକ୍ତ କରିବା ପ୍ରସ୍ତାବ ନେଇ ଆସିଲା, ଗାନ୍ଧୀ ପୁଣି ଥରେ କଂଗ୍ରେସ କାର୍ଯ୍ୟକାରୀ କମିଟି (CWC) ନିକଟରେ ନିଜର ବିରୋଧ ପ୍ରକଟ କରିଥିଲେ । କିନ୍ତୁ କଂଗ୍ରେସ ନେତୃତ୍ୱ– ଯେଉଁଥିରେ ଜବାହରଲାଲ ନେହରୁ, ସର୍ଦ୍ଦାର ପଟେଲ ଏବଂ ମୌଲାନା ଆଜାଦ ଅନ୍ତର୍ଭୁକ୍ତ ଥିଲେ– ଏହି ଯୋଜନାକୁ ଗ୍ରହଣ କରିବାକୁ ମନ ସ୍ଥିର କରିସାରିଥିଲେ, କାରଣ ଏହା ସହିତ ସେମାନଙ୍କୁ କ୍ଷମତା ହସ୍ତାନ୍ତରର ପ୍ରଥମ ପ୍ରସ୍ତାବ ମିଳିଥିଲା ।

ମର୍ମାହତ ଗାନ୍ଧୀ ଏହି ବୈଠକ ଛାଡିବା ବେଳେ କହିଥିଲେ, 'ମୁଁ ମୋର ପରାଜୟ ସ୍ୱୀକାର କରୁଛି । ମୁଁ ବର୍ତ୍ତମାନ ଆପଣଙ୍କ ଅନୁମତି ନେଇ ବିଦାୟ ନେବି । ଆପଣମାନେ ଆପଣଙ୍କ ଯୁକ୍ତିର ନିର୍ଦ୍ଦେଶକୁ ଅନୁସରଣ କରନ୍ତୁ ।' ପୂର୍ବରୁ ଏମିତି ସ୍ଥିତିରେ ନେତାମାନେ ତାଙ୍କୁ ରହିବାକୁ ଅନୁରୋଧ କରୁଥିଲେ, କିନ୍ତୁ ସେଦିନ ନୁହେଁ । ପ୍ୟାରେଲାଲ ଏକ ସ୍ପଷ୍ଟ ବିବରଣୀ ଦେଇଛନ୍ତି: 'ଆପଣ କ'ଣ ଚାହୁଁଛନ୍ତି? ବାପୁଙ୍କୁ ଆଉ ଅଧିକ ସମୟ ଅଟକାଇ ରଖିବାର କୌଣସି ଆବଶ୍ୟକତା ଅଛି କି?' ବୋଲି ମୌଲାନା ସାହେବ ପଚାରିଥିଲେ । ସମସ୍ତେ ଚୁପ୍ ଥିଲେ । ନିଷ୍ପତ୍ତିର ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ, ସେମାନଙ୍କ ପାଇଁ ବାପୁଙ୍କର କୌଣସି ଆବଶ୍ୟକତା ନଥିଲା । ସେମାନେ 'ପାଇଲଟ୍ (ଚାଳକ)'ଙ୍କୁ ବାଦ୍ ଦେବାକୁ ସ୍ଥିର କରିଥିଲେ ।

ମାର୍ଚ୍ଚ ୧୯୪୭ ରେ ଭାଇସରାୟ ମାଉଣ୍ଟବ୍ୟାଟେନଙ୍କ ବିଭାଜନର ସ୍ପଷ୍ଟସଂକେତ ଥିବା ପ୍ରସ୍ତାବ ବିଷୟରେ ଜାଣିବା ପରେ ଗାନ୍ଧୀ ସ୍ତବ୍ଧ ହୋଇଯାଇଥିଲେ । ସେ ଆଶା କରିଥିଲେ ଯେ କଂଗ୍ରେସ ତାଙ୍କ ସହ ପରାମର୍ଶ କରିବା ପରେ ଏହାକୁ ପ୍ରତ୍ୟାଖ୍ୟାନ କରିବ । କିନ୍ତୁ ତାହା ହେଲା ନାହିଁ । ମାର୍ଚ୍ଚ ୧୯୪୭ର ପ୍ରଥମ ସପ୍ତାହରେ ଅନୁଷ୍ଠିତ CWC ବୈଠକରେ କଂଗ୍ରେସ ସାମ୍ପ୍ରଦାୟିକ ଭିତ୍ତିରେ ପଞ୍ଜାବ ବିଭାଜନ ପାଇଁ ପରାମର୍ଶ ଦେଇଥିଲା । ପରେ ମାଡ୍ରାସରେ ଏକ ସାମ୍ବାଦିକ ସମ୍ମିଳନୀରେ ଜେ.ବି. କୃପାଳନୀ ସୂଚନା ଦେଇଥିଲେ ଯେ ସମାନ ନୀତି ବଙ୍ଗଳା ପାଇଁ ମଧ୍ୟ ପ୍ରଯୁଜ୍ୟ ହୋଇପାରେ ।

ଏହି ଖବରରେ ବିଚଳିତ ହୋଇ ଗାନ୍ଧୀ ନେହେରୁ ଏବଂ ପଟେଲଙ୍କୁ ପ୍ରତିବାଦ ପତ୍ର ଲେଖିଥିଲେ । ମାର୍ଚ୍ଚ ୨୪ରେ ଏହାର ଏକ ରୁକ୍ଷ ଉତ୍ତର ଆସିଥିଲା: 'ଏହା ଗଭୀର ଚିନ୍ତାଧାରା ପରେ ଗ୍ରହଣ କରାଯାଇଛି । କିଛି ବି ତରବରିଆ ଭାବେ କରାଯାଇ ନାହିଁ । ଏହା ଆପଣଙ୍କୁ ବୁଝାଇବା କଷ୍ଟକର ।' ପ୍ୟାରେଲାଲ କହିଥିଲେ ଯେ, ପୁରୁଣା ଦିନରେ ଏଭଳି ବ୍ୟବହାର ଅକଳ୍ପନୀ ଥିଲା ।

ବିଭାଜନକୁ ରୋକିବା ପାଇଁ ଏକ ଶେଷ ପ୍ରୟାସରେ ଗାନ୍ଧୀ ଦିଲ୍ଲୀକୁ ଧାଇଁ ଯାଇ ମାର୍ଚ୍ଚ ୩୧ ରେ ମାଉଣ୍ଟବ୍ୟାଟେନଙ୍କୁ ଭେଟିଥିଲେ । ସେ ପ୍ରସ୍ତାବ ଦେଇଥିଲେ ଯେ ସମଗ୍ର ଭାରତର କ୍ଷମତା ଜିନ୍ନାଙ୍କୁ ହସ୍ତାନ୍ତର କରାଯାଉ । ନେହରୁ ଏବଂ ପଟେଲ ଏହାକୁ ଦୃଢ଼ ଭାବରେ ବିରୋଧ କରିଥିଲେ, ଯେତେବେଳେ କି ଜିନ୍ନା ଏହାକୁ 'ଗାନ୍ଧୀଙ୍କର ଏକ ଚତୁର ଚାଲ୍' କହି ପ୍ରତ୍ୟାଖ୍ୟାନ କରିଥିଲେ ।

ଜୁନ୍ ୨, ୧୯୪୭ରେ ମାଉଣ୍ଟବ୍ୟାଟେନ କଂଗ୍ରେସର ନେହରୁ, ପଟେଲ, କୃପାଳନୀ ଲିଗ୍ର ଜିନ୍ନା, ଲିଆକତ ଅଲି ଖାନ୍, ଏ.ଆର. ନିଶ୍ତାର ଏବଂ ଶିଖ୍ ପ୍ରତିନିଧି ବଲଦେବ ସିଂଙ୍କ ଆଗରେ ବିଭାଜନର ନୂତନ ପ୍ରସ୍ତାବ ରଖିଥିଲେ । ସମସ୍ତ ନେତା ସମ୍ମତି ପ୍ରଦାନ କରିବା ପରେ, ମାଉଣ୍ଟବ୍ୟାଟେନ 'ଜୁନ୍ ୩ ପ୍ଲାନ୍' ଭାବରେ ଜଣାଶୁଣା ବିଭାଜନଯୋଜନା ଘୋଷଣା କରିଥିଲେ ।

ଗାନ୍ଧୀ ସେହି ସମାନ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥିଲେ ଯାହା ସହସ୍ର ବର୍ଷ ପୂର୍ବେ ବୁଦ୍ଧଙ୍କ କ୍ଷେତ୍ରରେ ହୋଇଥିଲା । ନିଜର କନିଷ୍ଠ ସହକର୍ମୀଙ୍କ ନିଷ୍ପତ୍ତିକୁ ସର୍ବସାଧାରଣରେ ପ୍ରତ୍ୟାଖ୍ୟାନ କରିବାକୁ ଅସମର୍ଥ ହୋଇ, ବିରୋଧ ସତ୍ତ୍ୱେ ସେ 'ପରିସ୍ଥିତି'କୁ ଦାୟୀ କରିଥିଲେଛ ଜୁନ୍ ୧୯୪୭ ରେ ଉତ୍ତେଜିତ କଂଗ୍ରେସ ନେତାମାନଙ୍କ ସମ୍ମୁଖରେ ସେ ଯୁକ୍ତି ବାଢ଼ିଥିଲେ ଯେ, 'କେବେ କେବେ କିଛି ନିଷ୍ପତ୍ତି, ଯେତେ ଅପ୍ରୀତିକର ହେଲେ ମଧ୍ୟ, ନେବାକୁ ପଡିଥାଏଛ ଅନେକ ସମୟରେ ମନ୍ଦରୁ ବି ଭଲ ଜନ୍ମ ନିଏ ।'

ବିଭାଜନ ପାଇଁ ଅନୁକୂଳ 'ପରିସ୍ଥିତି' ସୃଷ୍ଟି କରିବାରେ ଗାନ୍ଧୀଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇପାରିବ ନାହିଁ । କିନ୍ତୁ ସେଥିପାଇଁ କେବଳ ତାଙ୍କୁ ଦାୟୀ କରାଯାଇପାରିବ କି? ଗଡ଼ସେ ସେଇଆ ଭାବିଥିଲେ, କିନ୍ତୁ ଦେଶ ଭାବିନଥିଲା । ଗଡ଼ସେ ମତ ଦେଇଥିଲେ ଯେ 'ଗାନ୍ଧୀଙ୍କ ଅନୁପସ୍ଥିତିରେ'ଭାରତୀୟ ରାଜନୀତି ନିଶ୍ଚିତ ଭାବରେ ଭଲ ହେବ । ସେ ଭୁଲ ପ୍ରମାଣିତ ହେଲେ । ଭାରତ ଏକ ଜୀବନ୍ତ ଗଣତନ୍ତ୍ରରେ ପରିଣତ ହେଲା, ଗାନ୍ଧୀଙ୍କ ଅନୁପସ୍ଥିତିରେ ନୁହେଁ, ବରଂ ତାଙ୍କର ଚିରନ୍ତନ ଉପସ୍ଥିତି ମାଧ୍ୟମରେ । (ଶେଷ) (ଦେଶର ବିଭାଜନ ଉପରେ 'ମୁସଲିମ ଲିଗ ତଥା ହିନ୍ଦୁ ମହାସଭା'ର ଭୂମିକା ଉପରେ ଶ୍ରୀ ମାଧବ କୌଣସି ମତାମତ ରଖି ନାହାନ୍ତି ।)

ଗାନ୍ଧୀଜୀ ଦକ୍ଷିଣ ଆଫ୍ରିକାରେ ଥିବାବେଳେ, ଲିଓ ଟଲଷ୍ଟୟଙ୍କ ଲେଖା ତାଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ, ସେ 'ଟଲଷ୍ଟୟ ଫାର୍ମ' ନାମକ ଗୋଟିଏ କୃଷିକ୍ଷେତ୍ର ଆରମ୍ଭ କରିଥିଲେ । ସେହି ଦୁଇଜଣ ପରସ୍ପରକୁ ଭେଟିନଥିଲେ ମଧ୍ୟ, ସେମାନଙ୍କ ଭିତରେ ଚିଠି ଦିଆନିଆ ହୋଇଥିଲା । ଟଲଷ୍ଟୟଙ୍କର ଗାନ୍ଧିଜୀଙ୍କୁ 'ଜଣେ ହିନ୍ଦୁଙ୍କୁ ପତ୍ରଟିଏ' ଶୀର୍ଷକ ଚିଠିଟିଏରେ 'ଅହିଂସା ଉପାୟରେ ପ୍ରତିରୋଧ' ଭଳି ଉପଦେଶ ଗାନ୍ଧୀଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ, ଗାନ୍ଧୀଙ୍କର ସମଗ୍ର ଆନ୍ଦୋଳନ ଅହିଂସା ଉପରେ ହିଁ ପର୍ଯ୍ୟବେସିତ ହୋଇଥିଲା ।

ସେହି ଗାନ୍ଧିଜୀ 'ଯୁଦ୍ଧ' ବାବଦରେ କହିଥିଲେ, 'ଅନୈତିକ କାର୍ଯ୍ୟକଳାପ ପ୍ରତିବାଦରେ ସ୍ୱର ଉତ୍ତୋଳନ କରାଯିବାର ଆବଶ୍ୟକତା ରହିଛି, ଯୁଦ୍ଧ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ କରାଯିବା ଉଚିତ ନୁହେଁ, ହିଂସା ପାଇଁ ସେହି ଦାୟୀ, ଯିଏ ଏହାକୁ ଆରମ୍ଭ କରନ୍ତି ।'

ଯେଉଁ ମହାନ ବୈଜ୍ଞାନିକ ଆଇନଷ୍ଟାଇନ ଗାନ୍ଧିଜୀଙ୍କ ବାବଦରେ କହିଥିଲେ ଯେ 'ହୁଏତ ଭବିଷ୍ୟତର ପିଢ଼ି (ଲୋକେ) ବିଶ୍ୱାସ କରିବେ ନାହିଁ ଯେ କେବେ ଧରାପୃଷ୍ଠରେ ଗାନ୍ଧିଜୀଙ୍କ ଭଳି କେହିଜଣେ ବ୍ୟକ୍ତି ବିଚରଣ କରିଥିଲେ', ସେହି ଆଇନଷ୍ଟାଇନ ମହାଶୟ ଯୁଦ୍ଧ ବାବଦରେ କହିଥିଲେ 'ତୃତୀୟ ବିଶ୍ୱଯୁଦ୍ଧ କେଉଁ ଅସ୍ତ୍ରଶସ୍ତ୍ରରେ ଲଢାଯିବ, ତାହା ମୁଁ (ଆଇନଷ୍ଟାଇନ) କହିପାରିବି ନାହିଁ, କିନ୍ତୁ ଯଦି ଏହା ହୁଏ, ତେବେ ଚତୁର୍ଥ ବିଶ୍ୱଯୁଦ୍ଧ ଯେ ଟେକା ପଥରରେ ଲଢାଯିବ, ସେ ବାବଦରେ ମୁଁ (ଆଇନଷ୍ଟାଇନ) ନିଶ୍ଚିତ', ଅର୍ଥାତ 'ତୃତୀୟ ବିଶ୍ୱଯୁଦ୍ଧ ହେଲେ ତାହା ଆମ ସଭ୍ୟତାକୁ ପ୍ରସ୍ତରଯୁଗକୁ ନେଇଯିବ' ।

ତେବେ, ଏହି ଲେଖାର ଉପରେ ବର୍ଣ୍ଣିତ ଓଡ଼ିଆ ସାମ୍ବାଦିକଙ୍କ ଲେଖା ଉପରେ ୧୨୦ ଟିପ୍ପଣୀ/ମନ୍ତବ୍ୟରୁ ପାଖାପାଖି ୧୦୦ ଗାନ୍ଧୀଙ୍କ ପ୍ରତି କଚ୍ଚର ଗାଳିଫଜିତ, କୁତ୍ସାରଟନା ଉପରେ ଆଧାରିତ ରହିଥିବା ପରିପ୍ରେକ୍ଷୀରେ ତଥା ସମଗ୍ର ଦେଶରେ ଏହିଭଳି କୋଟି କୋଟି ଆକ୍ଷେପ ପରିପ୍ରେକ୍ଷୀରେ, 'ଏଭଳି ଲେଖୁଥିବା– ବନାମ– ଦେଶ ଓ ବିଦେଶରେ ଗାନ୍ଧୀଙ୍କ ପ୍ରଶଂସା ଗାନ କରୁଥିବା ମୋଦିଜୀ, IDEOLOGUE ଶ୍ରୀ ରାମ ମାଧବଜୀ ତଥା ଶ୍ରୀମତୀ ବର୍ଦ୍ଧିଙ୍କୁ ଭିତରୁ 'ଦଣ୍ଡିଖିରି ମାଛ କିଏ ଓ ବଡ଼ ମାଛ କିଏ', ତାହାର ଆକଳନ କିଏ ଅବା କରିପାରିବେ?

ବର୍ତ୍ତମାନର ପୃଥିବୀ ଯେଉଁ 'ଯୁଦ୍ଧର ଘୋର ଘନଘଟାର' ସମ୍ମୁଖୀନ, ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ମାନବ ସମାଜର ସୁରକ୍ଷାପାଇଁ ଆଉ କେହି ଅଛନ୍ତି କି? ଏହା ଅଲଗା କଥା ଯେ, 'ଯିଏ ସାମ୍ବିଧାନିକ ବିଧି ବ୍ୟବସ୍ଥା ସୁରକ୍ଷାରେ ଥାଇ ତାହାକୁ ଭଙ୍ଗ କରୁଛନ୍ତି, ସେମାନେ ପଦ୍ମସମ୍ମାନ ବି ପାଉଛନ୍ତି ।


*ମୋ. ୮୮୯୫୮୫୭୩୧୮*


# ମହାପ୍ରଭୁଙ୍କ ଅନନ୍ୟ ନୀତିକାନ୍ତି : 'ଏକାନ୍ତ'

**■ କବୀର କୁମାର ଜେନା ■**

ମହାପ୍ରଭୁ, ରୂପରେ ତିନି ହେଲେ ମଧ୍ୟ ଗୋଟିଏ ରୂପରେ ସେ ଆବିର୍ଭୂତ ସେ ଜଗନ୍ନାଥ, ଭକ୍ତପ୍ରିୟ ଗୋଟିଏ ନାମ । ସେ ହିଁ ଜଗନ୍ନାଥ। ସମସ୍ତଙ୍କୁ ଆହ୍ଲାଦିତ, ବିମୋହିତ କରନ୍ତି ଏହି ଜଗନ୍ନାଥ । ଚାରୋଟି ଦେବତା, ଚାରୋଟି ରୂପ : ଶ୍ୱେତଃ, କୃଷ୍ଣ, ପୀତ ଓ ଲୋହିତ । ଏହି ଚାରୋଟି ବର୍ଣ୍ଣ ଓ ବିଶ୍ୱ ସକଳ ମଣିଷମାନଙ୍କର ବର୍ଣ୍ଣ । ସତେ ଯେପରି ସବୁ ଦେବତାଙ୍କ ଭିତରେ ସବୁ ମଣିଷ ମିଳିଯାଇଛନ୍ତି ସମସ୍ତେ ଏକ ହୋଇ ଯାଇଛନ୍ତି । ଭେଦରେ ଅଭେଦ ଏହି ମୂର୍ତ୍ତି ଚତୁଷ୍ଟୟଙ୍କ ବାଣୀ ମନ୍ତ୍ର, ମୂର୍ତ୍ତି ଚାରି । ଅଥଚ ସବୁ ହିଁ ଜଣେ ସେ ଏକ ଜଗନ୍ନାଥ। ଚାରି ବର୍ଣ୍ଣରେ ଚଉବର୍ଗ ଦେବାକୁ ସେ ଭରଷି ଦେବାକୁ ବେଶ ସମର୍ଥ । ସେ ଜଗତର ନାଥ ଜଗନ୍ନାଥ । ମହାପ୍ରଭୁଙ୍କ ଦୈନନ୍ଦିନ ରୀତିନୀତି ବାସ୍ତବରେ ଅନନ୍ୟ, ଅସାଧାରଣ ଓ ଏହାର ପରିଚାଳନା ମଧ୍ୟ ବେଶ ଦକ୍ଷ । ଶ୍ରୀମନ୍ଦିରରେ ରହିଥିବା ଅନେକ ନୀତିକାନ୍ତି ଭିତରୁ ଗୋଟିଏ ହେଉଛି ଯାହାର ନାମ 'ଏକାନ୍ତ' । ଆମ ଓଡ଼ିଆ ଭାଷା ବ୍ୟବସ୍ଥାରେ ଏହାର ଭିନ୍ନ ଭିନ୍ନ ଅର୍ଥ ରହିଛି । ଏକାନ୍ତକୁ ଅତି କ୍ଷେତ୍ରରେ ବ୍ୟବହାର କରାଯାଇଛି ଯେପରି ଅତ୍ୟନ୍ତ, ଅତିଶୟ କିନ୍ତୁ ଓଡ଼ିଆ ଭାଷା ତଥ୍ୟ ସହିତ ଶ୍ରୀମନ୍ଦିରର ନୀତିକାନ୍ତି ବ୍ୟବସ୍ଥାରେ ଏହାର ଅର୍ଥ ହେଉଛି ନିର୍ଜନ, ଯାହାକୁ ନିରୋଳା ବି କୁହାଯାଇପାରେ। ତେଣୁ ସ୍ୱାଭାବିକ ଭାବରେ ଏହି ନୀତିକାନ୍ତିଟି ଯେ ଏକ ଗୋପନୀୟ ନୀତି ବ୍ୟବସ୍ଥାରେ ପରିପୂର୍ଣ୍ଣ ଏହା ସୁସ୍ପଷ୍ଟ । ଶ୍ରୀମନ୍ଦିରର ସ୍ୱତ୍ୱଲିପିର ପ୍ରାରମ୍ଭିକ ସମୟର ଉଲ୍ଲେକ ଓ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରର ନିୟମିତ ନୀତିକାନ୍ତିରେ ଏହା ସ୍ଥାନିତ ହୋଇଛି । ପ୍ରତି ଗୁରୁବାର ରାତିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ଲକ୍ଷ୍ମୀଙ୍କ ଗୋପନୀୟ ନିଭୃତ ମିଳନ ହୋଇଥାଏ । ଏହି ଗୋପନୀୟ ସେବାର ନାମ ହେଉଛି 'ଏକାନ୍ତ' । ବ୍ୟବସ୍ଥା ଅନୁଯାୟୀ ଆଜ୍ଞାମାଳ ପ୍ରାପ୍ତ ହେବାପରେ ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କ ଦ୍ୱାରା ଏହି ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ ।

ଶ୍ରୀମନ୍ଦିର ସମ୍ପର୍କରେ ଗବେଷଣାତ୍ମକ ଲେଖନୀ ଚାଳନା କରୁଥିବା ବିଶିଷ୍ଟ ଶ୍ରୀଜଗନ୍ନାଥ ଗବେଷକ ସୁସାହିତ୍ୟିକ ଅସୀତ ମହାନ୍ତିଙ୍କ ତଥ୍ୟ ଅନୁଯାୟୀ– 'ଏହି ନୀତି ନିମନ୍ତେ ଆଜ୍ଞାମାଳ ପ୍ରଦାନ ରୀତି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଗୁରୁବାର ଦିନ ସଂଧ୍ୟାଧୂପ ପରେ, ଦକ୍ଷିଣିଘରୁ, ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ ହୁଅନ୍ତି । ତାହା ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଦୁଇ ଭୁଜରେ ଦୁଇଖଣ୍ଡ ଆଜ୍ଞାମାଳ ଲାଗି ହୋଇଥାଏ । ତୁଳସୀ ମିଶ୍ରିତ ଆଜ୍ଞାମାଳ ଦକ୍ଷିଣ ଭୁଜରେ ଏବଂ ସାଦା ଆଜ୍ଞାମାଳ ବାମ ଭୁଜରେ । ଦକ୍ଷିଣ ଭୁଜର ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଏବଂ ବାମ ଭୁଜର ଆଜ୍ଞାମାଳ ରତନସିଂହାସନରେ ବିରାଜିତ। ଶ୍ରୀଦେବୀଙ୍କୁ ଦିଆଯାଏ ।

ସେହି ଆଜ୍ଞାମାଳ ପାଇବା ପରେ, ଶ୍ରୀମଦନମୋହନ ଓ ଶ୍ରୀଦେବୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଯାଇ ପାଲିଙ୍କିରେ ବସନ୍ତି ଏବଂ ସେହି ପାଲିଙ୍କି ଯାଇ ଶ୍ରୀମନ୍ଦିର ପରିସରରେ ନିଶାନୃସିଂହଙ୍କ ନିମ୍ନଦେଶରେ ରହେ। ସେଠାରୁ ଶ୍ରୀମଦନମୋହନ ଓ ଶ୍ରୀଦେବୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଶ୍ରୀଭୁବନେଶ୍ୱରୀ (ସରସ୍ୱତୀ)ଙ୍କ ମନ୍ଦିର ଭିତରେ ପଶି, ମା' ଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନକୁ ଯାଇ ସେଠାରେ ପଡ଼ିଥିବା ପଲଙ୍କରେ ବିଜେ ହୁଅନ୍ତି । ସେଠାରେ ସେ ଦୁହିଁଙ୍କୁ ବିଧି ଅନୁସାରେ ଶୀତଳଭୋଗ ଲାଗି, କର୍ପୂର ଓ ବଳିତା ଆଳତି ଏବଂ ଅକ୍ଷତ ବନ୍ଦାପନା କରାଯାଏ ।'

ଶେଷ ନୀତିକାନ୍ତି ବ୍ୟବସ୍ଥା ଅନୁଯାୟୀ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଏକାନ୍ତ ମିଳନ ପରେ ପାଲିଙ୍କିରେ ଜଗମୋହନକୁ ପ୍ରତ୍ୟାର୍ବନ କରିଥାନ୍ତି । ଶ୍ରୀଦେବୀଙ୍କ ରତ୍ନସିଂହାସନ ବିଜେ ହୋଇଥାଏ ଓ ଶ୍ରୀମଦନମୋହନଙ୍କର ପ୍ରତ୍ୟାର୍ବନ ହୋଇଥାଏ ଦକ୍ଷିଣୀ ଘରକୁ ଏହା ହିଁ ହେଉଛି ଶ୍ରୀମନ୍ଦିର ନୀତିକାନ୍ତିରେ ରହିଥିବ । 'ଏକାନ୍ତ' ନୀତିକାନ୍ତି। ଲୀଳାମୟ ମହାପ୍ରଭୁଙ୍କ ଏହି ଅନନ୍ୟ ଦିବ୍ୟ ଲୀଳା ଆମ ସାମାଜିକ ଜନଜୀବନକୁ ଏକ ସୁନ୍ଦର ଶିକ୍ଷା ପ୍ରଦାନ କରିଛି । ଗୃହର ମୁଖ୍ୟ ନିଜ କର୍ମସଂସ୍ଥାନରେ, ଗୁଜୁରାଣରେ ଯେତେ ବ୍ୟସ୍ତ ରହୁଥିଲେ ମଧ୍ୟ ନିଜର ସହଧର୍ମିଣୀଙ୍କ ପାଇଁ ସପ୍ତାହରେ ଅନ୍ତତଃପକ୍ଷେ କିଛି ସମୟ ବିତାଇବା ଉଚିତ । ଏହା ପରିବାରର ସଂପ୍ରତି ଆନନ୍ଦ, ଶାନ୍ତି ପାଇବା ନିମିତ୍ତ ଆବଶ୍ୟକ ହୋଇଥାଏ । ତେବେ ତଥ୍ୟ ଅନୁଯାୟୀ ଶ୍ରୀମନ୍ଦିରର ବ୍ୟବସ୍ଥାରେ ଉଲ୍ଲେଖ ରହିଛି ଯେ ଏହି ନୀତି ଯଦି ଗୁରୁବାର ସମ୍ପନ୍ନ ହେଉଥିବାରୁ ସେ ଦିନ ଯଦି ଏକାଦଶୀ ତିଥି ପଡ଼େ ତେବେ ଏହି ନୀତି ସମ୍ପନ୍ନ ହୋଇନଥାଏ । ପୁରାଣ ଶାସ୍ତ୍ରରେ ଏକାଦଶୀ ତିଥିରେ ପତିପତ୍ନୀଙ୍କ ଏକାନ୍ତ ମିଳନ ନିମିତ୍ତ ବାରଣ ରହିଛି । ସେହିପରି ଶ୍ରୀମନ୍ଦିରରେ କେତେକ ବିଶେଷ ନୀତି ସମ୍ପନ୍ନ ହେଉଥିବାବେଳେ ଗୁରୁବାରର ଏହି ଏକାନ୍ତ ନୀତି ହୋଇପାରି ନଥାଏ। ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର । ସେ ନିର୍ଗୁଣ ହୋଇ ବି ସଗୁଣ। ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ୍ୟ ମହାକାରୁଣ୍ୟ । ତେଣୁ ସେ କରୁଣା ସାଗର, କୃପାସିନ୍ଧୁ । ମହାପ୍ରଭୁଙ୍କ ଏହି ଅନ୍ୟତମ ଲୀଳାପରିପୂର୍ଣ୍ଣ ନୀତିକାନ୍ତି ବ୍ୟବସ୍ଥା ବାସ୍ତବିକ ଆମ ସମସ୍ତଙ୍କ ଜନଜୀବନ ପାଇଁ ଏକ ଶିକ୍ଷା। ମହାପ୍ରଭୁଙ୍କ କୃପା ପ୍ରତିଟି ପରିବାରର ଆନନ୍ଦକୁ ଉଜ୍ଜୀବିତ କରୁ, ମହାପ୍ରଭୁଙ୍କ ଲୀଳାରେ ଅନେକ ସମୃଦ୍ଧ ହୁଅନ୍ତୁ ଏହା ହିଁ ପ୍ରାର୍ଥନା ।


*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*

*ମୋ. : ୮୯୧୭୩୭୭୯୮୭*


# ବିଶ୍ୱ ପୁସ୍ତକ ମେଳା ଓ 'କୁଦୋପାଲି'ର ବୀରତ୍ୱ ଗାଥା

**■ଡ. ଅରୁନ୍ଧତୀ ଦେବୀ■**

ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ଓଡ଼ିଶାର ବୀର ସଂଗ୍ରାମୀ, ସେନାନୀଙ୍କ ବୀରତ୍ୱର ଅନେକ କ୍ରାନ୍ତିକାରୀ ଦେଶଭକ୍ତିର ଉଦାହରଣ ରହିଛି । ନିକଟରେ ଭାରତ ମଣ୍ଡପମ୍ ଠାରେ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୬ର ଉଦଘାଟିତ ହୋଇଛି । ଏହି ବର୍ଷର ମେଳାରେ ସ୍ୱତନ୍ତ୍ରତା ହେଉଛି ଓଡ଼ିଶାର ୧୮୫୭ ସଂଗ୍ରାମର ଅନାଲୋଚିତ ଅଧ୍ୟାୟ କୁଦୋପାଲିକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ଏହି ଅବସରରେ କୁଦୋପାଲିର ସଂଘର୍ଷ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡ଼ିଓ ପ୍ରଦର୍ଶିତ ହେବା ସହ 'ଦି ସାଗା ଅଫ କୁଦୋପାଲି : ଦ ଅନସଙ୍ଗ ଷ୍ଟୋରି ଅଫ ୧୮୫୭' ପୁସ୍ତକଟିକୁ ସ୍ପାନିସ ସମେତ ୧୦ଟି ଆଞ୍ଚଳିକ ଭାଷାରେ ଉନ୍ମୋଚିତ ହୋଇଛି । ପୁସ୍ତକଟି ସ୍ପାନିସ, ବଙ୍ଗାଳି, ପଞ୍ଜାବୀ, ମରାଠୀ, ଅସମୀୟା, ମାଲାୟାଲମ, ଉର୍ଦ୍ଧୁ, ତାମିଲ, କନ୍ନଡ଼ ଏବଂ ତେଲୁଗୁ ଭଳି ମୋଟି ୧୦ଟି ଭାଷାରେ ଉନ୍ମୋଚନ ହୋଇଥିଲା। ପୂର୍ବରୁ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଲୋକାର୍ପିତ ହୋଇ ସାରିଥିବା ଏହି ପୁସ୍ତକଟି ବର୍ତ୍ତମାନ ମୋଟ ୧୩ଟି ଭାଷାରେ ଉପଲବ୍ଧ । ବିଶେଷ ଭାବରେ ସ୍ପାନିସ ଭଳି ଆନ୍ତର୍ଜାତିକ ଭାଷାରେ ପୁସ୍ତକଟିର ଉନ୍ମୋଚନ ଓଡ଼ିଶାର ଇତିହାସକୁ ୟୁରୋପୀୟ ପାଠକଙ୍କ ପାଖରେ ପହଞ୍ଚାଇବାରେ ଏକ ବଡ଼ ସଫଳତା ।

ଏଠାରେ ଉଲ୍ଲେଖ କରୁକି ଯେ, ୧୮୫୭ ମସିହା ଡିସେମ୍ବର ମାସ ୩୦ ତାରିଖ ଦିନ କୁଦୋପାଲିର ରଣଭୂମିରେ ୫୩ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ । ପରେ ଆଉ ଚାରି ଜଣ ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା । ଏହିପରି ୫୭ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ । ଆଜିର ପଦକ୍ଷେପ ମାଧ୍ୟମରେ କୁଦୋପାଲିର ଅନାଲୋଚିତ ଇତିହାସ ଏବଂ ବୀର ସଂଗ୍ରାମୀଙ୍କ ବଳିଦାନକୁ ସର୍ବଭାରତୀୟ ତଥା ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବା ପାଇଁ ଏକ ବଳିଷ୍ଠ ପ୍ରୟାସ କରାଯାଇଛି । ଏହି ତଥ୍ୟ ସମ୍ବଳିତ ନୂତନ ପୁସ୍ତକଟି ଭାରତର ସଂଗ୍ରାମୀ ଇତିହାସରୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବ । ଏହି ପଦକ୍ଷେପ ଦ୍ୱାରା ନୂଆପିଢ଼ିର ପିଲାମାନେ ନିଜ ମାଟିର ବୀରତ୍ୱ ଓ ସଂଘର୍ଷ ବିଷୟରେ ଜାଣିବାକୁ ସୁଯୋଗ ପାଇବେ ।

ସମ୍ବଲପୁରର କୁଦୋପାଲି କେବଳ ଏକ ସ୍ଥାନ ନୁହେଁ, ବରଂ ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଜାଜ୍ଜ୍ୱଲ୍ୟମାନ ପ୍ରତୀକ। ୧୮୫୭ର ସିପାହୀ ବିଦ୍ରୋହ ସମୟରେ ଓଡ଼ିଶାର ଏହି ମାଟି ବ୍ରିଟିଶ ଶାସନ ବିରୋଧରେ ଅପରାଜେୟ ସଂଗ୍ରାମର ସାକ୍ଷୀ ରହିଥିଲା, ଯାହା ଏବେ ବିଶ୍ୱ ଦରବାରରେ ନୂତନ ପରିଚୟ ପାଇବାକୁ ଯାଉଛି । ୧୮୫୭ ଜୁଲାଇ ୩୦ରେ ହଜାରିବାଗ ଜେଲରୁ ମୁକ୍ତ ହେବା ପରେ ବୀର ସୁରେନ୍ଦ୍ର ସାଏ ସମ୍ବଲପୁର ଫେରି ଆସିଥିଲେ। ଜନତାଙ୍କ ଅକୁଣ୍ଠ ସମର୍ଥନରେ ସେ ବ୍ରିଟିଶ ବିରୋଧୀ 'ଉଲଗୁଲାନ' ଗରିଲା ଯୁଦ୍ଧର ରଣନୀତି ପ୍ରସ୍ତୁତ କରିଥିଲେ । ସମ୍ବଲପୁର ଠାରୁ ମାତ୍ର ଚାରି ମାଇଲ ଦୂରରେ ଥିବା କୁଦୋପାଲିକୁ ସଂଗ୍ରାମୀମାନେ ନିଜର ମୁଖ୍ୟ କେନ୍ଦ୍ର କରିଥିଲେ । ଏହାପରେ ପାହାଡ଼ିଆ ଭୌଗୋଳିକ ଅବସ୍ଥିତି ଯୋଗୁଁ ସେଠାରୁ ଶତ୍ରୁର ଗତିବିଧି ଉପରେ ନଜର ରଖିବା ସହଜ ଥିଲା । ୧୭ ଡିସେମ୍ବର ୧୮୫୭ରେ ବ୍ରିଟିଶ ସେନାର ପ୍ରଥମ ଆକ୍ରମଣକୁ ସଂଗ୍ରାମୀମାନେ ପାହାଡ଼ ଉପରୁ ବିଶାଳ ପଥର ଗଡ଼ାଇ ପରାସ୍ତ କରିଥିଲେ । ଏହି ବିଜୟ ବ୍ରିଟିଶ ଶାସନକୁ ସମ୍ପୂର୍ଣ୍ଣ ଅଥର୍ବ କରିଦେଇଥିଲା । ବ୍ରିଟିଶ ସେନା ଷଡ଼ଯନ୍ତ୍ର କରି ପଛକୁ ଫେରିଯିବାର ଛଳନା କରିଥିଲେ । ସଂଗ୍ରାମୀମାନେ ପାହାଡ଼ ତଳକୁ ଓହ୍ଲାଇବା ମାତ୍ରେ ଅତର୍କିତ ଆକ୍ରମଣର ଶିକାର ହୋଇଥିଲେ । ଏହି ଯୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଚତୁର୍ଥ ଭ୍ରାତା ଛବିଲ ସାଏ ବୀରତ୍ୱର ସହ ଲଢ଼ି ଶହୀଦ ହୋଇଥିଲେ ।

କୁଦୋପାଲି ମାଟିରେ ସମୁଦାୟ ୫୭ ଜଣ ବୀରପୁତ୍ର ତଥା ୫୩ ଜଣ ଯୁଦ୍ଧରେ ଓ ଚାରି ଜଣ ଫାଶୀ ଦ୍ୱାରା ଶହୀଦ ହୋଇଥିଲେ। ଏହି ଘଟଣା ସଂଗ୍ରାମକୁ ଦୁର୍ବଳ କରିବା ପରିବର୍ତ୍ତେ ଆହୁରି ତୀବ୍ର କରିଥିଲା, ଯାହାର ପ୍ରତିଶୋଧ ପରବର୍ତ୍ତୀ ସମୟରେ ପାହାଡ଼ ଶ୍ରୀଗିଡ଼ା ଯୁଦ୍ଧରେ ନିଆଯାଇଥିଲା। ସମ୍ବଲପୁରର ଏହି ଐତିହାସିକ ସଂଗ୍ରାମର ମୁଖ୍ୟ ପୁରୋଧା ଥିଲେ ବୀର ସୁରେନ୍ଦ୍ର ସାଏ, ଯାହାଙ୍କ ନେତୃତ୍ୱରେ ସାରା ଅଞ୍ଚଳରେ ବ୍ରିଟିଶ ବିରୋଧୀ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା । କୁଦୋପାଲିର ରକ୍ତକ୍ଷୟୀ ଯୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଚତୁର୍ଥ ଭ୍ରାତା ଛବିଲ ସାଏ ବୀରତ୍ୱର ଚରମ ନିଦର୍ଶନ ଦେଖାଇ ଶହୀଦ ହୋଇଥିଲେ । ତାଙ୍କ ସହ ଏହି ଆନ୍ଦୋଳନକୁ ସଶକ୍ତ କରିବାରେ ସୁରେନ୍ଦ୍ରଙ୍କ ଅନ୍ୟତମ ଭ୍ରାତା ଉଦନ୍ତ ସାଏ ଏବଂ କାକା ବଳରାମସିଂହ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କୁଦୋପାଲି ମାଟିକୁ ନିଜ ରକ୍ତରେ ଭିଜାଇଥିବା ୫୭ ଜଣ ବୀର ସନ୍ତାନଙ୍କ ମଧ୍ୟରେ କୁଲାବିରା ଜମିଦାରଙ୍କ ପୁତ୍ର କୃଷ୍ଣଚନ୍ଦ୍ର ସିଂହ ନାଏକ, ସଂଗ୍ରାମୀ ସେନାପତି ଶ୍ରୀକୃଷ୍ଣ ବେହେରା ଏବଂ ପତ୍ରାପାଲିର ଗଉଁତିଆ ବଳଭଦ୍ର ଦାସ ବିଆ ପ୍ରମୁଖ ସାମିଲ ଥିଲେ। ଏହି ବରପୁତ୍ରମାନଙ୍କ ମିଳିତ ତ୍ୟାଗ ଓ ବଳିଦାନ କୁଦୋପାଲିକୁ ଭାରତୀୟ ସ୍ୱାଧୀନତା ଇତିହାସରେ ଏକ ପବିତ୍ର ରକ୍ତତୀର୍ଥର ମାନ୍ୟତା ପ୍ରଦାନ କରିଛି। ଦୀର୍ଘ ବର୍ଷ ଧରି ଏହି ଇତିହାସ କେବଳ ସ୍ଥାନୀୟ ଲୋକଗୀତରେ ସୀମିତ ଥିଲା । ଉଲ୍ଲେଖଯୋଗ୍ୟ ଏହି ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାରେ କାତାରର ସଂସ୍କୃତି ମନ୍ତ୍ରୀ ମହାମହିମ ଏଆର ବିନ ହାମଦ ବିନ ଜାସିମ ବିନ ହାମଦ ଅଲ୍ ଥାନି, ଭାରତର କତାର ରାଷ୍ଟ୍ରଦୂତ ଏଚ.ଜେ.ଅଲ ଜାବିର ଏବଂ ସ୍ପେନର ସଂସ୍କୃତି ମନ୍ତ୍ରଣାଳୟର ଡାଇରେକ୍ଟର ଜେନେରାଲ ଅଫ ବୁକ ସୁଶ୍ରୀ ମାରିଆ ଜୋସେ ଗାଲଭେଜ ପ୍ରମୁଖ ଉପସ୍ଥିତ ରହି ଭାରତର ଏହି ସଂଗ୍ରାମୀ ଗାଥକୁ ସମ୍ମାନ ଜଣାଇଛନ୍ତି। ବର୍ତ୍ତମାନ ଆଇସିଏଚଆର ଏବଂ ନ୍ୟାସନାଲ ବୁକ ଟ୍ରଷ୍ଟର ପ୍ରୟାସରେ ଏହି ବସ୍ତୁତ କାହାଣୀ 'ଦି ସାଗା ଅଫ କୁଦୋପାଲି' ପୁସ୍ତକ ମାଧ୍ୟମରେ ୧୩ଟି ଭାଷାରେ ପ୍ରକାଶିତ ହୋଇ ବିଶ୍ୱବ୍ୟାପୀ ପରିଚୟ ପାଉଛି । କୁଦୋପାଲିରେ ଏକ ଭବ୍ୟ ଶହୀଦ ସ୍ମାରକ ନିର୍ମାଣର ଯୋଜନା କରାଯାଇଛି, ଯାହା ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ରାଷ୍ଟ୍ରର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।


*ମୋ.୯୯୩୭୧୭୨୮୧୦*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ







# ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା

ଅଲେଖ ଚନ୍ଦ୍ର ସାମଲ

**ତ୍ୟାଗ, ତପସ୍ୟା, ଆତ୍ମଜ୍ଞାନ, ବ୍ରହ୍ମଦୀକ୍ଷା ଓ ବ୍ରହ୍ମଉପାସନାର ଧର୍ମ ମହିମା ଧର୍ମ । ସକଳ ମତବାଦର ସାର ନିର୍ଯାସ ବିଶୁଦ୍ଧ ଅଦ୍ୱୈତ ବ୍ରହ୍ମବାଦରେ ଏହା ପରିପୁଷ୍ଟ ଓ ପରିବର୍ଦ୍ଧିତ । ଏକଦା ପବିତ୍ର ଉତ୍କଳଭୂମିର ଯୋରନ୍ଦାରେ ଅଙ୍କୁରିତ ହୋଇଥିବା ଏହି ଭୂମାସ୍ପର୍ଶୀ ବିଶାଳ ଧର୍ମବୃକ୍ଷ ସମଗ୍ର ଭାରତବର୍ଷକୁ ଧାର୍ମିକ ଚେତନାରେ ପ୍ଲାବିତ କରୁଛି । ଗୁରୁ ମହିମାସ୍ୱାମୀଙ୍କ ଯୋଗ୍ୟ ଆଜ୍ଞାବାହ ଭାବେ ପ୍ରଥମପନ୍ଥୀ, ଦ୍ୱିତୀୟପନ୍ଥୀ ଓ ବର୍ତ୍ତମାନିକ ତୃତୀୟପନ୍ଥୀ ବଳକଳଧାରୀ ଅବଧୂତ ସନ୍ୟାସୀ ଧର୍ମପ୍ରଚାର ପ୍ରାରମ୍ଭରୁ ଆଜିସୁଦ୍ଧା ମହିମା ଧର୍ମଧାମର ସୁରକ୍ଷା, ସମୃଦ୍ଧି ଅକ୍ଷୁଣ୍ଣ ରଖି ଆସିଛନ୍ତି ।**

ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା । ମାନବଧର୍ମର ମହୋତ୍ସବ କୁହାଯାଉଥିବା ଏହି ଯୋରନ୍ଦା ମହିମା ମେଳାରେ ଲକ୍ଷ ଲକ୍ଷ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀଙ୍କ ସମାଗମ ହୋଇଥାଏ ।



ମହିମା ମେଳା ଅବସରରେ ସମାଧି ମନ୍ଦିର ନିକଟରେ ସୁନା ଓ ରୂପାର ଛାତ୍ରୀ, ତରାସ, ଚାମର, ଢ଼ାଲ, ଗଡୁ, ଲୋଟା, ଥାଳି ଆଦି ଯାତ୍ରୀମାନଙ୍କ ଦର୍ଶନ ନିମନ୍ତେ ସୁସଜ୍ଜିତ କରାଯାଇଥାଏ । ମନ୍ଦିର ପରିସରରେ ଦଳ ଦଳ ହୋଇ ମହିମା ସାଧୁସନ୍ଥମାନଙ୍କ ଖଞ୍ଜଣି ଭଜନ ଗାନ ଆଧ୍ୟାତ୍ମିକ ପରିବେଶକୁ ଆହୁରି ଗଭୀର କରିଥାଏ । ମନ୍ଦିରର ଅଖଣ୍ଡ ଧୁନିରେ ବିଶ୍ୱକଲ୍ୟାଣ ଶାନ୍ତି କାମନା ନିମନ୍ତେ ମହିମା ସାଧୁସନ୍ଥମାନଙ୍କ ଦ୍ୱାରା ଘୃତାହୁତି ଦିଆଯାଇଥାଏ । ସଭାଗୃହ ଠାରେ ମହିମା ସାଧୁ ସମ୍ମିଳନୀ ଓ ଧର୍ମ ଆଲୋଚନା ଆଦି ହୋଇଥାଏ । ମହିମା ମେଳା ତିନି ଦିନ ଧରି ଅନୁଷ୍ଠିତ ହୁଏ । ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଧର୍ମ ଓ ସଂସ୍କୃତିର ପ୍ରଭାବରେ ଭାରତୀୟ ଆଧ୍ୟାତ୍ମିକକ ଚେତନା ଏକ ଆତ୍ମିକ ସନନ୍ଦ ରୂପେ ପ୍ରତିଭାତ ହୋଇଥିଲା । ସେ ସମୟରେ ଭାରତୀୟ ଧାର୍ମିକ ଚିନ୍ତାଧାରାରେ ଏକ ବିଶେଷ ପରିବର୍ତ୍ତନ ପ୍ରକ୍ରିୟା ଅନୁଭୂତ ହୋଇଥିଲା । ପବିତ୍ର ଉତ୍କଳ ଭୂମିରେ ସାଧୁ ସୁନ୍ଦର ଦାସ ଓ ଅରକ୍ଷିତ ଦାସ ମହାତ୍ମାଙ୍କ ସମେତ ପୂଜ୍ୟ ମହିମା ସ୍ୱାମୀ ଆବିର୍ଭାବ ହୋଇଥିଲେ । ମହିମା ସ୍ୱାମୀଙ୍କର ପ୍ରକୃତ ପରିଚୟ, ଜୀବନଚର୍ଯ୍ୟା ତଥା ଜନ୍ମ ସମ୍ପର୍କରେ ଠୋସ୍ ପ୍ରମାଣ କାହା ପାଖରେ ନଥିବା ବେଳେ ମହିମାଧର୍ମାବଲମ୍ବୀଙ୍କ ମତରେ ସେ ଅଲେଖ ପରଂବ୍ରହ୍ମଙ୍କ ଅବତାରରେ ଏବଂ ଧର୍ମସଂସ୍ଥାପନାର୍ଥେ ସ୍ୱମହିମାରେ ଆବିର୍ଭୂତ ହୋଇଥିଲେ । ୧୭୩୨ ଖ୍ରୀଷ୍ଟାବ୍ଦରେ ମହିମା ସ୍ୱାମୀଙ୍କର ଆବିର୍ଭାବ, ଦୀର୍ଘ ୧୪୪ ବର୍ଷ ମହିମାଲୀଳା ସଂରଚନା କରିବା ପରେ ୧୮୨୬ ଖ୍ରୀଷ୍ଟାବ୍ଦରେ ତିରୋଧାନ କରିଥିଲେ ବୋଲି ମହିମାଧର୍ମୀ କହନ୍ତି । ମହିମା ସ୍ୱାମୀଙ୍କର ପ୍ରକୃତ ଆବିର୍ଭାବ କାଳର ପ୍ରାମଣିକ ତଥ୍ୟ ମିଳିନଥିଲେ ସୁଦ୍ଧା ୧୮୨୬ ମସିହାରେ ସେ ପୁରୀରେ ଅଲେଖ ମଣ୍ଡଳ ପ୍ରତିଷ୍ଠା କରିଥିବାର ଇତିହାସରେ ସୂଚନା ରହିଛି । ୧୮୨୬ ମସିହା ଠାରୁ ୧୮୩୮ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୨ ବର୍ଷ ସେ ଖଣ୍ଡଗିରି ଗୁମ୍ଫାରେ କେବଳ ଜଳପାନ ପୂର୍ବକ ସମାଧି ଯୋଗ ଅବଲମ୍ବନ କରିଥିଲେ । ୧୮୩୮ ମସିହାରେ ମହିମା ସ୍ୱାମୀ ପୁରାଣ ପ୍ରସିଦ୍ଧ କପିଳାସ ପର୍ବତର ପଶ୍ଚିମ ପାର୍ଶ୍ୱରେ ସମାଧିସ୍ଥ ହେଲେ । ଏହି ପବିତ୍ର ତପସ୍ୟା ପୀଠ ସଂପ୍ରତି ତପୋବନ ଆଶ୍ରମ ନାମରେ ପରିଚିତ ।



କପିଳାସ ତପୋବନ ଆଶ୍ରମରେ ମହିମା ସ୍ୱାମୀ ୧୮୬୨ ମସିହାରେ ମହିମା ଦର୍ଶନର ଦିବ୍ୟପ୍ରାପ୍ତି ହେଲେ । ସେହି ମହିମା ଦର୍ଶନର ସାରସତ୍ତା ହେଉଛି ଅଲେଖ ପରଂବ୍ରହ୍ମଙ୍କ ଠାରୁ ଆତ୍ମକ୍ଷରିତ । ତାଙ୍କରିଠାରେ ଅର୍ପିତ ଏବଂ ଶେଷରେ ତାଙ୍କରି ଶରଣ ଦର୍ଶନରେ ମୁକ୍ତି । ଏହି ଦର୍ଶନକୁ ଭି କରି ପୂଜ୍ୟ ମହିମା ସ୍ୱାମୀ ମହିମା ଧର୍ମର ଉନ୍ମେଷ ଘଟାଇଥିଲେ । ଏକ ନୂତନ ଧର୍ମର ପ୍ରତିଷ୍ଠା କରିଥିବାରୁ ଏବଂ ଧର୍ମର ନାମ ମହିମାଧର୍ମ ହୋଇଥିବାରୁ ପରବର୍ତ୍ତୀ ସମୟ ଠାରୁ ସେ ମହିମା ଗୋସାଇଁ ଭାବେ ପରିଚିତ ହୋଇଥିଲେ । ମହିମା ଧର୍ମ ହିଁ ବେଦାନ୍ତ ଦର୍ଶନ ବିଚାରରେ ମାନବ ଧର୍ମ । ଦିବ୍ୟ ଦୃଷ୍ଟିରେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଉପାସନା, ଭାଷା, ବେଶଭୂଷାର ଭିନ୍ନତା ସତ୍ତ୍ୱେ ସକଳ ମାନବ ଏକ ପରମେଶ୍ୱରଙ୍କ ସନ୍ତାନ ବୋଲି ମହିମା ଧର୍ମର ପ୍ରତିଷ୍ଠା ମହିମା ସ୍ୱାମୀ ସାମାଜିକ ସଂସ୍କାରର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟରେ କହିଥିଲେ । ମହିମା ସ୍ୱାମୀଙ୍କର ଗୋବିନ୍ଦ ବାବା ହେଉଛନ୍ତି ପ୍ରଥମ ଶିଷ୍ୟ । ଆଉ ପ୍ରମୁଖ ଶିଷ୍ୟ ହେଉଛନ୍ତି ସନ୍ଥକବି ଭୀମଭୋଇ । ପ୍ରାତଃସ୍ମରଣୀୟ ମହିମା ସ୍ୱାମୀ ପୁରପଲ୍ଲୀରେ ସର୍ବତ୍ର ପରିଭ୍ରମଣ କରି ୬୪ଜଣଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରିଥିଲେ ଏବଂ ଲୋକମାନଙ୍କୁ ମହିମା ଧର୍ମରେ ଦୀକ୍ଷିତ ହେବା ନିମନ୍ତେ ବହୁ ସ୍ଥାନରେ ଟୁଙ୍ଗୀ ବା ଆଶ୍ରମ ପ୍ରତିଷ୍ଠା କରିଥିଲେ । ସେଥିମଧ୍ୟରୁ ଯୋରନ୍ଦା ଟୁଙ୍ଗୀ ହିଁ ଥିଲା ମୁଖ୍ୟ । ମହିମା ସ୍ୱାମୀଙ୍କ ତିରୋଧାନ ପରେ ତାଙ୍କର ଚାରି ହାତର ସମାଧି ଉପରେ ଗାଦି ମନ୍ଦିର ନିର୍ମାଣ କରାଯାଇଛି । ତା'ପରେ ଶୂନ୍ୟ ମନ୍ଦିର, ଧ୍ୱନି ମନ୍ଦିର, ସଭାଗୃହ, ପୁସ୍ତକାଳୟ, ବହୁ ମଠ ଓ ଆଶ୍ରମ ନିର୍ମାଣ ହୋଇଛି । ବର୍ତ୍ତମାନ ଦେଶ ଓ ବିଦେଶରେ ମଧ୍ୟ ଅଗଣିତ ମହିମା ସନ୍ନ୍ୟାସୀ ମହିମାଗାଦିର ବିଭିନ୍ନ ମଠ ଓ ଆଶ୍ରମରେ ରହି ଧର୍ମ ପ୍ରଚାର ଚଳାଇଛନ୍ତି । ହେଲେ ମହିମା ଧର୍ମର ମୁଖ୍ୟ କାର୍ଯ୍ୟାଳୟ ଏହି ଯୋରନ୍ଦା ଠାରେ ରହି ଆସିଛି । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତରେ ଅଷ୍ଟାଙ୍ଗ ପ୍ରଣାମ ପୂର୍ବକ ଅଲେଖ ପରଂବ୍ରହ୍ମଙ୍କର ଶରଣାପନ୍ନ ହେବା ହିଁ ମହିମା ସ୍ୱାମୀଙ୍କ ପ୍ରବର୍ତ୍ତିତ ନିତ୍ୟ ଉପାସନା । ସମ୍ପୂର୍ଣ୍ଣ ସରଳ ଓ ନିରାଡ଼ମ୍ବର ଜୀବନଯାପନ ହିଁ ମହିମା ଧର୍ମର ସନ୍ଦେଶ । ମହିମାଧର୍ମୀ ସାଧୁସନ୍ଥ ଓ ଗୃହୀମାନେ ସତ୍ୟବାଦୀ, ନିରାଡ଼ମ୍ବର, ମିଷ୍ଟଭାଷୀ ଏବଂ ସଦା ପ୍ରସନ୍ନମନା । ସନ୍ନ୍ୟାସୀମାନେ ବଳକର ବା କୌପୀନି ଆଉ ଗୃହୀମାନେ



ଗେରୁଆବସ୍ତ୍ର ପରିଧାନ କରିଥାନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ମୁକ୍ତାକାଶ ତଳେ ନୂତନ ମାଟି ପାତ୍ର ବା ପତ୍ରରେ ଶାକାନ୍ନ ଭୋଜନ ହିଁ ମହିମା ଧର୍ମର ଶ୍ରେଷ୍ଠ ଆଚରଣ । ସନ୍ନ୍ୟାସୀମାନେ କୌଣସି ଟୁଙ୍ଗୀରେ ଏକ ରାତିରୁ ଅଧିକ ସମୟ ନିବାସ ନ କରିବା ମଧ ମହିମା ଧର୍ମରେ ନିୟମ ରହିଛି । ମହିମା ସ୍ୱାମୀ ମହିମା ଧର୍ମ ସମ୍ବନ୍ଧୀୟ କୌଣସି ସାହିତ୍ୟ ରଚନା କରି ନଥିଲେ । ପରବର୍ତ୍ତୀ ସମୟରେ ମହିମା ଧର୍ମ ସମ୍ବନ୍ଧୀୟ ପ୍ରମୁଖ ସାହିତ୍ୟ ସନ୍ଥ କବି ଭୀମଭୋଇ ରଚନା କରି ମହିମା ଧର୍ମକୁ ଅଧିକରୁ ଅଧିକ ପ୍ରଚାର ଓ ପ୍ରସାର କରି ପାରିଥିଲେ । ପରର୍ବୀ କାଳରେ ଅଗଣିତ ସାଧୁସନ୍ଥ, ମହାତ୍ମା ଓ ବିଜ୍ଞ ପ୍ରାଜ୍ଞମାନେ ମହିମା ଧର୍ମ ସମ୍ବନ୍ଧୀୟ ବହୁ ରଚନା କରିଥିଲେ । ଯେଉଁ ମହିମା ସନ୍ନ୍ୟାସୀମାନେ ଦେଶ ଓ ବିଦେଶରେ ରହି ଧର୍ମ ପ୍ରଚାର କରୁଛନ୍ତି ସେମାନେ ଏକତ୍ରିତ ହେବା, ଗୃହୀ ଭକ୍ତଙ୍କର ସମାଗମ ତଥା ମହିମା ସନ୍ଦେଶ ପ୍ରଦାନ ଉଦ୍ଦେଶ୍ୟରେ ମହିମା ସ୍ୱାମୀ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଯୋରନ୍ଦା ଟୁଙ୍ଗୀ ନିକଟରେ ମହିମା ମେଳା ଆରମ୍ଭ କରିଥିଲେ । ଆରମ୍ଭରୁ ଏହି ମହିମା ମେଳା ଛୋଟ ଆକାରରେ ହେଉଥିବା ବେଳେ କ୍ରମଶଃ ବୃଦ୍ଧି ପାଇ ବିଶ୍ୱ ପ୍ରସିଦ୍ଧ ମହିମା ମେଳାରେ ପରିଣତ ହୋଇଛି ।



ଭୀମଭୋଇ ପ୍ରଭୁ ମହିମାସ୍ୱାମୀଙ୍କ ଠାରୁ ଉପଦେଶ ଓ କବିତା ଶକ୍ତି ପ୍ରାପ୍ତ ହୋଇ ମହିମାଧର୍ମର ପ୍ରଥମ ଗୃହସ୍ଥ ଭକ୍ତ ହେବାର ଗୌରବ ଅର୍ଜନ କରିଥିଲେ । ଏହି ଧର୍ମ କାହାର ବିରୋଧାଭାସ ନୁହେଁ, ବରଂ ହିନ୍ଦୁଧର୍ମର ବିଶୁଦ୍ଧ ରୂପାନ୍ତର ଓ ବେଦାନ୍ତସିଦ୍ଧ ଧର୍ମ ଅଟେ । ସତ୍ୟ ମହିମା ଧର୍ମ ଗ୍ରନ୍ଥକୋଷ ସମିତି, ମହିମାଗାଦି ଦ୍ୱାରା ବିଭିନ୍ନ ଭାଷାରେ ପ୍ରକାଶିତ ଏହି ଧର୍ମର ପ୍ରାମାଣିକ ଧର୍ମଗ୍ରନ୍ଥଗୁଡ଼ିକ ଯଥା- ସତ୍ୟ ମହିମା ଧର୍ମ ପ୍ରତିପାଦକ, ମହିମା ଧର୍ମ ଇତିହାସ, ମହିମାଗାଦି ମହିମାଧାମ ଇତିହାସ, ସର୍ବବେଦବେଦାନ୍ତ ସାର ତତ୍ତ୍ୱ, ଶିରୋମଣି ସିଦ୍ଧସାଧୁ ଚରିତ୍ରାମୃତ, ଗୃହସ୍ଥ ଶୁଭକର୍ମ ବିଧାନାଦି ଓ ଭୀମଭୋଇ କୃତ ସ୍ତୁତି ଚିନ୍ତାମଣି, ବ୍ରହ୍ମନିରୁପଣ ଗୀତା, ଭଜନ ଚଉତିଶା ପ୍ରଭୃତି ଅନ୍ୟତମ ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ. ୯୪୩୭୨୫୭୧୨୩



# ମହିମା ଧର୍ମ ଓ ଶୂନ୍ୟ ଯୋଗ

ଆର୍ଯ୍ୟ ସନାତନ ଧର୍ମ ସଂସ୍କୃତିରେ ମହିମା ଧର୍ମର ସ୍ୱତନ୍ତ୍ରତା ରହିଛି। ସମାଜରେ ମଣିଷ ମଣିଷ ଭିତରେ ଧର୍ମ ଓ ଜାତି ଭେଦର ଭାବନା ସମୟରେ ଗୁରୁ ମହିମା ସ୍ୱାମୀ ମହିମା ଗୋସେଇଁ ବା ଅଲେଖ ଗୋସେଇଁ ଭାବରେ ବିଶୁଦ୍ଧ ବ୍ରହ୍ମବାଦର ଆଧ୍ୟାତ୍ମିକ ମାର୍ଗ ଦର୍ଶନ ନିମି ଏକ ଜାଗରିତ ଚେତନାର ରୂପାନ୍ତରଣ ଥିଲେ। ଗାଁ ଗହଳିରେ ମହିମା ସ୍ୱାମୀଙ୍କୁ କେହି କେହି ଧୂଳିଆବାବା ନାମରେ ଡାକୁଥିଲେ। ପର୍ବତ ଗିରି କନ୍ଦରରେ ଆତ୍ମଯୋଗ ସମାଧିରେ ତପସ୍ୟାରତ ହୋଇ ସିଦ୍ଧିଲାଭ ପ୍ରାପ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ତପସ୍ୟା ଅର୍ଜିତ ଜ୍ଞାନର ପ୍ରଚାର ପ୍ରସାର ପାଇଁ ମହିମା ଗୋସେଇଁ ପଦବ୍ରଜରେ ସମଗ୍ର ଉତ୍କଳ ପରିଭ୍ରମଣ କରୁଥିଲେ।

ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ ଆରମ୍ଭ ହୋଇଥିଲା ଧର୍ମର ଏକ ନୂତନ ମହିମା ମଣ୍ଡିତ ଅଧ୍ୟାୟ ମହିମା ଧର୍ମ। ଏହା ଉତ୍କଳର ନିଜସ୍ୱ ଧର୍ମମତବାଦ। ଏଥିରେ କୌଣସି ପ୍ରତିମା ପୂଜାକୁ ବିଶ୍ୱାସ କରାଯାଏନା ବା ପୂଜିତ କରାଯାଏନା। ଏହା ମାନବବାଦ ଉପରେ ପର୍ଯ୍ୟବେସିତ।

ମହାଶୂନ୍ୟରେ ଅନନ୍ତ ନୀରବତା ବୋଲି କୁହାଯାଏ। ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତା ଗ୍ରନ୍ଥଟି ପଞ୍ଚସଖା ମାନଙ୍କ ଶୂନ୍ୟ ସାଧନା ସମ୍ପର୍କରେ ଉଲ୍ଲେଖ କରିଛି। ଶୂନ୍ୟ ଦର୍ଶନ ହିଁ ଜ୍ୟୋତିବ୍ରହ୍ମ ଓ ପିଣ୍ଡ ବ୍ରାହ୍ମଣ୍ଡ ଦର୍ଶନ। ଭାରତୀୟ ଯୋଗରେ ଦୁଇଟି ଦର୍ଶନ ରହିଛି । ଗୋଟିଏ ଜ୍ୟୋତି ଅନ୍ୟଟି ଶୂନ୍ୟତା। ଶୂନ୍ୟତାକୁ ଅନ୍ତର ଭିତରେ ଉପଲବ୍ଧି କଲେ ମଣିଷର ମନ ଓ କାମନାର ବିନାଶ ହୋଇଥାଏ ଯାହାଦ୍ୱାରା ଚେତନ ଶକ୍ତି ଓ ପ୍ରାଣ ଶକ୍ତି ଜାଗରିତ ହୋଇଥାଏ। ଏହାଫଳରେ ଶୂନ୍ୟତାର ସ୍ଥିତି ମଧ ନିର୍ବାଣ ଭାବେ ପରିଚିତ ହୋଇଥାଏ। ଯୋଗରେ ଧାରଣାରୁ ଧ୍ୟାନସ୍ତରକୁ ଯିବା ପାଇଁ ଶୂନ୍ୟଯୋଗର ଆବଶ୍ୟକତା ରହିଛି । ଶୂନ୍ୟ ଯୋଗରେ ସ୍ଥିର ହୋଇଗଲେ ଏହା ନିର୍ବିକଳ୍ପ ସମାଧି ଦିଗରେ ବାଟ କଢ଼ାଇ ନେଇଥାଏ। ଏହି ସମୟରେ ଶୂନ୍ୟରୁ ଶକ୍ତି ସଂଗ୍ରହ କରି ସାଧକ ଶରୀରକୁ ଜୀବିତ ରଖିପାରନ୍ତି ।

ମହିମା ଧର୍ମ ଏହି ଶୂନ୍ୟବାଦ ଓ ଶୂନ୍ୟଯୋଗକୁ ଜାଗରଣ ଶକ୍ତି ଭାବରେ ଆଧ୍ୟାତ୍ମିକତାର ଉପଲବ୍ଧିକୁ ସାଧନାର ପ୍ରଶସ୍ତ ମାର୍ଗ ଭାବେ ଦର୍ଶନର ତତ୍ତ୍ୱକୁ ଅବତାରଣ କରିଥାଏ। ଶୂନ୍ୟ ପରମବ୍ରହ୍ମଙ୍କ ଦିବ୍ୟ ଚେତନାରେ ସନ୍ଥକବି ଭୀମଭୋଇ ତାଙ୍କ ସମଗ୍ର କବିତାକୁ ଉତ୍ସର୍ଗ କରିଛନ୍ତି। ସମର୍ପଣ, ସତ୍ୟ ଓ ତ୍ୟାଗର ଜାଜ୍ଜ୍ୱଲ୍ୟମାନ ଦୀପ୍ତିରେ ଉଦ୍‌ଭାସିତ ହୋଇଛି ମହିମା ଧର୍ମର ବାଣୀ। ଯାହାପାଇଁ ଓଡ଼ିଶାର ଅନେକ ଗ୍ରାମାଞ୍ଚଳରେ ସ୍ଥାପନ ହୋଇଛି ମହିମା ଟୁଙ୍ଗୀ। ଯୋରନ୍ଦା ମେଳା ହେଉଛି ମହିମା ଧର୍ମାବଲମ୍ବୀଙ୍କ ସାଧନାର ମହୋତ୍ସବ। ମହିମାଧର୍ମର ମୁଖ୍ୟପୀଠ ହେଉଛି ଯୋରନ୍ଦା। ଶୂନ୍ୟମନ୍ଦିରରେ ପବିତ୍ର ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଏହି ଶୂନ୍ୟମନ୍ଦିରକୁ ମହିମାଶ୍ରିତମାନେ ଦର୍ଶନ କରି ମହିମା ସନ୍ନ୍ୟାସୀଙ୍କ ଆଶୀର୍ବାଦ ନେଇଛନ୍ତି। ବିଶାଳ ଝାଡ଼ଦୀପ ଶୂନ୍ୟ ମନ୍ଦିର ପ୍ରାଙ୍ଗଣରେ ପ୍ରଜ୍ଜ୍ୱଳିତ ହୋଇଥାଏ। ଅହୋରାତ୍ର ଖଞ୍ଜଣି ମାଡ଼ରେ ମହିମା ଭଜନ ମୁଖରିତ ହୋଇଥାଏ। ଚତୁର୍ଦ୍ଦଶୀ ଦିନ ମହିମା ପରମ୍ପରା ଅବଲମ୍ବନରେ ପ୍ରାତଃ ସମୟରୁ ମହିମା ସନ୍ନ୍ୟାସୀମାନେ ଶୂନ୍ୟ ଦେଇଙ୍କ ସମସ୍ତ ରୀତିନୀତି ପାଳନ କରିଥାନ୍ତି। ଏହି ଝାଡ଼ ଦୀପରେ ଘୃତ ଆହୂତି ଦିଆଯାଇଥାଏ। କେହି କେହି ମନସ୍କାମନା ପାଇଁ ନଡ଼ିଆ ଭୋଗ ସମର୍ପଣ କରିଥାନ୍ତ ।






# ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ କାହିଁକି ?

ଏବେ ଥଣ୍ଡାର ପ୍ରକୋପ ବଢ଼ିଛି। ଚାରିଆଡ଼େ କୁହୁଡ଼ିର ପ୍ରାଦୁର୍ଭାବ ଏଣେ ବାୟୁ ପ୍ରଦୂଷଣକୁ ନେଇ ସବୁଠି ଏକ ପ୍ରକାର ଆତଙ୍କ ଜନିତ ପରିବେଶ। ଛିଙ୍କିବା ଆମ ଶରୀରର ଏକ ପ୍ରାକୃତିକ ପଦ୍ଧତି, ଯାହାଦ୍ୱାରା ନାକ ନିଜକୁ ସଫା କରିଥାଏ । ଯେବେ ଆମ ନାକ ବା ଶ୍ୱସନ ତନ୍ତ୍ରରେ ଧୂଳି, ପରାଗ, ଧୂଆଁ ଅଥବା ଅନ୍ୟ କୌଣସି ବାହ୍ୟ ଅବାଞ୍ଛିତ କଣିକା ପ୍ରବେଶ କରେ, ଏହାକୁ ବାହାର କରିବା ଲାଗି ନାକର କୋମଳ ଆସ୍ତରଣ ସକ୍ରିୟ ହୋଇଯାଏ। ଏକ ସଙ୍କେତ ରୂପରେ ଏହି ବାର୍ତ୍ତା ଆମର ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ। ମସ୍ତିଷ୍କକୁ ଏହି ସଙ୍କେତ ମିଳିବା କ୍ଷଣି ମସ୍ତିଷ୍କ ଶରୀରକୁ ଛିଙ୍କିବା ପାଇଁ ନିର୍ଦ୍ଦେଶ ଦିଏ। ଛିଙ୍କ ହୁଏ। ଆଉ ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ, ଜିଭ ଉପରକୁ ଉଠିଯାଏ ଓ ଶରୀରର ମାଂସପେଶୀ ସଙ୍କୋଚିତ ହୋଇଯାଏ। ଏହି ପୁରା ପ୍ରକ୍ରିୟା କେଇ ସେକେଣ୍ଡ ଭିତରେ ସମ୍ପୂର୍ଣ୍ଣ ହୋଇଯାଏ ।

ଆମ ନାକରେ ଏକ ପତଳା ଆର୍ଦ୍ର ଆସ୍ତରଣ ଥାଏ, ଯାହାକୁ ମ୍ୟୁକସ୍ ଝିଲି କୁହାଯାଏ। ଏହି ଆସ୍ତରଣରେ ଅନେକ ଛୋଟ ଛୋଟ କୋଷ ଥାଏ, ଯାହା କି ସହଜରେ ଯେ କୌଣସି ପରିବର୍ତ୍ତନକୁ ଅନୁଭବ କରିନିଏ। ଯେତେବେଳେ କୌଣସି ଧୂଳି ଅବା ପରାଗ କଣିକା ଏହି ଆସ୍ତରଣକୁ ଛୁଏଁ କୋଷ ଗୁଡ଼ିକ ସକ୍ରିୟ ହୋଇଯାଏ ଓ ମସ୍ତିଷ୍କକୁ ସଙ୍କେତ ପଠାଏ । ଆଉ ମସ୍ତିଷ୍କ ଶରୀରକୁ ଆଦେଶ ଦିଏ କି ସେ ଛିଙ୍କ ଓ ହଇରାଣ କରୁଥିବା ବସ୍ତୁ ବାହାରକୁ ବାହାରିଯାଉ ।

କେବେ କେବେ ଧୂଳି ଅବା ପାଉଡ଼ର ଭଳି କଣିକା ନାକକୁ ଚାଲିଯାଏ ଓ ନାକରେ ଜ୍ୱଳନ ହୁଏ, ଯାହାକି ଛିଙ୍କର କାରଣ ସାଜେ। ଏହାବାଦ ଆଲର୍ଜି ଓ ତୀବ୍ର ଆଲୋକ ମଧ ଛିଙ୍କିବାର କାରଣ ହୋଇପାରେ। ଏହି କଣିକା ଓ ଆଲର୍ଜି ନାକର ନର୍ଭଗୁଡ଼ିକୁ ସକ୍ରିୟ କରିଥାଏ। ଫଳରେ ଶରୀର ତାକୁ ବାହାର କରିବା ପାଇଁ ଛିଙ୍କ ହୁଏ। ଛିଙ୍କିବା ସମୟରେ ଆଖି ବନ୍ଦ ହେବା ପଛର କାରଣ ଛିଙ୍କ ମାଧ୍ୟମରେ ଆମ ନାକ ହାନିକାରକ କଣିକାଗୁଡ଼ିକୁ ବାହାରକୁ ବାହାର କରିଦେଇ ଶରୀରକୁ ସଂକ୍ରମଣରୁ ରକ୍ଷା କରେ। ପାଟିରୁ ଲକ୍ଷ ଲକ୍ଷ ମାଇକ୍ରୋବ୍ସ, ବ୍ୟାକ୍ଟେରିଆ ଓ କ୍ଷୁଦ୍ର କ୍ଷୁଦ୍ର କଣିକା ବାହାରିଯାଏ। ଯଦି ଆଖି ଖୋଲା ରହୁଥାନ୍ତା ତେବେ ଏହି ମାଇକ୍ରୋବ୍ସ ବ୍ୟାକ୍ଟେରିଆ ଓ କଣିକା ଗୁଡ଼ିକ ଆଖିର ସମ୍ବେଦନଶୀଳ ଅଂଶରେ ପହଞ୍ଚି ଯାଇଥାନ୍ତା। ଆଖି ବନ୍ଦ ହେବା ଯୋଗୁ ଆଖି ସଂକ୍ରମଣରୁ ବଞ୍ଚିଯାଏ। ଏହା ଏକ ପ୍ରୋଟେକ୍ଟିଭ ରିଫ୍ଲେକ୍ସ, ଯାହାକୁ ରୋଗ ହେବାର ଆଶଙ୍କାରୁ ବଞ୍ଚାଇ ଥାଏ । ଛିଙ୍କିବା ସମୟରେ ଆଖି ବନ୍ଦ ହେବା ଏକ ସାଧାରଣ କଥା। ଯେବେ ଆମେ ଛିଙ୍କୁ ଆମ ମସ୍ତିଷ୍କ ଆଖିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଏ । ଏହା ଏକ ଅନୈଚ୍ଛାକୃତ କ୍ରିୟା। ଅର୍ଥାତ୍ ଏହାକୁ ଆମେ ଆମ ଇଚ୍ଛାଦ୍ୱାରା ନିୟନ୍ତ୍ରଣ କରିପାରିବା ନାହିଁ । ଆମେ ଯେତେ ଚେଷ୍ଟା କଲେ ବି ଛିଙ୍କିବା ସମୟରେ ଆଖି ଖୋଲା ରଖିବା ଅସମ୍ଭବ ।



ଛିଙ୍କିବା ସମୟରେ ଅନେକ ପରିର୍ବନ ହୁଏ। ମାଂସପେଶୀ ସଙ୍କୁଚିତ ହୋଇଯାଏ। ଆଉ ଏହା ଏବେ ତୀବ୍ର ଗତିରେ ହୁଏ ଯେ, ଲାଗେ ସତେ ଯେମିତି ହୃଦସ୍ପନ୍ଦନ ବନ୍ଦ ହୋଇଯାଏ କିଛି କ୍ଷଣ ପାଇଁ। ହେଲେ ହୃଦସ୍ପନ୍ଦନ ଅବିରତ ଚାଲିଥାଏ। ଛିଙ୍କ ହୋଇଗଲା ପରେ ସବୁକିଛି ସାଧାରଣ ଅବସ୍ଥାକୁ ଫେରିଆସେ। ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛିଙ୍କକୁ ଆଦୌ ଅଟକାଇବା ଉଚିତ ନୁହେଁ। ଛିଙ୍କ ଏକ ପ୍ରାକୃତିକ ପଦ୍ଧତି, ଯାହାକି ଶରୀରର ହାନିକାରକ ପଦାର୍ଥ ଠାରୁ ଦୂରେଇବାରେ ସାହାଯ୍ୟ କରିଥାଏ। ଯେବେ ଛିଙ୍କ ଖୁବ ଜୋରରେ ଆସେ ଓ ଆପଣ ଏହାକୁ ଅଟକାନ୍ତି, ତେବେ ଏହା ଆଖି, ନାକ ଓ କାନ ପରଦାରେ ବ୍ଲଡ଼ ଭେସଲ୍ସ ଉପରେ ଚାପ ପକାଇପାରେ। ତେଣୁ ଯେତେବେଳେ ଛଙ୍କା ଆସେ ଏହାକୁ ନିର୍ମାଲ ଭାବେ ହେବାକୁ ଦେବା ଉଚିତ। ଛିଙ୍କ ସହ ଜଡ଼ିତ ମାନ୍ୟତା ଭିନ୍ନ ଭିନ୍ନ ସଂସ୍କୃତିରେ ଛିଙ୍କକୁ ନେଇ ଅଲଗା ଅଲଗା ମାନ୍ୟତା ରହିଛି। କିଛି ସଂସ୍କୃତିରେ ଛିଙ୍କକୁ ସୌଭାଗ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଏ ତ ଅନ୍ୟ କେଉଁ ସଂସ୍କୃତିରେ ଏହାକୁ ଅଶୁଭ ମଣାଯାଏ। ଯେମିତି କି କିଛି ଏସୀୟ ସଂସ୍କୃତିରେ ଛିଙ୍କିବା ଅର୍ଥ କେହି ଆପଣଙ୍କ ପାଇଁ ଖରାପ ଚିନ୍ତା କରୁଛନ୍ତି ଧରାଯାଏ। କିଛି ପରମ୍ପରାରେ ଛିଙ୍କିବାବେଳେ 'ଗଡ଼ ବ୍ଲେସ୍ ୟୁ' କୁହାଯାଏ। କାରଣ ସେମାନଙ୍କ ମତରେ ଛିଙ୍କିବା ବେଳେ କିଛି ସମୟ ପାଇଁ ଆତ୍ମା ଶରୀର ଠାରୁ ବାହାରି ଯାଏ। ଆଉ ଗଡ଼ ବ୍ଲେସ ୟୁ କୁହାଯାଏ। ଆତ୍ମାକୁ ସୁରକ୍ଷିତ ଭାବେ ଶରୀର ଭିତରକୁ ଆଣିବା ପାଇଁ। ଆଉ ଏକ ସିଦ୍ଧାନ୍ତ ଅନୁସାରେ ପ୍ରାଚୀନ ରୋମରେ ବ୍ୟୁବୋନିକ ପ୍ଲେଗ ପ୍ରକୋପରେ ଛିଙ୍କିବା ଏକ ସାଧାରଣ ଲକ୍ଷଣ ଥିଲା। ପୋପ ଗ୍ରେଗୋରୀ ୭ମ ପ୍ଲେଗରୁ ବଞ୍ଚିବା ଲାଗି ଛିଙ୍କିବା ପରେ ଗଡ଼ ବ୍ଲେସ ୟୁ କହିବାକୁ ପରାମର୍ଶ ଦେଇଥିଲେ। ଏମିତି ଭାବେ ଛିଙ୍କିବା କେବଳ ଶରୀରର ଏକ ପ୍ରାକୃତିକ ପଦ୍ଧତି ନୁହେଁ ବରଂ ଏହାର ସମ୍ପର୍କ ସହ ବି ରହିଛି। ତେବେ ଛିଙ୍କିବା ଏକ ସାଧାରଣ ସ୍ୱାସ୍ଥ୍ୟଗତ ପ୍ରକ୍ରିୟା ହୋଇପାରେ କିନ୍ତୁ ବାରମ୍ବାର ଛିଙ୍କ ଆପଣଙ୍କ ନାକର ଅଭ୍ୟନ୍ତରଜନିତ ସମସ୍ୟାକୁ ସୂଚୀତ କରୁଛି। ଏ କ୍ଷେତ୍ରରେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।



ନାରାୟଣ ଚନ୍ଦ୍ର ବିଶ୍ୱାଳ
ବାକ୍ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲା ରୋଡ଼, କଟକ,
ଦୂରଭାଷ : ୯୪୩୮୨୭୬୭୬୦

## ମଣ୍ଡି ଅବ୍ୟବସ୍ଥାକୁ ନେଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ



**ଢେଙ୍କାନାଳ,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଯୋଗାଣମନ୍ତ୍ରୀଙ୍କ ଜିଲ୍ଲାରେ ମଣ୍ଡି ଅବ୍ୟବସ୍ଥା। ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନବନିର୍ମାଣ କୃଷକ ସଙ୍ଗଠନ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ମଣ୍ଡି ଅବ୍ୟବସ୍ଥାକୁ ନେଇ ଶହ ଶହ ଚାଷୀ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାନ ବସ୍ତା ରଖି ତଳେ ଶୋଇ ପ୍ରତିବାଦ ଜଣାଇଛନ୍ତି। ଧାନ କିଣା ଏବଂ କଟନୀଛଟନୀକୁ ନେଇ ଚାଷୀମାନେ ତୀବ୍ର ବିରୋଧ କରିଛନ୍ତି।

## ଦିବ୍ୟାଙ୍ଗ ଛାତ୍ର ମେଧାବୃତ୍ତି

**କେନ୍ଦ୍ରାପଡା,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ଥେରାପିସେବା, ସଚେତନତା ଓ ସଶକ୍ତକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ମେଧାବୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ମେଧାବୃତ୍ତି ପ୍ରଦାନ କରାଯାଇଛି। ସ୍ଥାନୀୟ ଅମର ଉଦ୍ୟାନ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଓ ଦକ୍ଷତା ବିକାଶ ଦ୍ୱାରା ସେମାନଙ୍କୁ ଯଥାର୍ଥରେ ମୁଖ୍ୟସ୍ରୋତର ସମାଜରେ ସାମିଲ କରାଯାଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ଅଭୟ ବେହେରା ଦିବ୍ୟାଙ୍ଗମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସରକାରୀ ଯୋଜନା ସହିତ ସମସ୍ତଙ୍କ ସହଯୋଗ ଓ ପ୍ରୋତ୍ସାହନ ରହିଲେ ସେମାନେ ପାରଦର୍ଶିତା ପ୍ରଦର୍ଶନ କରି ପାରିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଓ ବରିଷ୍ଠ ଚିକିତ୍ସକ ଡାକ୍ତର ଗୌରାଙ୍ଗ ଚରଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପରିବର୍ତ୍ତିତ ସମୟରେ ଭିନ୍ନକ୍ଷମ ବର୍ଗଙ୍କ ପ୍ରତି ସାମାଜିକ ସମ୍ବେଦନଶୀଳତା ବୃଦ୍ଧି ପାଇଛି ବୋଲି ମତପ୍ରକାଶ କରିଥିଲେ।

## ଅଷ୍ଟଶମ୍ଭୁ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଜନଗର,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଅନ୍ତର୍ଗତ କୁରୁଣ୍ଟି ଗ୍ରାମପଞ୍ଚାୟତ ସ୍ଥିତ ଚନ୍ଦ୍ରଶିଖର ଠାରେ ଅବସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ କେନ୍ଦ୍ରାପଡା ଜିଲ୍ଲାର ସଂସ୍କୃତ କଲେଜ ସଂଘ ଆନୁକୁଲ୍ୟରେ ଆୟୋଜିତ କ୍ରିଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୩ଟି ସଂସ୍କୃତ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡଃ ବସନ୍ତ କୁମାର ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଧ୍ୟାପକ ରାଜକିଶୋର ପାଣି ବେଦମନ୍ତ୍ର ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ତଥା ଷ୍ଟେଟ ସିଲେକସନ ବୋର୍ଡର ସମ୍ପାଦକ ପ୍ରଫେସର ଡ଼ଃ ମଧୁ ସୁଦନ ମିଶ୍ର, ସମ୍ମାନୀତ ବକ୍ତା ଭାବେ ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ ଯୋଗଦେଇ ସଂସ୍କୃତଭାଷାରେ ରଚିତ ବହୁ ପ୍ରାଚୀନ ପ୍ରସିଦ୍ଧଗ୍ରନ୍ଥ ଭାରତୀୟ ସଂସ୍କୃତ ଓ ପରମ୍ପରାର ସ୍ୱାକ୍ଷରବାହନ କରିଛି ଓ ସଂସ୍କୃତହିଁ ଆମ ସଂସ୍କୃତିର ଭାଷା ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ବିକାଶ କରିଥାଏ ଓ କ୍ରିଡା ସୁସ୍ଥ ତଥା ନିରାମୟ ଶରୀର ଗଠନ କରିଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ସଂସ୍କୃତ ସଂଘର ସଭାପତି ସୁକାନ୍ତ କୁମାର ଦାସ, ଉପଦେଷ୍ଟା ଡଃ ଜନ୍ମେଜୟ ଶତପଥୀ, ସଂଘ ସମ୍ପାଦକ ଅକ୍ଷୟ କୁମାର ବେହେରା, ପ୍ରାଧ୍ୟାପକ ଅକ୍ଷୟ କୁମାର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ଏହି ପ୍ରକାର ଆୟୋଜନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସଂସ୍କୃତ କଲେଜ ଗୁଡିକରୁ ଅବସର ନେଇଥିବା ଅଧକ୍ଷ, ଅଧ୍ୟାପକ ଓ କର୍ମଚରୀଙ୍କୁ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇଜଣ ସଂସ୍କୃତ ପ୍ରାଧ୍ୟାପକ ତଥା ଅବସରପ୍ରାପ୍ତ ଅଧକ୍ଷ ଅକ୍ଷୟ କୁମାର ମିଶ୍ର ଓ ପ୍ରାଧ୍ୟାପକ ସୁକାନ୍ତ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ କୁମାର ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପକ ସତିଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବୈକୁଣ୍ଠ ବିହାରୀ ବଳ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ଅଧ୍ୟାପକ ବିଶ୍ୱମ୍ଭର ତ୍ରିପାଠୀ, ଅଧ୍ୟାପିକା ଭଗବତୀ ରାଉତ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ରମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଅହିଂସା ନୀତିକୁ ନେଇ ଆଲୋଚନା

**କେନ୍ଦ୍ରାପଡା,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ବିଭାଗୀୟ ଶ୍ରେଣୀକକ୍ଷରେ 'ଗାନ୍ଧୀଙ୍କ ଅହିଂସା ନୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସତ୍ୟରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ. ମୌସୁମୀ କାନୁନ୍‌ଗୋ ବକ୍ତା ଭାବେ ଯୋଗଦେଇ କହିଲେ ଏକ ସୁସ୍ଥ ସମାଜ ଗଠନରେ ଗାନ୍ଧୀଙ୍କ ଅହିଂସା ନୀତି ଏକ ବୃହତ ଅସ୍ତ୍ର ଭାବେ କାମ କରିଥାଏ। ଚିନ୍ତାଧାରା, ବିଚାରଧାରା ଓ କାର୍ଯ୍ୟଧାରାରେ ଅହିଂସାକୁ ପାଥେୟ କରି ବାଟ ଚାଲିଲେ ଜୀବନ ସୁଖମୟ ହେବା ସହିତ ସମାଜ ସୁଦୃଢ ହୋଇପାରିବ ବୋଲି କହିଥିଲେ। ଅହିଂସା ଓ ସତ୍ୟ ପରସ୍ପର ପରିପୂରକ। ଏଥିସହିତ ଡ. କାନୁନଗୋ ଗାନ୍ଧିଜୀଙ୍କ ସତ୍ୟାଗ୍ରହ, ସର୍ବୋଦୟ, ସ୍ୱଦେଶୀ ଓ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ଗାନ୍ଧୀଙ୍କ ମତରେ ସତ୍ୟ ହେଉଛି ଅହିଂସା ଓ ଅହିଂସା ହେଉଛି ସତ୍ୟ ବୋଲି ସେ କହିଥିଲେ। କଲେଜ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ଅହିଂସା ନୀତି ଉପରେ ବକ୍ତବ୍ୟ ରଖିଥିଲେ। ଦର୍ଶନଶାସ୍ତ୍ର ବିଭାଗର +୩ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶ୍ରୀ ମିଶ୍ର ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଉପସ୍ଥାପନା କରିଥିଲେ। ଶେଷରେ ଅଧ୍ୟାପକ ଅଚ୍ୟୁତାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା'ବନ୍ଧମଙ୍ଗଳାଙ୍କ ଜନ୍ମବାର୍ଷିକୋତ୍ସବ

**କେନ୍ଦ୍ରାପଡା,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମା' ବନ୍ଧମଙ୍ଗଳାଙ୍କ ଜନ୍ମବାର୍ଷିକ ଉତ୍ସବ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ରାମନଗରପାଟଣା ସ୍ଥିତ ବନ୍ଧମଙ୍ଗଳାଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାଘ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ଠାରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ତଥା ଗୁରୁବାର ଠାରୁ ରବିବାର ପର୍ଯ୍ୟନ୍ତ ୪ଦିନ ବ୍ୟାପି ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୁରୁବାର ଅଙ୍କୁରାରୋପଣ କରାଯାଇଥିବା ବେଳେ ଶୁକ୍ରବାର କଳସ ଯାତ୍ରା, ଅଗ୍ନିସ୍ଥାପନ କରାଯାଇଥିଲା। ଶନିବାର ସୂର୍ଯ୍ୟପୂଜା, ଗୁରୁ ପୂଜା, ଗୋ ପୂଜା, ପୀଠ ଚଣ୍ଡୀ ଯଜ୍ଞାଦି କର୍ମ କରାଯାଇଥିଲା। ସେହିପରି ରବିବାର ସୂର୍ଯ୍ୟପୂଜା, ଗୁରୁ ପୂଜା, ଗୋ ପୂଜା, ପୀଠ ଚଣ୍ଡୀ ଯଜ୍ଞାଦି କର୍ମ କରାଯିବା ପରେ ଗୋଧୂଳୀ ଲଗ୍ନରେ ପୂର୍ଣ୍ଣାହୂତି ଓ ଦିବା ୧୨ ଘଟିକା ଠାରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ୧୦୮ ବ୍ୟଞ୍ଜନ ବ୍ୟବସ୍ଥା କରାଯାଇ ମାଁଙ୍କୁ ପରିବେଷଣ କରାଯାଇଥିଲା ବୋଲି ମନ୍ଦିର କମିଟିର ସଭାପତି ବଟକୃଷ୍ଣ ମହାରଣା ସୂଚନା ଦେଇଥିଲେ। ଏହି ଅବସରରେ ଉଷାରଣୀ ଅନୁଷ୍ଠାନ ପକ୍ଷରୁ ଗୀତିନାଟ୍ୟ ମହିଷାସୁର ବଦ୍ଧ ପରିବେଷଣ, ସୁନ୍ଦରାକାଣ୍ଡ ଓ ପାରାୟଣ ପଠନ ହୋଇଥିବା ବେଳେ ଶ୍ରୀ ରାମ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଏଥିସହିତ ନିୟୁ ଷ୍ଟାର ଡ୍ୟାନସ ଏକାଡେମୀର କୁନି କୁନି କଳାକାରମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏହି ଯଜ୍ଞରେ ଆଖ ପାଖ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆର୍ଶୀବାଦ ନେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ମା' ବନ୍ଧ ମଙ୍ଗଳାର ସଦସ୍ୟ/ସଦସ୍ୟାମାନେ ପରିଚାଳନା କରିଥିଲେ।

# ବଣାଇଁରେ ହାତୀ ଆତଙ୍କ

**ବଣାଇଁ,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଣାଇଁ ବନଖଣ୍ଡର ତାମଡ଼ା ବନାଞ୍ଚଳରେ ୨୩ ଟିକିଆ ହାତୀପଲ ରାତିଦିନ ଘୁରି ବୁଲୁଛନ୍ତି। ଏହା ଭିତରୁ ଏକ ଗୋଠଛଡ଼ା ଦନ୍ତା କେତେବେଳେ ଗାଁ ଭିତରେ ତ କେତେବେଳେ ଗାଁ ଜମିରେ ଘୁରି ବୁଲୁଛି।

ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଲା ଦନ୍ତା ସହ ଲୋକେ ସେଲ୍‌ଫି ନେବାକୁ ବି ପଛାଉ ନାହାନ୍ତି। ଅପରପକ୍ଷରେ ରାତିରେ ଗାଁ ମୁହାଁ ୨୩ ଟିକିଆ ହାତୀପଲ ଘର ଭାଙ୍ଗୁଥିବା, ଘରେ ଗଚ୍ଛିତ ଧାନ ଚାଉଳ ଖେଦି ନେଇ ନଷ୍ଟ କରିବା ଆତଙ୍କରେ ଅଞ୍ଚଳବାସୀଙ୍କ ନିଦ ହଜି ଯାଇଛି। ପରିଣାମ ସ୍ୱରୂପ ଭୟ ଭିତରେ ତାମଡା ବନାଞ୍ଚଳର ପ୍ରାୟ ୮ରୁ ୧୦ଟି ଗ୍ରାମ ଯଥା ରୁକ୍ଷିମଠ, କଣ୍ଟାପାଲି, ବ କୋଇଲିଝର, ଡ଼ିଙ୍କିଆମ, ପୁରୁଣାପାଣି ଇତ୍ୟାଦିର ଗ୍ରାମବାସୀ ଦିନ କାଟୁଛନ୍ତି। ଆଜିକୁ ୮ ଦିନ ହେଲାଣି ଏହି ବନାଞ୍ଚଳରେ କେତେବେଳେ ଗୋଟିକିଆ ଦନ୍ତା ତ କେତେବେଳେ ୨୩ ଟିକିଆ ହାତୀପଲ ଉତ୍ପାତ ଚଳାଇ ଆସୁଥିଲେ ହେଁ ବନବିଭାଗ ଘଉଡ଼ାଇବା କ୍ଷେତ୍ରରେ ବିଫଳ ରହୁଛି। ହାତୀ ଘଉଡ଼ାଇବା ପାଇଁ ବନବିଭାଗ ଓ ଗ୍ରାମବାସୀ ମିଳିତ ଭାବେ ପ୍ରଚେଷ୍ଟା କଲେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିବା ଓ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିବା ନେଇ ଅସନ୍ତୋଷ ବୃଦ୍ଧି ପାଇ ଚାଲିଛି।

ଦୁଇଦିନ ତଳେ ସମ୍ପୃକ୍ତ ଅଞ୍ଚଳରେ ଉତ୍ପାତ ଚଳାଇଥିବା ୧୨ ଟିକିଆ ହାତୀପଲରେ ଆଉ ୧୧ଟି ହାତୀ ମିଶି ଏବେ ୨୩ ଟିକିଆ ଦଳରେ ପରିଣତ ହୋଇ ତାଣ୍ଡବ ଜାରି ରଖିଛନ୍ତି। ଅନୁରୂପ ଭାବେ ଏକ ଗୋଟିକିଆ ଗୋଠଛଡ଼ା ଦନ୍ତା ଦିନରେ ଗୃହପାଳିତ ପ୍ରାଣୀ ଭଳି ଗାଁ ଦାଣ୍ଡରେ ଘୁରି ବୁଲୁଥିବା ଦେଖାଯାଉଛି। ରାତି ଅନିଦ୍ରା ଗ୍ରାମବାସୀଙ୍କ ଧନଜୀବନ ଆଶଙ୍କା ଓ ଶାନ୍ତ ଦନ୍ତା ସହିତ ସେଲ୍‌ଫି ଉଠା ଘଟଣା କ୍ରମରେ ବୁଦ୍ଧିଜୀବୀ କାହାପାଇଁ ମଜା ଆଉ କାହାପାଇଁ ସଜା ବୋଲି ମତ ଦେଇ ତୁରନ୍ତ ପ୍ରତୀକାତ୍ମକ ବ୍ୟବସ୍ଥା ବନବିଭାଗ ଗ୍ରହଣ କରୁ ବୋଲି ଦାବି କରିଛନ୍ତି।

# ଆବର୍ଜନାରେ ପୂର୍ଣ୍ଣ ତିଖାଲି ଡ୍ୟାମ୍

**ନୂଆପଡା: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଜିଲ୍ଲା ଖଡିଆଳ ସହର ନିକଟସ୍ଥ ତିଖାଲି ଡ୍ୟାମ ଅଞ୍ଚଳ। ବର୍ତ୍ତମାନ ତାହା ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ବଣଭୋଜି କରି ଖୁବ୍ ଉପଭୋଗ କଲେ ପର୍ଯ୍ୟଟକ ଯିବା ବେଳକୁ ସଫେଇ କରିବାକୁ ଆଦୌ ଧାନ ଦେଲେ ନାହିଁ। ଯାହାଫଳରେ ପ୍ରଦୂଷିତ ହୋଇଛି ଖଡିଆଳ ସହର ନିକଟସ୍ଥ ତିଖାଲି ଡ୍ୟାମ ଅଞ୍ଚଳ। ବର୍ତ୍ତମାନ ତାହା ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ତିଖାଲି ଡ୍ୟାମ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟିଛି। ବର୍ଷ ତମାମ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ଏହି କାରଣରୁ ରାଜ୍ୟ ସରକାର ବଗିଚ଼ା, ଜଳେଶ୍ୱର ଶିବ ମନ୍ଦିର, ସୁନ୍ଦର ରାସ୍ତା, ନୌକ ଚାଳନା, ଜଙ୍ଗଲରେ ଗଛ ଲଗାଇ ବିନିଯୋଗ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବଗିଚ଼ା ସହ ଭୋଜିଭାତ ପାଇଁ ସୁବିଧା କରିଛନ୍ତି। ପର୍ଯ୍ୟଟକମାନେ ଡ୍ୟାମ୍ ବୁଲିବା ସହ ବଣଭୋଜି କରୁଛନ୍ତି। ହେଲେ ସେହି ପର୍ଯ୍ୟଟକମାନେ ପ୍ଲାଷ୍ଟିକ ବ୍ୟବହାର କରି ପ୍ରକୃତିକୁ ଖରାପ କରିବାକୁ ପଛାଇ ନାହାନ୍ତି। ଅଇଁଠା ଖଲିଦନା, ପଲିଥିନ, ମଦ ବୋତଲ ଇତ୍ୟାଦି ଫିଙ୍ଗି ଦେଉଛନ୍ତି। ଫଳରେ ତିଖାଲି ଡ୍ୟାମ ପାର୍ଶ୍ୱରେ ଥିବା ପଡିଆର ସବୁ ସ୍ଥାନରେ କୁଡକୁ ପ୍ଲାଷ୍ଟିକ ପଡିରହିଛି। ତିଖାଲି ଡ୍ୟାମ୍ ଅଞ୍ଚଳ ଖଡିଆଳ ବ୍ଲକ୍ ସାନ ମହେଶ୍ୱର ପଂଚ୍ଚାୟତ ଅଧୀନରେ ରହିଛି। ତେଣୁ ନୂଆପଡା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମେଧାବୃତ୍ତି ପରୀକ୍ଷାରେ ଅଭିଭାବକ ଅସନ୍ତୁଷ୍ଟ

**ଢେଙ୍କାନାଳ,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି ପରୀକ୍ଷା ଢେଙ୍କାନାଳର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ପାଇଁ ରାଜ୍ୟ ସରକାରୀ/ସରକାରୀ ସାହାଯ୍ୟପ୍ରାପ୍ତ / ପୌରପରିଚାଳିତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କର ପିତାମାତା ବାର୍ଷିକ ଏକ ଲକ୍ଷ ୫୦ହଜାର ଟଙ୍କାରୁ ଅଧିକ ଆୟହୋଇ ନ ଥିବ ଅର୍ଥାତ ଗରିବ ଲୋକ ହିଁ ହୋଇଥିବେ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହି ପରୀକ୍ଷା ଦେବାପାଇଁ ଗନ୍ଦିଆ ଭୁବନ, କାମାକ୍ଷାନଗର, ହିନ୍ଦୋଳ, ପରଜଙ୍ଗ ଅଞ୍ଚଳରୁ ପିଲାମାନେ ଆସି ଜିଲ୍ଲାସ୍ତରୀୟ ବିଦ୍ୟାଳୟରେ ପରୀକ୍ଷା ଦେଉଥିବାରୁ ଅଭିଭାବକମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଅଧିକାଂଶ ଅଭିଭାବକ ଜାଣିଶୁଣି ଏପରୀକ୍ଷାରୁ ନିଜ ପିଲାକୁ ଫେରେଇନେଉଅଛନ୍ତି। ଆହୁରି ମଧ୍ୟ ଏହି ପରୀକ୍ଷାରେ ବିଦ୍ୟାଳୟର ଶିକ୍ଷକମାନେ ସହଯୋଗ କରୁନାହାଁନ୍ତି ଫଳରେ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ମାଟ୍ରିକ ବୋର୍ଡ ପରୀକ୍ଷା ବିଦ୍ୟାଳୟଠାରୁ ୧୦ କି.ମି ଭିତରେ ହେଉଥିବାବେଳେ ଏହି ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଜିଲ୍ଲା ସଦରମହକୁମାରେ ହେବା କେତେଦୂର ଯଥାର୍ଥ ତାହା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଯାଇଛି ଏ ବାବଦରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟିଦେବା ପାଇଁ ଅଭିଭାବକ ମହଲରୁ ଅନୁରୋଧ କରାଯାଉଅଛି।

## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**ବଲାଙ୍ଗୀର: ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାବାଞ୍ଜି ଷ୍ଟେସନରୁ ରାୟପୁର ବିଶାଖାପାଟଣା ଦେଇ ଯାଉଥିବା ଏକ ମାଲବାହୀ ଟ୍ରେନରେ ନିଆଁ। ତୁରେକେଲା ରେଳ ଷ୍ଟେସନରେ ସୋମବାର ଏକ କୋଇଲା ବୋଝେଇ ମାଲଗାଡିରେ ନିଆଁ ଲାଗି ଥିବାର ଜଣା ପଡ଼ିଛି।

ନିଆଁ ଲାଗିବା ଦେଖାଯିବା ପରେ ସଙ୍ଗେସଙ୍ଗେ ତୁରେକେଲା ରେଳ ଷ୍ଟେସନ କର୍ତ୍ତୃପକ୍ଷ ଅଗ୍ନିଶମ ବିଭାଗ କଣ୍ଟାବାଞ୍ଜିକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ କୌଣସି ପ୍ରକାର କ୍ଷୟକ୍ଷତି ହୋଇନଥିବା ଜଣା ପଡ଼ିଛି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାହାଙ୍ଗା,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଉଁରିଆ ପଞ୍ଚାୟତସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପନ୍ଦର ବାଟିଆ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାହୁନ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ହୃଷିକେଶ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ କ୍ଲଷ୍ଟର ସଂଯୋଜକ ବୈଲୋଚ଼ନ ବରାଳ, ସମ୍ମାନିତ ଅତିଥିଭାବେ ସରପଞ୍ଚ ରେଣୁବାଳା ରାଉତ, ଅବସରପ୍ରାପ୍ତ ଶିକ୍ଷକ ଚ଼ିତ୍ତରଞ୍ଜନ ସ୍ୱାଇଁ, ସିଆରସିସି ଅରୁଣ କୁମାର ନାୟକ, ପୂର୍ବତନ ସିଆରସିସି ଅମରେନ୍ଦ୍ର ପ୍ରସାଦ ଜେନା, ବିଦ୍ୟାଳୟ ପରିଚ଼ାଳନା କମିଟି ସଭାପତି ଅନିତା ରାଉତ, ଶ୍ରୀଧର ପାଳ, ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ମାହୁନ୍ତଙ୍କ ଆଦର୍ଶ ଜୀବନ ଉପରେ ଆଲୋଚ଼ନା କରିବା ସହ ତାଙ୍କର ଆଗାମୀ ଜୀବନ ସୁଖ ଓ ଶାନ୍ତିରେ ରହୁ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ସଦର ବ୍ଲକ୍ ପାଚିକା ସହାୟିକା ସଂଘ

**ଢେଙ୍କାନାଳ,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ସଦର ବ୍ଲକ୍‌ର ବୈଠକ ଝୁନୁ ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ସମ୍ପାଦିକା ଶାନ୍ତିପ୍ରିୟା ସାହୁ କାର୍ଯ୍ୟରତ ଉପସ୍ଥାପନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ସଭାପତି ରବି ରଥ ଯୋଗଦେଇ ଆସନ୍ତା ଫେବୃଆରୀ ୧୨ ତାରିଖରେ ହେବାକୁ ଯାଉଥିବା ସର୍ବଭାରତୀୟ ଶ୍ରମିକ ଧର୍ମଘଟକୁ ସମର୍ଥନ ହେବାର ଘୋଷଣା କରିବା ସହିତ ଚଳିତ ମାସ ବିଧାନସଭା ବଜେଟ୍ ଅଧିବେସନରେ ପାଚିକା ସହାୟିକାମାନଙ୍କର ମୌଳିକ ଦାବି ଉପରେ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ବକ୍ତବ୍ୟ ରଖିଥିଲେ। ରାଜ୍ୟ ସରକାର ସର୍ବନିମ୍ନ ମଜୁରୀ ଅବସର ପରେ ପେନ୍‌ସନ୍ ୧୦ମାସ ବଦଳରେ ୧୨ମାସର ପାରିଶ୍ରମିକ ପାଚିକା ସହାୟିକାମାନଙ୍କୁ ବିଇଓଙ୍କ ଦ୍ୱାରା ନିଯୁକ୍ତି ପ୍ରତିମାସ ପ୍ରଥମ ସପ୍ତାହରେ ପାରିଶ୍ରମିକ ବର୍ଷକୁ ୨ଖଣ୍ଡ ଶାଢ଼ୀ କାର୍ଯ୍ୟକ୍ଷମ ଥିବା ପାଚିକାମାନଙ୍କୁ ଆକ୍ରୋସ ଭାବ ରଖି ଜୋରଜବରଦସ୍ତ ଅବସର ହେଉଥିବାରୁ ରାଜ୍ୟ ଉପଦେଷ୍ଟା ଉଦ୍‌ବେଗ ପ୍ରକାଶ କରିଥିଲେ। ବିଭିନ୍ନ ପାଚିକା ସଂଘର ବାରମ୍ବାର ରାଜ୍ୟ ସରକାରଙ୍କ ଠାରେ ୬୨ ବର୍ଷ କରିବା ପାଇଁ ଦାବି କରୁଥିଲେ ମଧ୍ୟ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ମାସକ ୩ ହଜାର ଟଙ୍କାରେ ଗୋଟିଏ ପାଚିକା ପରିବାର କିପରି ପ୍ରତିପୋଷଣ ହେବ ବୋଲି ଶାସକ ଏବଂ ପ୍ରଶାସନଙ୍କୁ ପ୍ରଶ୍ନ କରିଛନ୍ତି। ଦୀର୍ଘ ଦିନ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶ୍ରମିକର ମାନ୍ୟତା ମିଳିପାରି ନାହିଁ। ଉକ୍ତ ଅଧିବେଶନରେ ରାଜ୍ୟ ସରକାର ଯଦି ପାଚିକାମାନଙ୍କର ଦାବି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ମାର୍ଚ୍ଚ ମାସ ଅଧିବେଶନରେ ଆନ୍ଦୋଳନକୁ ବ୍ୟାପକ କରିବା ସହିତ ରାଜ୍ୟରେ ଗଢ଼ି ଉଠିଥିବା ଅନ୍ୟ ପାଚିକା ସଂଘମାନେ ପାଚିକାମାନଙ୍କର ସ୍ୱାର୍ଥ ପାଇଁ ଉକ୍ତ ଆନ୍ଦୋଳନରେ ସାମିଲ୍ ହେବାକୁ ରବି ରଥ ଆହ୍ୱାନ ଦେଇଥିଲେ।

## ଘୁ.ଉଦୟଗିରିରେ ଶୀତ ମହୋତ୍ସବ 'ତୁଷାର'



**ଘୁ.ଉଦୟଗିରି,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଘୁ.ଉଦୟଗିରିରେ ରାତି ପାଇଲେ ଶୀତ ମହୋତ୍ସବ 'ତୁଷାର' ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଶ୍ରୀରାମପଦା କଳିଙ୍ଗ ମିନି ଷ୍ଟାଡିଅମ ପଡିଆରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଫେବୃଆରୀ ୩ରୁ ୭ ପାଞ୍ଚ ଦିନ ବ୍ୟାପି ସଂକୃତି ଏବଂ ପରମ୍ପରାର ପର୍ବ ଶୀତ ମହୋତ୍ସବ ତୁଷାର ଉତ୍ସବ ଆୟୋଜିତ ହେବାକୁ ଯାଉଥିବା ବେଳେ ଜିଲ୍ଲାସ୍ତରୀୟ କଳାକାରଙ୍କ ସହିତ ରାଜ୍ୟସ୍ତରୀୟ କଳାକାର ଏଥିରେ ସାମିଲ ହେବେ। ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସେଲ୍ଫି ପଏଣ୍ଟ, ମହୋତ୍ସବ ପାଇଁ ମୁଖ୍ୟ ମଞ୍ଚ, ବିଭିନ୍ନ ଷ୍ଟଲ, ମିନା ବଜାର ସହିତ ଆବଶ୍ୟକ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୧ ଫେବୃଆରୀରୁ ୩ ତାରିଖ ପଯ୍ୟନ୍ତ ସମସ୍ତ ପଞ୍ଚାୟତ କଳିଙ୍ଗା, ତଲାରୀମାହା, ମାଲିକପଡି, ଗ୍ରେସିଙ୍ଗିଆ, ଲିଙ୍ଗାଗଡ଼, କତିଙ୍ଗିଆ, ରଟିଙ୍ଗିଆ ଆଦି ଗ୍ରାମରେ ଚାଲିଥିବା ମଶାଲ ଶୋଭାଯାତ୍ରା ୩ ତାରିଖରେ ଘୁ.ଉଦୟଗିରିରେ ପହଞ୍ଚିବ। ୩ ତାରିଖ ଉଦଘାଟନ ଦିନ ସହରରୁ ବିରାଟ ଶୋଭାଯାତ୍ରାରେ ବାହାରି ମହୋତ୍ସବ ପଡିଆକୁ ଯିବ। ଏହି ଶୋଭାଯାତ୍ରାରେ କଳାହାଣ୍ଡି କଟାପା ମୁଖ୍ୟ ଆକର୍ଷଣ ହେବା ସହ କୁଇ ସଙ୍ଗୀତ ମେଲୋଡ଼ିରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ୪ ତାରିଖରେ ଖ୍ୟାତିନାମ କଳାକାର ବର୍ଣ୍ଣାଳୀ ହୋତା ମହୋତ୍ସବରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ୫ ତାରିଖରେ ଖ୍ୟାତନାମା କଳାକାର ଅନ୍ତରା ଚ଼କ୍ରବର୍ତ୍ତୀ, ୬ ତାରିଖରେ ବ୍ରହ୍ମପୁର ହାଲୋ ଡାନ୍ସ ଗ୍ରୁପ ସହିତ ଫୁଲବାଣୀ ନଟରାଜ କଳା ମନ୍ଦିର, ଏହା ସହିତ ବାଲିଗୁଡା କୁନି କଣ୍ଠ ଶିଳ୍ପୀ ସମୃଦ୍ଧି ପଟ୍ଟନାୟକ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ୭ ତାରିଖରେ ବଲାଙ୍ଗୀର ମେଲୋଡି ସହିତ ଡ୍ୟାନ୍ସ ଗ୍ରୁପ ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ। ଅନ୍ୟପଟେ ଅତିଥି ନିମଂତ୍ରଣ, ସାଂସ୍କୃତିକ କମିଟି, ଶୋଭେନିୟାର କମିଟି, ମଞ୍ଚ ପରିଚ଼ାଳନା କମିଟି, ଷ୍ଟଲ କମିଟି, ଶୃଙ୍ଖଳା କମିଟି, ଅଭ୍ୟର୍ଥନା କମିଟି, ପ୍ରଚ଼ାର କମିଟି, ଅର୍ଥ ପରିଚ଼ାଳନା କମିଟି ନିଜ ନିଜ ବିଭାଗ କାମ ଶେଷ କରିଛି। ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ ସହ ଅଞ୍ଚଳର ପ୍ରତିଭାଙ୍କୁ ମଞ୍ଚରେ ସୁଯୋଗ ମିଳିବା ସହ ପର୍ଯ୍ୟଟନସ୍ଥଳୀର ପ୍ରଚ଼ାରପ୍ରସାର ହେବ ବୋଲି ଅଞ୍ଚଳବାସୀଙ୍କ ମନରେ ଆଶା ସୃଷ୍ଟି କରିଛି।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି



**ଖୋର୍ଦ୍ଧା,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ବ୍ଲକ ବାଜପୁର ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ବାଜପୁର ଠାରେ ଗତ ବୁଧବାର ଓ ଗୁରୁବାର ୨ ଦିନ ଧରି କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଭାବରେ ସନ୍ତୋଷ କୁମାର ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କ ସଭାପତିତ୍ୱରେ ଦୁଇ ଦିନ ଧରି ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ମହାପାତ୍ର ଏହି କର୍ମଶାଳାର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। କ୍ଲଷ୍ଟରର ୧୨ଟି ବିଦ୍ୟାଳୟରୁ ୩୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଧନ କର୍ମୀ ୫ଜଣ ଆଦି ଅଂଶଗ୍ରହଣ କରିଥିଲେ, ଯେଉଁମାନଙ୍କର ମିଳିତ ସହଯୋଗରେ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ସାହୁ ଏହି ସାମଗ୍ରୀ ଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ଶିକ୍ଷକମାନଙ୍କଠାରୁ ପଚ଼ାରି ବୁଝିବା ସହିତ ଏହି ସାମଗ୍ରୀ ଗୁଡିକ କିପରି କୁନି କୁନି ପିଲାମାନଙ୍କୁ ଆକୃଷ୍ଟ କରିପାରିବ ଓ ଶିକ୍ଷା ଦାନ କ୍ଷେତ୍ରରେ ଏହାର ଆବଶ୍ୟକତାକୁ ବୁଝାଇଥିଲେ। ଶେଷରେ କ୍ଲଷ୍ଟରର ସିଆରଜି ସୁଜାତା ପ୍ରିୟମ୍ବଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଏହି କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ।

## ଜଳେଶ୍ୱର-ପୁରୀ ମେମୁ ଓ ଖଡଗପୁର-ଖୋର୍ଦ୍ଧା ଏକ୍ସପ୍ରେସ୍ ବାତିଲ

**ଜଳେଶ୍ୱର,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରମୁଖ ଅର୍ଥନୈତିକ ପେଣ୍ଠସ୍ଥଳୀ ଜଳେଶ୍ୱର ଷ୍ଟେସନରେ ଅଧିକ ଟ୍ରେନ୍ ରହଣୀ ଲାଗି ବାରମ୍ବାର ଦାବି ହୋଇ ଆସୁଥିବା ଥିବାବେଳେ ରେଳବାଇ କର୍ତ୍ତୃପକ୍ଷ ନିରବ ଦ୍ରଷ୍ଟା ସାଜିଛନ୍ତି। ଅନ୍ୟପକ୍ଷରେ ଖଡଗପୁର ରେଳ ଡିଭିଜନ୍‌ରୁ ପୁରୀ ଓ ଖୋର୍ଦ୍ଧା ଚ଼ଳାଚ଼ଳ କରୁଥିବା ୨ଟି ଟ୍ରେନ୍‌କୁ ଯଥାକ୍ରମେ ୧୨ଦିନ ଓ ୧୧ଦିନ ଲାଗି ବାତିଲ କରାଯାଇଥିବା ନେଇ ରେଳ ବିଭାଗ ପକ୍ଷରୁ ପ୍ରକାଶ।

ଜଳେଶ୍ୱରରୁ ପୁରୀ ଯାତ୍ରୀଙ୍କ ଯାତାୟାତ ଲାଗି ୬୮୪୪୧ ଓ ୬୮୪୪୨ ମେମୁ ପ୍ରତ୍ୟହ ଯାତାୟାତ କରୁଛି। କିନ୍ତୁ ଶନିବାର ରେଳବାଇର ସହକାରୀ ପରିବହନ ମ୍ୟାନେଜର ସ୍ୱରୂପ ସେନ୍‌ଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଏହି ଟ୍ରେନ୍‌କୁ ବାତିଲ କରାଯାଇଛି। ୬୮୪୪୨ ଟ୍ରେନ୍‌ଟି ଆସନ୍ତା ୧ତାରିଖ ଠାରୁ ଏବଂ ୬୮୪୪୧ ଟ୍ରେନ୍‌ଟି ୨ତାରିଖ ଠାରୁ ଯଥାକ୍ରମେ ୧୨ ଓ ୧୩ତାରିଖ ପର୍ଯ୍ୟନ୍ତ ୧୨ଦିନ ଲାଗି ବାତିଲ କରାଯାଇଥିବା ଦର୍ଶାଇଛନ୍ତି।

ସେହିପରି ଖଡଗପୁରରୁ ଖୋର୍ଦ୍ଧା ଯାତାୟାତ କରୁଥିବା ୧୮୦୨୧ ଟ୍ରେନ୍‌ଟି ୨ତାରିଖରୁ ଓ ୧୮୦୨୨ ଖୋର୍ଦ୍ଧା-ଖଡଗପୁର ଟ୍ରେନ୍‌କୁ ମଧ୍ୟ ସେହିଦିନଠାରୁ ବାତିଲ କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଯଖପୁର ରେଳ ଷ୍ଟେସନଠାରେ ତୃତୀୟ ରେଳ ରାସ୍ତାର ସଂଯୋଗୀ କରଣ ଲାଗି ଏପରି ପଦକ୍ଷେପ ନିଆଯାଇଥିବା ଶ୍ରୀ ସେନ୍ ଦର୍ଶାଇଛନ୍ତି।

ଏହି ସମୟ କାଳରେ ଜଳେଶ୍ୱର ମେମୁଟିକୁ ଭଦ୍ରକ କିମ୍ବା ଯାଜପୁର ପର୍ଯ୍ୟନ୍ତ ଚ଼ଳାଇବାକୁ ଯାତ୍ରୀ ସୁରକ୍ଷା ପରିଷଦ, ସମାଜ କଲ୍ୟାଣ ବିକାଶ ପରିଷଦ, ଜଳେଶ୍ୱର ବଣିକ ସଂଘ ଓ ପ୍ରମୁଖ ସଂଗଠନ ଦାବି କରିଛନ୍ତି। ପ୍ରକାଶ ଯୋଗ୍ୟ ଜଳେଶ୍ୱର ରେଳ ଷ୍ଟେସନର ୧ନଂ ପ୍ଲାଟଫର୍ମରେ ମାଲବାହୀ ରେଳକୁ ଦୀର୍ଘସମୟ ଧରି ଅଟକ ରଖାଯାଉଥିବାରୁ ସମସ୍ତ ଟ୍ରେନ୍ ୨ନଂ ପ୍ଲାଟଫର୍ମରେ ଯାତାୟାତ କରୁଅଛି।

ରେଳ ଷ୍ଟେସନର ଫୁଟ ଓଭରବ୍ରିଜ୍‌ଟି ପ୍ରାୟ ୨୦୦ ମିଟର ଦୂର ଦକ୍ଷିଣ ପାର୍ଶ୍ୱରେ ରହୁଥିବାରୁ ଯାତ୍ରୀମାନେ ୨, ୩, ୪ନଂ ପ୍ଲାଟଫର୍ମକୁ ଯାତାୟାତ କରିବାକୁ ଟ୍ରେନ୍‌ଲାଇନ୍ ଡେଇଁବାକୁ ବାଧ୍ୟ ହେଉଛନ୍ତି। କିଛିଦିନ ଧରି ଷ୍ଟେସନରେ ଥିବା ଲିଫ୍‌ଟି ଅଚ଼ଳ ହେବାରୁ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ରୋଗୀମାନେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବାରେ ଅସୁବିଧା ହେଉଛି। ଏଥିପ୍ରତି ରେଳବାଇ କର୍ତ୍ତୃପକ୍ଷ ବିଶେଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆନ୍ତଃୟୁନିଟ ବ୍ୟାଡମିଣ୍ଟନ ଚାମ୍ପିଅନସିପ

**ମାଲକାନାଗିରି,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆୟୋଜକ ଓଏଚ୍‌ପିସି ଓଡ଼ିଶାରେ ଥିବା ସମସ୍ତ ଜଳ ବିଦ୍ୟୁତ କେନ୍ଦ୍ରକୁ ନେଇ ଏକ ବ୍ୟାଡମିନଟନ ଟୁର୍ଣ୍ଣାମେଣ୍ଟ ରେଙ୍ଗାଲୀ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଗତ ମାସ ୨୮ ତାରିଖରେ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହୋଇଥିଲା। ରାଜ୍ୟର ଥିବା ମାଛକୁଣ୍ଡ, ଚ଼ିପିଲିମା, ରେଙ୍ଗାଲୀ, ମୁଖୀଗୁଡା, ବୁର୍ଲା, ଅପର କୋଲାବ, ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର ଓ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ଫାଇନାଲରେ ବାଲିମେଳା ଓ ମୁଖୀଗୁଡା ମଧ୍ୟରେ ହୋଇଥିଲା। ଯେଉଁଥିରେ ବାଲିମେଳା ଟିମ ବିଜୟୀ ହୋଇଥିଲା। ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର ପକ୍ଷରୁ ତାପସ କୁମାର ପାଲ ଓ ସୀମାଞ୍ଚଳ ସୁବୁଦ୍ଧି ଯୋଗଦେଇ ବାଲିମେଳା ପାଇଁ ଗୌରବ ଆଣିଦେଇଛନ୍ତି। ଦୁଇ ଜଣଙ୍କୁ ବାଲିମେଳା ବାଲି ପାୱାର ସଂଘର ସଭାପତି ପ୍ରବୀର କୁମାର ଦାସ ଏବଂ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ସମେତ ଅନ୍ୟ କର୍ମଚ଼ାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

## ମେଧାବୀ ଅଭିନନ୍ଦନ ଉତ୍ସବ-୨୦୨୬

**ବ୍ରହ୍ମପୁର,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ଦିନ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଏକ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ୨୦୨୫ ମସିହାରେ ଏହି ଅନୁଷ୍ଠାନରେ କୋଚିଂ ନେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୧୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ମେଡ଼ିକାଲ କଲେଜରେ ଡାକ୍ତର ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ୯ ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟସ୍ତରର ଏମ୍ସ ଭଳି ଅନୁଷ୍ଠାନରେ ନାମ ଲେଖାଇଛନ୍ତି। ସେହିପରି ସର୍ବଭାରତୀୟ ସ୍ତରର ଆଇଆଇଟିରେ ୫ ଜଣ ଏବଂ ଏନ୍‌ଆଇଟି ଭଳି ଅନୁଷ୍ଠାନରେ ୨୫ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତା'ସହିତ ଆଇଜର୍, ନାଇଜର ଏବଂ ଆଇସିଏଆର୍ ଭଳି ସର୍ବଭାରତୀୟସ୍ତରର ଅନୁଷ୍ଠାନରେ ବହୁ ମେଧାବୀ ଛାତ୍ରଛାତ୍ରୀ ଚଳିତ ବର୍ଷ ଅଧ୍ୟୟନ କରୁଛନ୍ତି। ଏହି ଉତ୍ସବ ପରିପ୍ରେକ୍ଷୀରେ ସମସ୍ତ ଆମନ୍ତ୍ରିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଜଣେ ସୁନାଗରିକ ହେବାପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ରୂପେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ରୂପେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ.ନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍ କଲେଜର ପ୍ରାଧ୍ୟାପକ ଡ.ମନୋଜ କୁମାର ସେଠୀ ଯଥା ଆଇଆର୍‌ଇଏଲ୍, ଓସ୍କୋମ୍ ଛତ୍ରପୁରର ମୁଖ୍ୟ ସିଭି ରମନ ମୂର୍ତ୍ତୀ ମଞ୍ଚ ଅଳଙ୍କୃତ କରି ଉପସ୍ଥିତ ଏକ ହଜାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରେରଣା ଏବଂ ଉତ୍ସାହ ଭରି ଦେଇଥିଲେ। ସମସ୍ତ ଆମନ୍ତ୍ରିତ ଅତିଥି ପିଲାମାନଙ୍କୁ ସେବା ମନୋବୃତି, ପରୋପକାର, ଗରିବମାନଙ୍କ ସେବା ଏବଂ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ଅନୁଷ୍ଠାନର ପ୍ରାଧାନାଚାର୍ଯ୍ୟ ଏସ୍.ମୋହନ ରାଓ, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ପରିଚାଳନା ସମିତିର ଉପଦେଷ୍ଟା କେ.ଭେଙ୍କେଟ୍ ରାଓ, ହରେକୃଷ୍ଣ ପାଢ଼ୀ, ଡ.ରାଜେନ୍ଦ୍ର ଡାକୁଆ ଉପସ୍ଥିତ ରହି ସମସ୍ତ ଆମନ୍ତ୍ରିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ସହ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଥିକ ଦୁର୍ବଳ ମେଧାବୀ ଦୁଇ ଛାତ୍ର ରୁଦ୍ର ପ୍ରତାପ ସ୍ୱାଇଁଙ୍କୁ ୧ ଲକ୍ଷ ଟଙ୍କା ଏବଂ ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କୁ ୩୦ ହଜାର ଟଙ୍କା, ବିଜୟ କୁମାର ପାଢ଼ୀଙ୍କ ଦ୍ୱାରା ତାଙ୍କ ପୁତ୍ର ଡ. ରାକେଶ କୁମାର ପାଢ଼ୀଙ୍କ ସ୍ମୃତି ଉଦ୍ଦେଶରେ ଦିଆଯାଇଥିଲା।

## ଗଣେଶ ବଜାର ପକ୍ଷରୁ ଅଗ୍ନି ଉତ୍ସବ

**ଢେଙ୍କାନାଳ,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ସହରର ଏକ ଅଗ୍ରଣୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାର। ପ୍ରତେକ ବର୍ଷ ପରି ଚଳିତ ବର୍ଷ ମାଘ ପୂର୍ଣ୍ଣମା ଦିନ ଅଗ୍ନି ଉତ୍ସବ ପାଳନ କରାଯାଇଛି। ସନ୍ଧ୍ୟା ସମୟରେ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ରହିବିଧି ଅନୁଯାୟୀ ପୂଜକ ଦୋଳଗୋବିନ୍ଦ ହୋତା ଓ କର୍ତ୍ତା ସୁଶାନ୍ତ କୁମାର ନାୟକ ପୂଜାର୍ଚ୍ଚନା କରିଥିଲେ। ପରେ ସାହି ବାସିନ୍ଦାଙ୍କ ଠାରୁ ସଂଗ୍ରହ ହୋଇଥିବା ପାଳ, ପନିପରିବା ଓ ବିଭିନ୍ନ ସାମଗ୍ରୀ ଉପରେ ଅଗ୍ନି ସଂଯୋଗ କରାଯାଇଥିଲା। ଉପସ୍ଥିତ ଥିବା ସହରର ଲୋକମାନେ ଅଗ୍ନି ଉପରେ ବିଭିନ୍ନ ପନିପରିବା ପକାଇଥିଲେ। ଏହି କାଯ୍ୟକ୍ରମରେ ଗଣେଶ ବଜାର ସଭାପତି ସିବି କୁମାର ବେହେରା, ସମ୍ପାଦକ ଏମଡି ରଫିକଙ୍କ ତତ୍ତ୍ୱାବଧାନରେ ଅଗ୍ନି ଉତ୍ସବ କମିଟିର ମୁଖ୍ୟ ସଦାନନ୍ଦ ସାହୁ ଓ ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ସମସ୍ତ କାଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ କମିଟି ଅଧକ୍ଷ ଶେଖ ହୁସେନ, ଉପଦେଷ୍ଟା ବସନ୍ତ କୁମାର ସାହୁ ଓ ବିଶ୍ୱନାଥ ବେହେରା, ଉପ ସଭାପତି ଶରତ କୁମାର ସାହୁ, କୋଷାଧକ୍ଷ ବିରଂଚି ନାରାୟଣ ସେଠୀ, ଟ୍ରଷ୍ଟ ସମ୍ପାଦକ ଅତୁଲ କୁମାର ନାୟକ, ସହ ସମ୍ପାଦକ ସୀତାଂଶୁ ଶେଖର ନାୟକ, ମିଡ଼ିଆ ପ୍ରଭାରୀ ଶ୍ୟାମ ସୁନ୍ଦର ସାହୁ,ମାଧବ ସିଲ, ଜଗନ୍ନାଥ ହୋତା, ଭଜମାନ ସାହୁଙ୍କ ସମେତ ଗଣେଶ ବଜାର ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ



**ଗୋପ,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଗୋପ ବ୍ଲକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଏକାଦଶତମ ବାର୍ଷିକ ଉତ୍ସବଟି ମୋହା ଆଡମ୍ବର ସହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସଭାପତିତ୍ୱ କରିଥିଲେ ରବିନ୍ଦ୍ରନାଥ ସିଂ (ବରିଷ୍ଠ ଶିକ୍ଷାବିତ୍) ଉକ୍ତ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପଣ୍ଡିତ ବିରେନ୍ଦ୍ର ପଣ୍ଡା (ବେଦବକ୍ତା ଜ୍ୟୋତିଷଶାସ୍ତ୍ର ବିଶାରଦ) ମୁଖ୍ୟବକ୍ତା ବିନୋଦିନୀ ମହାପାତ୍ର (ସହମଣ୍ଡଳ ଶିକ୍ଷାଅଧିକାରିଣୀ, ଗୋପ) ସମ୍ମାନୀତ ଅତିଥି ଭାବେ ଦୀପକ କୁମାର ସେନାପତି (ସିଆର୍‌ସିସି) ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋପ। ଲିଙ୍ଗରାଜ ପ୍ରଧାନ (ଶିକ୍ଷାବିତ୍) ଯଯାତି କେଶରୀ ସାଇଁ ସଂଗଠନ ସଂପାଦକ, ଭାରତୀୟ ଶିକ୍ଷାବିକାଶ ପରିଷଦ, ଓଡ଼ିଶା ବିଭୂତି ଭୂଷଣ ପଟ୍ଟନାୟକ ଶିକ୍ଷାବିତ୍ ପ୍ରଭୃତି ଯୋଗ ଦେଇଥିଲେ। ପିଲାମାନଙ୍କ ଉଦ୍ଦେଶରେ ଅତିଥିମାନଙ୍କ ଦ୍ୱାରା ଅନେକ ଉପାଦେୟ ତତ୍ତ୍ୱମାନ ପ୍ରଦାନ କରିଥିଲେ। ପରିଶେଷରେ ଶିଶୁ ଭାଇ ଭଉଣୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରେଣୀ ପ୍ରବେଶ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଶିଶୁ ଭାଇ ଭଉଣୀମାନେ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚ଼ାର୍ଯ୍ୟ ଅନିଲ ଭୋଇ, ସମ୍ପାଦକ କାଳୁରାମ ଜେନା ଓ ସମସ୍ତ ଗୁରୁଜୀ ଗୁରୁମା ଖେଳକୁ ସୁଚ଼ାରୂପେ ସମ୍ପାଦନ କରିଥିଲେ। ପରିଶେଷ ବିଦ୍ୟାଳୟର ସହ ପ୍ରଧାନ ଆଚ଼ାର୍ଯ୍ୟା ବିଷ୍ଣୁପ୍ରିୟା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଦଶପଲ୍ଲାରେ ହିନ୍ଦୁ ସମ୍ମିଳନୀ

**ଦଶପଲ୍ଲା,୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ଗାନ୍ଧୀ ମଇଦାନ ଠାରେ ହିନ୍ଦୁ ଜାଗରଣ ସମିତି ପକ୍ଷରୁ ରବିବାର ଦିନ ଏକ ହିନ୍ଦୁ ସମ୍ମିଳନୀ ଓ ୧୦୮ କୁଣ୍ଡିୟ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସନ୍ଥ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗ ଦେଇ ବେଦ ଉପରେ ପ୍ରବଚ଼ନ ଦେଇଥିଲେ। ମୁଖ୍ୟତଃ ହିନ୍ଦୁ ଧର୍ମର ସଂସ୍କୃତି, ପରମ୍ପରା ଏବଂ ଗୋ ରକ୍ଷା ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୧୦୮ଟି ଯଜ୍ଞ କୁଣ୍ଡ ସ୍ଥାପନ କରା ଯିବା ସହ ବେଦ ପାଠ କରାଯାଇ ଘୃତାହୂତି ଦିଆ ଯାଇଥିଲା। ସଂସାରର ମଙ୍ଗଳ କାମନାରେ କରା ଯାଇଥିବା ଏହି ଆଧାତ୍ମିକ କାର୍ଯ୍ୟରେ ଦଶପଲ୍ଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ହିନ୍ଦୁ ଜାଗରଣ ସମିତିର ସମସ୍ତ ସ୍ୱୟଂ ସେବକ ସହଯୋଗ କରିଥିଲେ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୩ ଫେବୃଆରୀ ୨୦୨୬ ● ମଙ୍ଗଳବାର


## ସାଇବର ଠକ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା କ୍ରାଇମବ୍ରାଞ୍ଚର ସାଇବର ପୋଲିସ ୟୁନିଟ ସାଇବର ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ଗୁଣ୍ଟୁର ଜିଲ୍ଲାର ଭେଦଗିରି ଶ୍ରୀନିବାସ ରାଓ (୩୯)। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ମୋବାଇଲ ଫୋନ, ସିମକାର୍ଡ଼ ଓ ବିଭିନ୍ନ ଅପରାଧମୂଳକ ସାମଗ୍ରୀ ଜବତ କରିଛି । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । କ୍ରାଇମବ୍ରାଞ୍ଚ ସୂଚନା ମୁତାବକ, ସାଇବର ଠକ ସୋସିଆଲ ମିଡ଼ିଆ ମାଧ୍ୟମରେ ପୀଡ଼ିତଙ୍କ ସହ ଯୋଗାଯୋଗ କରି ୱାଟସଆପ ଗ୍ରୁପରେ ଯୋଡ଼ିଥିଲା । ପୀଡ଼ିତଙ୍କୁ ଏକ ଅନଲାଇନ ଟ୍ରେଡ଼ିଂ ପ୍ଲାଟଫର୍ମରେ ନିବେଶ କରିବାକୁ ପ୍ରଲୋଭିତ କରି ଉଚ୍ଚ ଓ ନିଶ୍ଚିତ ରିର୍ଟନର ପ୍ରତିଶୃତି ଦେଇଥିଲା । ପୀଡ଼ିତ ସାଇବର ଠକର କଥାରେ ବିଶ୍ୱାସ କରି ତାଙ୍କ ବିଭିନ୍ନ ଆକାଉଣ୍ଟରେ ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସ୍ଥାନାନ୍ତର କରିଥିଲେ । ପରେ ଟଙ୍କା ଫେରି ନପାଇବାରୁ ପୀଡ଼ିତ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ଶାଖାରେ ଅଭିଯୋଗ ଦାଖଲ କରିଥିଲେ । ଏହି ଅଭିଯୋଗକୁ ଆଧାର କରି ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା । ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସ ଭୁବନେଶ୍ୱରରୁ ଅଭିଯୁକ୍ତ ଶ୍ରୀନିବାସ ରାଓକୁ ଭୁବନେଶ୍ୱରରୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସୁଶିଳା ତିରିଆଙ୍କୁ କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ସାଂସଦ, ପୂର୍ବତନ ସିଡବ୍ଲୁସି ମେମ୍ବର ତଥା ବିଶିଷ୍ଟ ନାରୀନେତ୍ରୀ ମିସ୍ ସୁଶିଳା ତିରିଆ ଗତକାଲି ରାତିରେ ପରଲୋକ ଗମନ କରିଛନ୍ତି । ତାଙ୍କର ପାର୍ଥିବ ଶରୀର ଆଜି ଭୁବନେଶ୍ୱର କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳୀୟ ପତାକା ପକାଇ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ତାଙ୍କର ମରଶରୀର ବାରିପଦା ଅଭିମୁଖେ ଯାତ୍ରା କରିଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ଜେନା, ଶରତ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ସନ୍ତୋସ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ, ନକୁଳ ନାୟକ, ନଗେନ୍ଦ୍ର ପ୍ରଧାନ, ଚିନ୍ମୟ ସୁନ୍ଦର ଦାସ, କୁମାର ଶ୍ରୀ ଚିରଞ୍ଜିବ, ରଜନୀ ମହାନ୍ତି, ସୁର୍ଦଶନ ଦାସ, ମିହିର ଆଚାର୍ଯ୍ୟ, ତରୁଣ ମିଶ୍ର, ପ୍ରଦୀପ ମହାପାତ୍ର, ଆଲୋକ ମହାନ୍ତି, ନଳିନୀ କାନ୍ତ ନାୟକ, ପ୍ରଭାସ କର ମହାପାତ୍ର, ଯୋଗୀନାଥ ବାହୁବଳେନ୍ଦ୍ର, ରଞ୍ଜିତା ହେମ୍ବ୍ରମ, ମନୋଜ ବିଶ୍ୱାଳ ଓ ମିନାକ୍ଷୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି




**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲାପାଳ ଦତ୍ତାତ୍ରୟ ବାଉସାହେବ ସିନ୍ଦେ ଆଜି ବାଙ୍କୀ ବ୍ଲକ କେନ୍ଦୁପଲ୍ଲୀ ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ କେନ୍ଦୁପଲ୍ଲୀ ଓ ଜଗନ୍ନାଥପୁର ଗ୍ରାମପଂଚାୟତକୁ ନେଇ ପଲ୍ଲୀରେ ପ୍ରଶାସନ ପକ୍ଷରୁ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏହି ଶୁଣାଣିରେ ୬୫ଟି ବ୍ୟକ୍ତିଗତ ଓ ୧୧ଟି ଗୋଷ୍ଠୀ ଗତ ଅଭିଯୋଗ ଶୁଣାଣି ହୋଇ ଏହାର ଫଇସଲା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶୁଣାଣି ଶିବିରରେ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ବାଙ୍କୀ ବ୍ଲକ ବିଡିଓ, ସଂଗ୍ରାମ କେଶରୀ ଭୋଳଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବୈଦ୍ୟେଶ୍ୱର ପ୍ରାଣୀଧନ ଚିକିତ୍ସକ, କେନ୍ଦୁପଲ୍ଲୀ ପଞ୍ଚାୟତ ସରପଂଚ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି । ପ୍ରଭୁପ୍ରସାଦ ବେହେରା ସରପଂଚ ଜଗନ୍ନାଥପୁର, ପ୍ରେମାନନ୍ଦ ସାହୁ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ । ଏହି ଶିବିରକୁ ପି.ଇ.ଓ ଅକ୍ଷୟ କୁମାର ସାମଲ ପରିଚାଳନା କରିବା ସହିତ ଜଗନ୍ନାଥପୁର ଗ୍ରାମପଂଚାୟତ ପିଇଓ ଓ ଏଡିଇଓ ସହଯୋଗ କରିଥିଲେ ।

## ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା




**ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବଡସାହି ବ୍ଲକ ଅଧିନସ୍ଥ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁର ଇକୋକ୍ଲବ ଓ ଓଡ଼ିଶା ସରକାରଙ୍କର ପରିବେଶ ଶିକ୍ଷା କେନ୍ଦ୍ର ମିଳିତ ସହଯୋଗରେ ବିଶ୍ୱ ଆଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଧ୍ରୁବଚରଣ ନାୟକ ବନାଞ୍ଚଳ ଅଧିକାରୀ, ମୁଖ୍ୟବକ୍ତା ସନ୍ତୋଷ କୁମାର ଦୁର୍ଗା (ଅବସର ପ୍ରାପ୍ତ ଜେଲ ଅଧିକ୍ଷକ) ସମ୍ମାନୀୟ ଅତିଥି ନିହାର ରଞ୍ଜନ ସାମଲ, ସଂଯୋଜକ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ପ୍ରଭାସ କୁମାର ନାୟକ, ଓଷ୍ଟା ଜିଲ୍ଲା ଯୁଗ୍ମ ସଂଯୋଜକ ଯୋଗଦେଇଥିଲେ । ବର୍ତ୍ତମାନ ମାନବ ସମାଜ ଦୃତ ଗତିରେ ପରିବର୍ତ୍ତନ ପାଇଁ ଆଦ୍ର ଭୂମିଗୁଡ଼ିକୁ ଘର, କଳକାରଖାନା ତିଆରି କରିବା ପାଇଁ ପୋତା ଯାଉଥିବାରୁ ଓ ସନ୍ତସନ୍ତିଆ ସ୍ଥାନ ଉପରେ ଅଳିଆ ଆବର୍ଜନା ପକାଇବା ଦ୍ୱାରା ବାୟୁମଣ୍ଡଳ ଅଧିକ ଉତ୍ତପ୍ତ ହେବାରେ ଲାଗିଲାଣି ବୋଲି ପରିବେଶବିତମାନେ ମତ ପ୍ରକାଶ କରିଛନ୍ତି । ମୁଖ୍ୟତ ଗାଁ, ସହରରେ ଥିବା ପୋଖରୀ, ଗଡିଆ ପାଣି ଜମି ରହୁଥିବା ନାଳଗୁଡିକରେ ବିଭିନ୍ନ ଜାତିର ପ୍ରାଣୀମାନଙ୍କର ସୃଷ୍ଟି ଲୋପ ପାଇବାରେ ଲାଗିଲାଣି ବୋଲି ଅତିଥି ବୃନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଦ୍ର ଭୂମିର ସୁରକ୍ଷା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ବୁଦ୍ଧି ପରୀକ୍ଷା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ଫଳଗଛ ଦେଇ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନତା କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ପୁହାଣ, ପ୍ରଭାକର ଉପାଧ୍ୟାୟ, ଗିରିଜା ଶଙ୍କର ମହାନ୍ତ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ପ୍ରମୋଦ କୁମାର ବିନ୍ଧାଣୀ (କ୍ରୀଡ଼ାଶିକ୍ଷକ) ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପ୍ରାଚୀ ପରିକ୍ରମା ପାଇଁ ପ୍ରାଚୀତଟ ଚଳଚଞ୍ଚଳ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତମାସ ୭ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ପୂରାଣ ବର୍ଣ୍ଣିତ ପ୍ରାଚୀନଦୀ ପରିକ୍ରମାରେ ସାମିଲ ହେବେ ଦେଶ ବିଦେଶର ବହୁ ସାଧୁ ସନ୍ଥ ସନ୍ୟାସୀ ଶ୍ରଦ୍ଧାଳୁ ଓ ସଂର୍କୀତନ ପ୍ରେମୀ । ଏହି ସପ୍ତଦିବସୀୟ ପରିକ୍ରମାର ଗନ୍ତବ୍ୟ ପଥରେ ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ପ୍ରାଚୀ ଆରତୀ ସଂପନ୍ନ ହେବ । ପ୍ରତ୍ୟେକ ଦିବସ ରାତ୍ର ରହଣୀ ସ୍ଥଳରେ ମହାନ ସନ୍ଥମାନଙ୍କ ଠାରୁ ଶ୍ରୀ ଜଗନ୍ନାଥ ମହାତ୍ମ୍ୟ, ପ୍ରାଚୀନଦୀ ମହାତ୍ମ୍ୟ, ପ୍ରାଚୀତୀର୍ଥ ମହାତ୍ମ୍ୟ, ଗୋ ମହାତ୍ମ୍ୟ, ଗୀତା ମହାତ୍ମ୍ୟ ଶ୍ରବଣର ସୁଯୋଗ ଭକ୍ତମାନଙ୍କୁ ମିଳିବ । ବିଶ୍ୱ କ୍ରୀୟା ଯୋଗର ସର୍ବମାନ୍ୟ ସନ୍ଥ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ନିଜେ ସନ୍ଥମାନଙ୍କ ସହ ନାମ ସଂର୍କୀତନ କରି ପ୍ରାଚୀ ପରିକ୍ରମାକୁ ପରିଚାଳନା କରିବେ । ଏଥି ପାଇଁ ପ୍ରାଚୀତଟ ଚଳ ଚଂଚଳ ହୋଇଉଠିଛି । ପ୍ରତ୍ୟେକ ପୀଠ, ନଦୀଘାଟ, ଦେବସ୍ଥଳୀ ସଜାଇବାରେ ସମସ୍ତେ ଲାଗିପଡିଛନ୍ତି । ଭକ୍ତ ଜୟଦେବଙ୍କ ବଂଶଦ ତଥା ପରିକ୍ରମାର ପ୍ରମୁଖ ମାର୍ଗଦର୍ଶକ ପ୍ରକୃତିବଂନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର କୁହନ୍ତି ଲୁପ୍ତ ପ୍ରାୟ ପବିତ୍ର ପ୍ରାଚୀନଦୀ, ପ୍ରାଚୀତଟ, ଦେବସ୍ଥଳୀ, ବ୍ରହ୍ମଦାରୁ, ପ୍ରାପ୍ତସ୍ଥଳୀ ପ୍ରାଚୀବନାନୀକୁ ବିଲୟ ସ୍ଥିତିରୁ ଫେରାଇ ଆଣିବା ପ୍ରାଚୀ ପରିକ୍ରମାର ମୂଳଲକ୍ଷ୍ୟ । ପ୍ରତ୍ୟେକ ଶ୍ରୀ ଜଗନ୍ନାଥ ପ୍ରେମୀ ଆଶା କରନ୍ତି ଆମ ସରକାର ଏ ଦିଗରେ ଦୃଷ୍ଟାନ୍ତ ମୂଳକ ଆଶୁ ପଦକ୍ଷେପ ନେଇ ନମାମୀ ପ୍ରାଚୀ ଯୋଜନାକୁ କାର୍ଯ୍ୟକରି ଶ୍ରୀ ଜଗନ୍ନାଥ ସଂସ୍କୃତିର ଜୀବନରେଖା ପବିତ୍ର ପ୍ରାଚୀନଦୀର ଦୃତଗୌରବ ଫେରାଇ ଆଣନ୍ତୁ ।

## ଅବକାରୀ ବିଭାଗରେ ଗାଦି ମାଡ଼ି ବସିଛନ୍ତି ମୁଖ୍ୟ କିରାଣୀ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ମଦ ମଫିଆ ଓ ଚୋରା ମଦ ବ୍ୟବସାୟୀଙ୍କୁ ଭିନ୍ନ ଉଦ୍ଦେଶ୍ୟ ରଖି ନିଜ କ୍ଷମତାର ଅପବ୍ୟବହାର କରି ସହଯୋଗ ଯୋଗାଇ ଆସୁଛନ୍ତି, ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ତିନି ବର୍ଷରୁ ଉର୍ଦ୍ଧ ହେବ ଗୋଟିଏ ସ୍ଥାନରେ, ଗୋଟିଏ ପଦବୀରେ ବେଆଇନ ଭାବରେ ରହିଛନ୍ତି କଟକ ଜିଲ୍ଲା ଅବକାରୀ ବିଭାଗ କାର୍ଯ୍ୟାଳୟର ମୁଖ୍ୟ କିରାଣୀ କୃପାସିନ୍ଧୁ ପଣ୍ଡା। ଦୀର୍ଘ ବର୍ଷ ହେଲା ଗାଦି ମାଡି ବସି ରହି ସରକାରୀ ନିୟମକୁ ଖୁଲମ୍‌ଖୁଲା ଚ୍ୟାଲେଞ୍ଜ କରି ଆସୁଥିବାରୁ ସେ ବହୁ ମଦ ମଫିଆ ଓ ଚୋରା ମଦ ବ୍ୟବସାୟୀଙ୍କ ଲିପ୍ତ ରହି ଯେଉଁଠାରେ ମଦ ଦୋକାନ ଖୋଲିବାକୁ ବିଭିନ୍ନ ସଂଗଠନ ଓ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଉଛି ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଜନସାଧରଣଙ୍କ ହିତ ନିମନ୍ତେ ହେଉଥିବା ନୋଟିସକୁ ସମ୍ମାନ ଜଣାଇ ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ହେଉଥିବା ଅଭିଯୋଗକୁ ନାଳିଫିତା ତଳେ ଚାପିଦେବାକୁ ଉଦ୍ୟମ କରିବା ସହିତ ବିରୋଧ ମଦ ଦୋକାନକୁ ଖୋଲିବା ନିମନ୍ତେ ଚକ୍ରାନ୍ତ କରିଆସୁଛନ୍ତି। କିରାଣୀ ଶ୍ରୀ ପଣ୍ଡାଙ୍କ କାର୍ଯ୍ୟ ସନ୍ଦେହ ଘେରରେ ଥିବାରୁ ତାହା ତଦନ୍ତ ସାପେକ୍ଷ ବୋଲି ଆଜି ଆମ୍ବେଦକର ସ୍ମୃତି ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀ, କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏକ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ ସି.ଏମ୍.ସି ୫୬/୫୭ ନଂ ୱାର୍ଡ ଅନ୍ତର୍ଗତ ସଦର ଥାନା ଅଧୀନ ବାଲିକୁଦା ଜନଗହଳୀ ପୂର୍ଣ୍ଣ ଛକ ଏବଂ ଜାତୀୟ ରାଜପଥ ୧୬ ପାର୍ଶ୍ୱକୁ ଲାଗି ଏକ ମଦ ଦୋକାନ ଖୋଲିବା ଷଡଯନ୍ତ୍ରକୁ ବିରୋଧ କରିବା ସହିତ ଏଠାରେ ମଦ ଦୋକାନ ଖୋଲାଗଲେ, ସ୍କୁଲ ଓ କଲେଜ, ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡିବା। ଏହି ଅଞ୍ଚଳରେ ଗୁଣ୍ଡାଗିରି, ଦାଦାଗିରି, ଛିନ୍ତାଇ ଓ ରାହାଜାନି ଭଳି ଆଇନ ଶୃଙ୍ଖଳା ବିଗିଡିଯିବାର ଆଶଙ୍କା ଥିବାରୁ ଏହାକୁ ବିରୋଧ କରି ପରିଷଦ ଓ ବାଲିକୁଦା ଗ୍ରାମବାସୀଙ୍କ ପକ୍ଷରୁ ସଚେତନ ନାଗରିକମାନେ ଜିଲ୍ଲାପାଳ ଏବଂ ଅବକାରୀ ବିଭାଗ ଅଧକ୍ଷକଙ୍କ ନିକଟରେ ଅଭିଯୋଗ କରିଥିବାରୁ ମଦ ଦୋକାନ ଖୋଲାକୁ ସ୍ଥଗିତ ରଖାଯାଇଥିବାସ୍ଥଳେ ଏହାକୁ ଖୋଲିବା ନିମନ୍ତେ କିରାଣୀ କୃପାସିନ୍ଧୁ ପଣ୍ଡା ମଦ ମଫିଆଙ୍କ ସହିତ ଭିନ୍ନ ଉଦ୍ଦେଶ୍ୟ ରଖି ବିରୋଧ ସ୍ଥାନରେ ମଦ ଦୋକାନ ଖୋଲିବାକୁ ଷଡଯନ୍ତ୍ର କରୁଛନ୍ତି। ଏପରିକି ତଦନ୍ତ ସମୟରେ ବିଭ୍ରାଟ କରିବାକୁ ମାଫିଆଙ୍କ ଉପସ୍ଥିତ ଥିବାବେଳେ ଅଭିଯୋଗକାରୀମାନଙ୍କୁ କୌଣସି ସୂଚନା ଦେଉନାହାନ୍ତି। ଏଣୁ ଏପରି ଏକ ସଂବେଦନଶୀଳ ଘଟଣାକୁ ବିଚାରକୁ ନେଇ ଏହାର ବିଧିବଦ୍ଧ ଅନୁସନ୍ଧାନ କରିବା ସହିତ ମାଫିଆଙ୍କୁ ସହଯୋଗ କରୁଥିବା ଏବଂ ସରକାରୀ ନିୟମକୁ ବେଖାତିରି କରି ଦୀର୍ଘ ବର୍ଷ ହେବ ଗାଦିମାଡି ବସିଥିବା କିରାଣୀଙ୍କୁ ତୁରନ୍ତ ବଦଳି କରିବା, ଉକ୍ତ ମଦ ଦୋକାନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାକୁ ସମ୍ମାନ ଓ ଅନୁଗତ୍ୟର ସହିତ ଜିଲ୍ଲାପାଳ ଏବଂ ଅଧିକ୍ଷକଙ୍କ ନିକଟରେ ପ୍ରାର୍ଥନା କରିଥିବା ଜଣାଯାଇଛି।

## ୨୮ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଖୋର୍ଦ୍ଧା ରୋଡ୍:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳବାଇର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଜାନୁଆରୀ ୨୦୨୬ ମାସରେ ଅବସର ଗ୍ରହଣ କରିଥିବା ୨୮ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ ଭାବେ ବିଦାୟ ଜଣାଇଛି । ଏହା ସହିତ ଭାରତୀୟ ରେଳବାଇରେ ସେମାନଙ୍କର ଦୀର୍ଘ ଓ ଉତ୍ସର୍ଗୀକୃତ ସେବାଜୀବନର ଏକ ସ୍ମରଣୀୟ ଅଧ୍ୟାୟ ସମାପ୍ତ ହୋଇଛି ।

ଅବସରପ୍ରାପ୍ତ କର୍ମଚାରୀମାନେ ହେଲେ କାର୍ମିକ ବିଭାଗର ଏନ୍. ଶ୍ରୀନିବାସ ରାଓ, ପ୍ରଭାକର ପଣ୍ଡା, ସିଗ୍ନାଲ୍ ଏବଂ ଟେଲିକମ୍ୟୁନିକେସନ୍ ବିଭାଗର ସଲିମ୍ ଖାନ୍, ଅନୁଆର୍ ଖାନ୍, ଇଞ୍ଜିନିୟରିଂ ବିଭାଗର ଦମ୍ମନା ବୋୟିନା ସତ୍ୟନାରାୟଣ, କମଳ କାନ୍ତ ତ୍ରିପାଠୀ, ସୀତାରାଣୀ ମୁର୍ମୁ, ସକିଲା ମୁର୍ମୁ, ଜ୍ୟୋତିନ୍ଦ୍ର କୁମାର ମହାରଥି, ଯାନ୍ତ୍ରିକ ବିଭାଗର ମୋହନ ବାଙ୍ଗାରୀ, ପ୍ରତାପ କୁମାର ବେହେରା, ସୁନାରାମ ସୋରେନ୍, ରାଇବାରୀ ଦେଇ, ସୁନିଲ୍ କୁମାର ଦେୟ, ଶ୍ରୀମତୀ ଉନ୍ନତି ନାୟକ, ବିଜୟ କୁମାର ମହାପାତ୍ର, ବିଦ୍ୟୁତ ବିଭାଗର ସରତ କୁମାର ଜେନା, ନିର୍ମଳ କୁମାର ପୃଷ୍ଟି, ଅଶୋକ କୁମାର ରାଉତ, ପ୍ରବୋଧ କୁମାର ମହାପାତ୍ର, ସକିଲା ମୁର୍ମୁ, ଲକ୍ଷ୍ମୀଧର ସୁତାର, ଶିବ ସାହୁ, ପରିଚାଳନାର ମଙ୍ଗା ରାମକୃଷ୍ଣ, ପଞ୍ଚାନନ ବାରିକ, ଶଶୀ ଭୂଷଣ ପାଲ, କୃଷ୍ଣଚନ୍ଦ୍ର ଭୋଇ, ଆକାଉଣ୍ଟ ବିଭାଗର ନରେନ୍ଦ୍ର ପ୍ରସାଦ ଜେନା, ସୁରକ୍ଷା ବିଭାଗର ରବିନ୍ଦ୍ର କୁମାର ବେହେରା

ଏହି ଅବସରରେ ଖୋର୍ଦ୍ଧା ରୋଡ୍‌ରେ ଆୟୋଜିତ ଏକ ସମାରୋହରେ ଅତିରିକ୍ତ ଡିଭିଜନାଲ ରେଳ ପରିଚାଳକ (ଭିତ୍ତିଭୂମି) ଶୁଭ୍ରା ଜ୍ୟୋତି ମଣ୍ଡଳ ଏବଂ ଭାରପ୍ରାପ୍ତ ବିଭାଗୀୟ କାର୍ମିକ ଅଧିକାରୀ ପ୍ରମୋଦ କୁମାର ବେହେରା ଆନୁଷ୍ଠାନିକ ଭାବେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନସନ୍ ପେମେଣ୍ଟ ଅର୍ଡର ଏବଂ ଅବସର ପତ୍ର ପ୍ରଦାନ କରିଥିଲେ ।

ଏହି ସମାରୋହରେ ଶ୍ରୀ ମଣ୍ଡଳ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦ୍ୱାରା ସୁରକ୍ଷିତ, ସୁଚାରୁ ଓ କାର୍ଯ୍ୟକୁଶଳ ରେଳ ପରିଚାଳନା ସୁନିଶ୍ଚିତ କରିବାରେ ଦିଆଯାଇଥିବା ଅମୂଲ୍ୟ ଅବଦାନକୁ ସ୍ୱୀକାର କରିଥିଲେ । ସେମାନଙ୍କୁ ଅବସର ପରବର୍ତ୍ତୀ ଜୀବନକୁ ସକାରାତ୍ମକ ଭାବେ ଗ୍ରହଣ କରିବା, ସମୟକୁ ଫଳପ୍ରଦ ଭାବେ ବ୍ୟବହାର କରିବା ଏବଂ ଏକ ସୁଖୀ, ସ୍ୱସ୍ଥ ଓ ପରିପୂର୍ଣ୍ଣ ଜୀବନ ବିତାଇବାକୁ ଶୁଭେଚ୍ଛା ଜଣାଇଥିଲେ । ଭାରତୀୟ ରେଳବାଇ ପାଇଁ ସେମାନଙ୍କର ପ୍ରଶଂସନୀୟ ସେବା ପ୍ରତି କୃତଜ୍ଞତା ଜଣାଇ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ସମାରୋହର ସମାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସଂଯୋଜନା ଭାରପ୍ରାପ୍ତ ବିଭାଗୀୟ କାର୍ମିକ ଅଧିକାରୀ ପ୍ରମୋଦ କୁମାର ବେହେରା କରିଥିବା ସହ କାର୍ଯ୍ୟକ୍ରମର ସୁଗମ ଓ ସୁସଂଗଠିତ ପରିଚାଳନା ସୁନିଶ୍ଚିତ କରିଥିଲେ ।

## କ୍ୱିଣ୍ଟାଲ ପିଛା କଟାଯାଉଛି ୭ କେଜି ଧାନ: ଚାଷୀ ଅସନ୍ତୋଷ

**ଖଣ୍ଡପଡା:ଏକ୍ସପ୍ରେସ୍ ନ୍ୟୁଜ୍**

ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ କିଛି କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି । ମାତ୍ର ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ସେବା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଖୋଲାଯାଇଥିବା ଧାନ ମଣ୍ଡିରେ ଧାନ କ୍ରୟ ବେଳେ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି । ଧାନ କ୍ରୟ ବେଳେ କ୍ୱିଣ୍ଟାଲ ପିଛା ୫ରୁ ୭ କେଜି ଧାନ ଜୋରଜବରଦସ୍ତ ମିଲର କର୍ତ୍ତୃପକ୍ଷ କାଟି ଧାନ କ୍ରୟ କରୁଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସମବାୟ ସମିତିର ସମ୍ପାଦକମାନଙ୍କ ଜ୍ଞାତସାରରେ ମିଲରମାନେ ଧାନ କାଟି କରି କ୍ରୟ କରୁଥିବା ବେଳେ ଏଭଳି ହରିଲୁଟ ପଛରେ ଏକ ବଡ ଧରଣର ଷଡଯନ୍ତ୍ର ହୋଇଥିବା ନେଇ ଚାଷୀମାନେ ସଂଗୀନ ଅଭିଯୋଗ ଉଠାଇଛନ୍ତି । ସମସ୍ତ ଧାନମଣ୍ଡିରେ ଏଭଳି ଅନିୟମିତତା ହେଉଥିବା ନେଇ ଅଭିଯୋଗ ଉଠିଥିବା ବେଳେ ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ନିରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ସମସ୍ତ ଧାନମଣ୍ଡିରେ ଏବେ ମିଲରଙ୍କ ରାଜ ଚାଲିଥିବା ଜଣାପଡିଛି । ମିଲର କର୍ତ୍ତୃପକ୍ଷ କ୍ୱିଣ୍ଟାଲ ପିଛା ମନଇଚ୍ଛା ଧାନ କାଟ କରୁଥିବା ବେଳେ କେବେ କେହି ଚାଷୀ ଏହାର ପ୍ରତିବାଦ କଲେ ମିଲର କର୍ତ୍ତୃପକ୍ଷ ସେମାନଙ୍କୁ ନାଲି ଆଖି ଦେଖାଇ ଧାନ ନନେବା ପାଇଁ ଧମକ ଦେଉଥିବା ଅଭିଯୋଗ ହେଉଛି । ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରୀ କରିବା ନିମନ୍ତେ ଏକାଧିକ ଚାଷୀଙ୍କ ନିକଟରେ ଟୋକନ ଖଣ୍ଡେ ନଥିବା ଜଣାପଡିଛି । ଫଳରେ ସଂପୃକ୍ତ ଚାଷୀମାନେ ଅଭାବୀ ଧାନ ବିକ୍ରୀର ଶିକାର ହେବାର ଆଶଙ୍କା ପ୍ରକାଶ ପାଇଛି । ସେହିପରି ସମସ୍ତ ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ପିଇବା ପାଣି ଠାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ମହଜୁଦ ରଖିବା ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ସହ ଚାଷୀମାନଙ୍କୁ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲେ ହେଁ ସମସ୍ତ ମଣ୍ଡିରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ସମବାୟ ସମିତି ଉପନିବନ୍ଧକ, ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ଧାନ ଦେବାକୁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ହଜାରହଜାର ଚାଷୀ ପରିବାର ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ମଣ୍ଡିରେ ଧାନ କ୍ରୟରେ ବ୍ୟାପକ ଅନିୟମିତତାକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଖଣ୍ଡପଡା ବ୍ଲକ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ଚେତାବନୀ ଦେଇଛନ୍ତି । ଅଭିଯୋଗ ସଂର୍ପକରେ ଖଣ୍ଡପଡା ବ୍ଲକ ଯୋଗାଣ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।



## ୧୦୯ ପ୍ରକଳ୍ପର ଭିତ୍ତିପ୍ରସ୍ତର: ମଝିଘରିଆଣୀ ମନ୍ଦିରକୁ ୩୭ କୋଟି

**ରାୟଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ଜିଲ୍ଲା ଆଜି ସାରା ରାଜ୍ୟ ପାଇଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ପାଲଟିଛି । ଏହି ଜିଲ୍ଲାରେ ୧୨,୭୮୩ଟି ଏସ୍‌ଏଚଜି ଜରିଆରେ ୧.୫୨ ଲକ୍ଷରୁ ଅଧିକ ମା ଓ ଭଉଣୀମାନେ ସଂଗଠିତ ହୋଇ ନିଜପାଇଁ ସୁନ୍ଦର ଭବିଷ୍ୟତ ଗଢୁଛନ୍ତି । ପୂର୍ବରୁ ଯେଉଁଠି ସୁଯୋଗର ଅଭାବ ଥିଲା, ମହିଳାମାନଙ୍କ ସକ୍ରିୟ ଯୋଗଦାନ ଫଳରେ ଆଜି ସେଠି ସମ୍ଭାବନାର ନୂଆ ଦ୍ୱାର ଖୋଲିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାୟଗଡା ଠାରେ ସୁଭଦ୍ରା ଶକ୍ତି ମେଳା ୨୦୨୬ ଉଦ୍‌ଘାଟନ ଅବସରରେ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ପାଇଁ ୬୦୦ କୋଟିରୁ ଊର୍ଦ୍ଧ୍ୱଟଙ୍କା ମୂଲ୍ୟର ୧୦୯ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୮୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର କରାଯାଇଛି । ଏସବୁ ପ୍ରକଳ୍ପ ମଧ୍ୟରେ ସଡକ, ସେତୁ, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ, ମହିଳା ସଶକ୍ତିକରଣ ଭଳି ଅନେକ ଭିତ୍ତିଭୂମି ଉନ୍ନୟନ ମୂଳକ ପ୍ରକଳ୍ପ ରହିଛି । ଏଥିସହିତ ୩୭ କୋଟି ଟଙ୍କା ବିନିଯୋଗରେ ମା ମଝିଘରିଆଣୀ ମନ୍ଦିରର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି ।

ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀ ଜିଲ୍ଲାର




ବିଧାୟକ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଦାବୀ ଅନୁଯାୟୀ ଜିଲ୍ଲାର ସମସ୍ତ ବ୍ଲକରେ ଖୁବ୍ ଶୀଘ୍ର ଇନ୍‌ଡୋର୍ ଷ୍ଟାଡିୟମ୍ କାମ ଆରମ୍ଭ ହେବ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ସୁଦୃଢ଼ୀକରଣ ହେବ ଏବଂ ରାୟଗଡାରେ ମେଡିକାଲ କଲେଜ୍ ସ୍ଥାପନ ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ, ବିଷମ-କଟକ ବିଧାୟକ ନୀଳମାଧବ ହିକ୍କା, ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଭାବକୁ ପ୍ରଶଂସା କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱରେ ଓଡିଶା ଆଜି ବିକାଶ ପଥରେ ଅଗ୍ରସର ହେଉଛି । ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଭିତ୍ତିଭୂମି ଆଦି ସମସ୍ତ କ୍ଷେତ୍ରରେ ବିକାଶ ପରିଲକ୍ଷିତ ହେଉଛି । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାୟଗଡା ଜିଲ୍ଲାର ଆହୁରି ବିକାଶ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ ।

ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ସଫଳତା ନିମନ୍ତେ ଜିଲ୍ଲା ପ୍ରଶାସନ ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁର, ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ଉପଜିଲ୍ଲାପାଳ ଗୁଣୁପୁର ଧୁଧାଳ ଅଭିଷେଖ ଦିଲ୍ଲୀପ, ଉପଜିଲ୍ଲାପାଳ ରକ୍ଷୟଗଡ଼, ରମେଶ କୁମାର ଜେନା, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀ ଅଧିକାରୀ, ପୋଲିସ ବିଭାଗ ଅଧିକାରୀ, ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ ।

## ରେଙ୍ଗାଲିରେ ଓଏଚପିସି ଇଣ୍ଟର ୟୁନିଟ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ

**ରେଙ୍ଗାଲି:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ୍ (ଓଏଚପିସି) ପକ୍ଷରୁ ୨୮ରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ରେଙ୍ଗାଲି ଡ୍ୟାମ୍ ସାଇଟ୍, ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ (ଆରଏଚଇପି) ଠାରେ ଇଣ୍ଟର ୟୁନିଟ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ-୨୦୨୬ ସଫଳତାର ସହ ଆୟୋଜନ କରାଯାଇଥିଲା । ଏହି ଚାରି ଦିନିଆ କ୍ରୀଡା ମହାସମାରୋହରେ ବିଭିନ୍ନ ଓଏଚପିସି ୟୁନିଟର କର୍ମଚାରୀଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ସୌହାର୍ଦ୍ଦ୍ୟ, କ୍ରୀଡାପ୍ରେମୀ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ସହିତ ଏହି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଥିଲା ।

ଏହି ଉଦଯାପନୀ ସମାରୋହରେ ପାଲଲହଡା, ଅନୁଗୁଳ ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟବକ୍ତା ଭାବରେ ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ପଦ), ଓଏଚପିସି, ଯୋଗ ଦେବା ସହିତ ସମ୍ମାନିତ ଅତିଥି ଭାବରେ କୈଳାସ ଚନ୍ଦ୍ର ସେଠି, ଓପିଏସ, ଏସଡ଼ିପିଓ, ପାଲଲହଡା ଏବଂ ଚିନ୍ମୟ ଦାସ, ଓଏଏସ, ତହସିଲଦାର, କଣିହା ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ଦେଇ, ଆରଏଚଇପିର ବରିଷ୍ଠ ମହାପ୍ରବନ୍ଧକ (ବିଦ୍ୟୁତ) ଏବଂ ୟୁନିଟ୍ ମୁଖ୍ୟ ସରୋଜ କୁମାର ବୋହିଦାର ଦଳଗତ କାର୍ଯ୍ୟ, ସୁସ୍ଥତା ଏବଂ ସଂଗଠନିକ ବନ୍ଧନକୁ ପ୍ରୋତ୍ସାହିତ କରିବାରେ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି, ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ପଦ) ଖେଳାଳିମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତତା ପାଇଁ ପ୍ରଶଂସା କରିଥିଲେ ଏବଂ ସଂଗଠନ ମଧ୍ୟରେ କ୍ରୀଡା କାର୍ଯ୍ୟକଳାପ ପାଇଁ ନିରନ୍ତର ଉତ୍ସାହକୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି, କୈଳାସ ଚନ୍ଦ୍ର ସେଠି ଏବଂ ଚିନ୍ମୟ ଦାସ, ଶାରୀରିକ ସୁସ୍ଥତା, ଶୃଙ୍ଖଳା ଏବଂ ଏକତାର ମୂଲ୍ୟ ଉପରେ ଗୁରୁତ୍ୱାରୋପ କରି ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ । ତାଙ୍କ ଭାଷଣରେ, ମୁଖ୍ୟ ଅତିଥି ଅଶୋକ ମହାନ୍ତି ସୂକ୍ଷ୍ମ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟକୁ ଏକ ମହାନ ସଫଳତା ପାଇଁ ଉଭୟ ଆୟୋଜକ ଏବଂ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ ।




## ଶରତ ଚନ୍ଦ୍ର-ବିନୟ ମେମୋରିଆଲ ଟ୍ରଫି: ଚାଉଳବସ୍ତ ଚାମ୍ପିଅନ୍

**ନିମାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଧଳେଶ୍ୱର ଖେଳ ପଡ଼ିଆରେ ୫୨ତମ ଶରତଚନ୍ଦ୍ର ଓ ବିନୟ ସ୍ମାରକୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅନୁଶାସନ ସଚିବ ସୁଧୀର ରଞ୍ଜନ ବରାଳ, ଯୁବନେତା ତଥା ବଳଙ୍ଗା ମଣ୍ଡଳ ବିଜେପି ସଭାପତି ଦେବାଶିଷ ଆଚାର୍ଯ୍ୟ, ପ୍ରେସକ୍ଲବ ସଭାପତି ତଥା ବିଶିଷ୍ଟ କ୍ରୀଡାବିତ ଅକ୍ଷୟ ବେହେରା, ଧଳେଶ୍ୱର ପଞ୍ଚାୟତ ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ଶିକ୍ଷାବିତ୍ ଚିନ୍ତାମଣି ବରାଳ, ଧଳେଶ୍ୱର ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଯୁବ ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବରାଳ ମଞ୍ଚ ପରିଚାଳନା କରିଥିଲେ । ରୁଦ୍ରାମ୍ବିକା କ୍ରିକେଟ କ୍ଲବ ଧଳେଶ୍ୱର ବନାମ ଚାଉଳବସ୍ତ କ୍ରିକେଟ କ୍ଲବ ମଧ୍ୟରେ ଉଦଯାପନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଧଳେଶ୍ୱର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୧୮୬ ରନ କରିଥିଲା । ୧୮୭ ରନର ପିଛାକରି ଚାଉଳବସ୍ତ ଟିମ ୧୭.୩ଟି ବଲରେ ବିଜୟଲକ୍ଷ ହାସଲକରି ପ୍ରଥମଥର ପାଇଁ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା । ବିଜେତା ଦଳକୁ ୧୫୦୦୧ ଟଙ୍କାର ନଗଦ ଅର୍ଥରାଶି ଓ ଟ୍ରଫି ଏବଂ ଉପବିଜେତା ଦଳକୁ ୧୦୦୦୧ ଟଙ୍କା ଓ ଟ୍ରଫି ପ୍ରଦାନ କରଯାଇଥିଲା । ବିଜେତା ଦଳର ଚନ୍ଦନ ୩୧ଟି ବଲରୁ ୬୬ରନ ସଂଗ୍ରହକରି ଅପରାଜିତ ରହି ମ୍ୟାଚ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ପୁରା ଶୃଙ୍ଖଳାରେ ଉଭୟ ବ୍ୟାଟିଂ ଆଉ ବୋଲିଂରେ ଉନ୍ନତ ଖେଳ ପ୍ରଦର୍ଶନ କରି ଧଳେଶ୍ୱରର ମାନସ ଦାସ ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ । ବାଦଲ ଦାସ ଓ ପ୍ରସନ୍ନ ଦାସ ମ୍ୟାଚ ପରିଚାଳନା କରୁଥିବା ବେଳେ ସୋନୁ ଓ ରାହୁଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଲାଲଟୁ, ବବୁଲ, କରନ, ବାବୁନି, ରାମ, ବିଶାଲ ପ୍ରମୁଖ ମ୍ୟାଚରେ ସହଯୋଗ କରିଥିଲେ ।

## ବାଇପାସ୍ ରାସ୍ତା ଅଧାପନ୍ତରିଆ: ଟ୍ରାଫିକ ସମସ୍ୟା ଉତ୍କଟ

**ପଟ୍ଟାମୁଣ୍ଡାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ପୌରାଂଚଳର ଜନସଂଖ୍ୟା ଓ ଯାନବାହନ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି । ଫଳରେ ଅଧିକାଂଶ ମୁଖ୍ୟ ସଡ଼କ ଗାଡ଼ି ମୋଟରରେ ଉଛୁଳି ପଡୁଥିବା ବେଳେ ଘଂଟା ଘଂଟା ଯାନବାହନ ଅଟକି ରହୁଛି । ପୂଜା ପର୍ବପର୍ବାଣୀ ବେଳେ ଆଣ୍ଟେଇ ପଡୁଛି ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା ଜନସାଧାରଣ ଦହଗ ହେଉଛନ୍ତି । ଅବୈଧ ପାର୍କିଂ ଓ ଠେଲା ବେପାରୀଙ୍କ ପାଇଁ ରାସ୍ତା ସଂକୁଚିତ ହେଉଛି । ବଡ଼ ବଡ଼ ସପିଂ ମଲ୍ ଓ ଦୋକାନ ବଜାର ଥିବା ଏହି ସବୁ ରାସ୍ତା ଠପ୍ ହୋଇଯାଉଛି । ଘଂଟା ଘଂଟା ଅଟକି ରହୁଛି ଯାନବାହନ । ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଗାଡ଼ି ବି ଫସୁଛି । ଗୋଟିଏ ପଟେ ପ୍ରଦୂଷଣ ଓ ସଡ଼କ ସୁରକ୍ଷା ନାଁରେ ପରିବହନ ବିଭାଗ କଟକଣା ଓ ଜରିମାନା ଲଗାଇ ଚାଲିଥିବା ବେଳେ ଟ୍ରାଫିକ୍ ଜାମ୍ ଯୋଗୁ ଘଂଟା ଘଂଟା ଗାଡ଼ି ଅଟକି ରହୁଛି । ଅନ୍ୟପକ୍ଷରେ ସ୍ପିଡ ବାଇକ ଧାରିଙ୍କ ଉତ୍ପାତକୁ ପ୍ରଶାସନ ଆଖି ବୁଜିଦେଇଛି । ଫଳରେ ଦୁର୍ଘଟଣା ବଢୁଛି । ଏଣୁ ସହରର ସବୁଠାରୁ ବ୍ୟସ୍ତବହୁଳ ଅଂଚଳ ଭାବେ ପରିଚିତ ବିଜୁ ପଟ୍ଟନାୟକ ଛକ ଓ ବାଲିପଡ଼ା ସ୍କୁଲ ଛକ ନିକଟରେ ସ୍ପିଡ଼ ବ୍ରେକର ଲଗାଇବା ପାଇଁ ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି ।

ସାମାଜିକକର୍ମୀ ଅକ୍ଷୟ ସାହୁ କୁହନ୍ତି ପଟ୍ଟାମୁଣ୍ଡାଇ ସହରର ସବୁଠାରୁ ବ୍ୟସ୍ତବହୁଳ ଅଂଚଳ ଭାବେ ପଟ୍ଟାମୁଣ୍ଡାଇ ନୂତନ ବାଇପାସ ବିଜୁ ପଟନାୟକ ଛକ ରହିଛି ଓ ଏହି ତ୍ରିକୋଣମୁଖୀ ଛକ ପ୍ରତ୍ୟହ ଶହ ଶହ ଯାନବାହନ ଚାକଚଳ କରିବା ସାଙ୍ଗକୁ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି । ଏହି ରାସ୍ତା ଦେଇ ଲୋକମାନେ ବିଭିନ୍ନ ଯାନବାହନ ସାହାଯ୍ୟରେ କେନ୍ଦ୍ରାପଡ଼ା କଟକ ଭୁବନେଶ୍ୱର ସମେତ ଓଡିଶାର ବିଭିନ୍ନ ଅଂଚଳକୁ ଯାତାୟାତ କରିବା ସହିତ ଆଳି ରାଜକନିକା ଚାନ୍ଦବାଲି ପର୍ଯ୍ୟନ୍ତ ଯାତାୟାତ କରନ୍ତି । ସେହିପରି ପଟ୍ଟାମୁଣ୍ଡାଇର ପ୍ରବେଶ ଦ୍ୱାର ହୋଇଥିବାରୁ ପଟ୍ଟାମୁଣ୍ଡାଇ ରାଜନଗର ଓ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଅଂଚଳକୁ ମଧ୍ୟ ଯାତାୟାତ କରିଥାନ୍ତି । ଏହା ଛଡା ପଟ୍ଟାମୁଣ୍ଡାଇ, ଚୌଦକୁଲାଟ ଓ ଇନ୍ଦୁପୁର, ଦାଣ୍ଡିସାହି, ଅଳପୁଆ ଓ ବରୀ ଅଂଚଳକୁ ଯାତାୟାତ କରୁଛନ୍ତି । ଏଭଳି ସଦା ବ୍ୟସ୍ତବହୁଳ ଗୁରୁତ୍ୱପୂର୍ଣ୍ଣ ଛକରେ ଟ୍ରାଫିକ ପୋଲିସ ବ୍ୟବସ୍ଥା ନଥିବାରୁ ଉତ୍କଟ ଟ୍ରାଫିକ ସମସ୍ୟା ଦେଖା ଦେଉଛି । ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ସେହିପରି ପଟ୍ଟାମୁଣ୍ଡାଇ ପୌରାଂଚଳର ବାଲିପଡ଼ା ସ୍କୁଲ ଛକ ନିକଟରେ ଅନୁରୂପ ଉତ୍କଟ ଟ୍ରାଫିକ ସମସ୍ୟା ଦେଖା ଦେଇଛି। ଯାହାଫଳରେ ବିଭିନ୍ନ ଯାନବାହନ ଚଳାଚଳ ଓ ସାଧାରଣ ଲୋକମାନେ ଯାତାୟାତ ସମୟରେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପଟ୍ଟାମୁଣ୍ଡାଇ ନୂତନ ବାଇପାସ ବିଜୁ ପଟ୍ଟନାୟକ ଛକ ଓ ବାଲିପଡ଼ା ସ୍କୁଲ ନିକଟରେ ସ୍ପିଡ଼ ବ୍ରେକର ଲଗାଇବା ପାଇଁ ବହୁ ଯୁବନେତା ପରେଶ ସାହୁ ସମେତ ବୁଦ୍ଧିଜିବୀମାନେ ଦାବି କରିଛନ୍ତି ।

ଆଇନଜୀବୀ ଶତ୍ରୁଜିତ ନାୟକ କୁହନ୍ତି ପଟ୍ଟାମୁଣ୍ଡାଇ ସହରର ବିଶେଷତଃ, ବିଜୁପଟ୍ଟନାୟକ ଛକ, ବାଇପାସ, ବାଲିପାଡା ସ୍କୁଲ ଛକ, ମେଡିକାଲ ଛକ, କଲେଜ ଛକ, ବକ୍ତାରପୁର ଛକ, ଏମଏନ ହାଇସ୍କୁଲ-ମହିଳାକଲେଜ ଛକ୍, ପୋଖରିଆପଡା ଛକ ବ୍ୟସ୍ତବହୁଳ ଜନପଥ ହୋଇଥିବା ବେଳେ ଦୈନିକ ଶତାଧିକ ଗାଡି ମୋଟର ଯାଏଆସ କରୁଛି । ମେଡିକାଲ ଛକରୁ ବକ୍ତାରପୁର ପର୍ଯ୍ୟନ୍ତ ୬ଟି ଘରୋଇ ଓ ସରକାରୀ ସ୍କୁଲ ଓ କଲେଜ ଥିବା ବେଳେ ଛାତ୍ରଛାତ୍ରୀ ଯିବାସିଆ କରନ୍ତି । ସ୍କୁଲ ଗାଡି ଟ୍ରାଫିକରେ ଫସି ରହିବା ହେତୁ ଠିକ ସମୟରେ ଛାତ୍ରାଛାତ୍ର ବିଦ୍ୟାଳୟରେ ପହଁଚିପ୍ରାରୁ ନାହାନ୍ତି । ଏହି ରାସ୍ତା ଦେଇ ପର୍ଯ୍ୟଟନ ସ୍ଥଳ ଭିତରକନିକା ପ୍ରବେଶପଥ ହୋଇଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହାକୁ ଦୃଷ୍ଟିରେ ରଖି ବିକଳ୍ପରେ ବାଇପାସ ରାସ୍ତା ନିର୍ମାଣ କରାଯାଉଛି । କିନ୍ତୁ କାମ ସରିବା ଅବଧିରୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥଲେ ବି ପ୍ରଶାସନିକ ଅବହେଳାରୁ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ଅନ୍ୟପକ୍ଷରେ ଏଠାରେ ଏଡିଜେ କୋର୍ଟ ସହ ୪ଟି କୋର୍ଟ, ବ୍ଲକ, ପୌରପରିଷଦ, ଉପଖଣ୍ଡ ଡାକ୍ତରଖାନା, ଅନେକ ସବ-ଡିଭିଜନାଲ ଅଫିସ ଥିବାରୁ ବିଭିନ୍ନ କାର୍ଯ୍ୟରେ ଦୈନିକ ଲୋକେ ଆସନ୍ତି । ଟ୍ରାଫିକ ସମସ୍ୟାକୁ ଦେଖି ବାଇପାସ ଠାରୁ-ମେଡିକାଲ ଛକ ଭିଡ଼ କମାଇବାକୁ ଉଠା ଦୋକାନୀ ଉଚ୍ଛେଦ କରାଯାଇଥିଲା । ହେଲେ ଟ୍ରାଫିକ ସମସ୍ୟା ଯେପରିଥିଲା ସେପରି ରହୁଛି । ଟ୍ରାଫିକ୍ ସମସ୍ୟା ଉତ୍କଟ ହେବା ପଛରେ ବିଭାଗ ମଧ୍ୟରେ ସମନ୍ୱୟ ନରହିବା ଜନସାଧାରଣ ଦାୟୀ କରିଛନ୍ତି ।

## ମଡର୍ଣ୍ଣ ଟ୍ୟୁଟୋରିଅଲରେ ପୁରସ୍କାର ବିତରଣ

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମା ସ୍ଥିତ ମଡ଼ର୍ଣ୍ଣ ଟ୍ୟୁଟୋରିଆଲର ମେଧାବୀ ଛାତ୍ରଛାତ୍ରୀମାନଙ୍କ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରତିଷ୍ଠାତା ସୌମ୍ୟରଞ୍ଜନ ନାଥଶର୍ମା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଅତିଥିଭାବେ ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା, ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ କୋଚିଙ୍ଗ ସେଣ୍ଟର୍ ଅଧକ୍ଷ ଜାନକୀ ବଲ୍ଲଭ ମହରଥା ଓ ଟ୍ୟୁଟୋରିଆଲ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ସେଠୀ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନେ ଆତ୍ମ ବିଶ୍ୱାସ ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପରୀକ୍ଷାରେ ଉତ୍ତମ ଫଳାଫଳ ପ୍ରଦର୍ଶନ କରିଥିବା ମେଧାବୀ ବିଦ୍ୟାର୍ଥୀ ମାମିନା ରାଉତ, ବର୍ଷାରାଣୀ ଜେନା ଓ ଅର୍ଚ୍ଚିତା ନାୟକ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ । ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରଗତି ପତ୍ର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଅଭିଭାବକ ଓ ସ୍ଥାନୀୟ ବହୁ ବ୍ୟକ୍ତିଙ୍କ ସହ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.1214, date-04-03-2025. I Santosi Pradhan, W/O- Susanta Kumar Pradhan, Vill- Rajpur, Post- Keraragarh, P.S.- Rajnagar, Dist- Kendrapara, State- Odisha, PIN-754246, declare that, I have changed my name from Santosi Sahu to Santosi Pradhan. Henceforth, I shall be known as Santosi Pradhan for all purposes.

S/d- Santosi Pradhan.

ଓଡ଼ିଶା ଏକ୍ସପ୍ରେସ୍
କେନ୍ଦ୍ରାପଡ଼ା | 3rd February, 2026 Tuesday | RNI Regd. No. ODIODI/2009/28880

## ଅସନ୍ତୁଷ୍ଟ ପତି

ପତିଦେବ ସକାଳର ଜଳଖିଆ ପାଟିରେ ଦେବା ପରେ ବିରକ୍ତିର ସହିତ ପତ୍ନୀଙ୍କୁ ପଚାରିଲେ- ଏ ହାଲୁଆରେ ମିଠା କାହିଁ ?

ପତ୍ନୀ କହିଲେ- ମୁଁ ପରା ତୁମକୁ ଉପମା ଦେଇଛି ! ସେଥିରେ ମିଠା ଆସିବ କୁଆଡୁ ?

ଏବେ ପତିଦେବ କହିଲେ- ତା'ହେଲେ ସେଇଟା ଏତେ ଲୁଣିଆ ଲାଗୁଛି କାହିଁକି ?




# ଓଡ଼ିଶାର ଋଣ ୨୫ବର୍ଷରେ ବଢ଼ିଛି ୬.୪ ଗୁଣ

**ଭୁବନେଶ୍ୱର,୨।୨**
**ତଥ୍ୟ**

ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଓଡ଼ିଶା ସରକାରଙ୍କ ଋଣବୋଝ ୧,୩୪,୯୧୩ କୋଟି ଟଙ୍କାରୁ ଅଧିକ ହୋଇପାରେ। ବର୍ଷକୁ ବର୍ଷ ଓଡ଼ିଶାର ଋଣବୋଝ ବଢ଼ି ଚାଲୁଥିଲେ ମଧ୍ୟ ଋଣବୋଝ ଏଫଆରବିଏମ୍ ଆଇନ୍ ଆଧାରରେ ଜିଏସ୍‌ଡିପିର ୨୫ ପ୍ରତିଶତ ସୀମା ଭିତରେ ରହୁଛି।

ସରକାରୀ ତଥ୍ୟ ମୁତାବକ ୧୯୯୫-୯୬ ବର୍ଷ ବେଳକୁ ଓଡ଼ିଶାର ଋଣ ଭାର ୯,୨୧୮.୫୦ କୋଟି ଥିବାବେଳେ ୨୦୦୦-୦୧ ବର୍ଷ ବେଳକୁ ଏହା ବଢ଼ି ବଢ଼ି ୨୧,୦୦୧ କୋଟି ୮୮ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ୨୦୧୩-୧୪ ଆର୍ଥିକ ବର୍ଷ ଶେଷ ବେଳକୁ ଓଡ଼ିଶାର ଋଣବୋଝ ୩୮,୬୬୬ କୋଟି ୨୪ଲକ୍ଷ ଟଙ୍କା ଥିବାବେଳେ ୨୦୨୩-୨୪ ବେଳକୁ ରାଜ୍ୟର ଋଣବୋଝ ୧୦୬,୩୧୦ କୋଟି ୪୦ଲକ୍ଷ ଟଙ୍କା। ତେବେ ପ୍ରଥମଥର ପାଇଁ ୨୦୨୫-୨୬ ବର୍ଷରେ ରାଜ୍ୟର ଋଣବୋଝ ଲକ୍ଷ କୋଟି ଟଙ୍କା ସୀମା ଟପିବାକୁ ଯାଉଛି।

ଅର୍ଥ ବିଭାଗରେ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଦେଇଥିବା ତଥ୍ୟ ମୁତାବକ ୨୦୨୫ ଅକ୍ଟୋବର ସୁଦ୍ଧା ଓଡ଼ିଶାର ଋଣବୋଝ ୧ଲକ୍ଷ ୨୬ ହଜାର କୋଟି ଟଙ୍କା ଥିଲା। ୨୦୨୫-୨୬ ବର୍ଷର ବଜେଟ୍ ଅଟକଳ ଅନୁଯାୟୀ ରାଜ୍ୟର ଋଣ ଭାର ୧,୩୪,୯୧୩ କୋଟି ୮୪ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି।

ମୋଟାମୋଟି ଭାବେ ରାଜ୍ୟର ମୁଣ୍ଡପିଛା ଋଣ ବୋଝ ୨୦୨୩-୨୪ ବର୍ଷରେ ୨୦୭୩୬ ଟଙ୍କା ଥିବାବେଳେ ଏହା ୨୦୨୪-୨୫ ବର୍ଷରେ ୨୫୯୮୦ ଟଙ୍କା ୩୭ ପଇସାକୁ ବୃଦ୍ଧି ପାଇଛି। ୨୦୨୪-୨୫ ବର୍ଷରେ ସରକାର ୨୨୪୨୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ସୁଝିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୨୩,୨୦୦ କୋଟି ଟଙ୍କା ଋଣ ସୁଝିବାର ଲକ୍ଷ୍ୟ ରଖିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ଏବେ ଓଡ଼ିଶାର ବଜେଟ୍ ୩ଲକ୍ଷ କୋଟି ଟଙ୍କା ଟପୁଛି।

ତେବେ ଓଡ଼ିଶା ପାଇଁ ଆଶ୍ୱାସନାର ବିଷୟ ଯେ ପୂର୍ବରୁ ବହୁ ସମୟରେ ରାଜ୍ୟ ସରକାରଙ୍କୁ ଓଭରଡ୍ରାଫ୍ଟ କରି ବ୍ୟାଙ୍କମାନଙ୍କରୁ ଅଗ୍ରୀମ ଟଙ୍କା ଉଠାଇବାକୁ ପଡୁଥିବାବେଳେ ଏବେ ଅବଶ୍ୟ କିଛିବର୍ଷ ଧରି ସରକାରଙ୍କୁ ଓଭରଡ୍ରାଫ୍ଟ କରିବାକୁ ପଡୁନାହିଁ। ଓଡ଼ିଶାକୁ ଆର୍ଥିକ ସହାୟତା ଦେଉଥିବା ବିଶ୍ୱବ୍ୟାଙ୍କ ଭଳି କେତେକ ସଂସ୍ଥାଙ୍କ ପରାମର୍ଶକ୍ରମେ ଗତ ଶତାବ୍ଦୀର ୯୦ ଦଶକରେ ରାଜ୍ୟ ସରକାର ମିତବ୍ୟୟିତା ନୀତି ଅବଲମ୍ବନ କରିଥିଲେ ଏବଂ ଏ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହିତ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ତଦନୁଯାୟୀ ବହୁ ସରକାରୀ ପଦପଦବୀ ଉଚ୍ଛେଦ କରାଯିବା ସହିତ ନୂଆ ନିଯୁକ୍ତି ଉପରେ କଟକଣା ଜାରି ହୋଇଥିଲା। ଏହାଛଡ଼ା ଆଉ ଅନେକ କ୍ଷେତ୍ରରେ ସରକାରୀ କଳ ମିତବ୍ୟୟିତା ଅବଲମ୍ବନ କରିବା ପାଇଁ ବି ବାରମ୍ବାର ମାର୍ଗଦର୍ଶିକା ଜାରି ହୋଇଥିଲା। ଏଠାରେ ଉଲ୍ଲେଖନୀୟ ଯେ ୨୦୨୩ ଶେଷ ବେଳକୁ ଓଡ଼ିଶାରେ ୨ଲକ୍ଷରୁ ଅଧିକ ସରକାରୀ ଚାକିରି ଖାଲି ପଡ଼ିଥିବା ବାର୍ଷିକ ଏସ୍ଟାବ୍ଲିସମେଣ୍ଟ ରିଭ୍ୟୁ ତଥ୍ୟରୁ ଜଣାପଡିଥିଲା। ୨୦୨୪-୨୫ ବର୍ଷରେ ଯେତେ ସଂଖ୍ୟକ ନିଯୁକ୍ତି ଦିଆଯାଇଛି ତାହା ତୁଳନାରେ ଅବସର ଗ୍ରହଣ କରିଥିବା ଏବଂ ବୃତ୍ତି ଓ ଅନ୍ୟାନ୍ୟ କାରଣରୁ ଚାକିରି ଛାଡ଼ିଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍ ନୁହେଁ। ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ ଖଣି, ଅବକାରୀ ରାଜସ୍ୱ, ବାଣିଜ୍ୟ କର, ଜିଏସ୍‌ଟି ଆଦିରୁ ରାଜ୍ୟ ପ୍ରମୁଖ ରାଜସ୍ୱ ପାଉଥିବାବେଳେ କେନ୍ଦ୍ରୀୟ ଅନୁଦାନ ଉପରେ ବହୁମାତ୍ରାରେ ନିର୍ଭରଶୀଳ ହେବାକୁ ବାଧ ହେଉଛି। ଏ ପରିପ୍ରେକ୍ଷୀରେ ବେକାରୀ ଓ ବେରୋଜଗାରୀ ଓଡ଼ିଶା ପାଇଁ ପ୍ରମୁଖ ସମସ୍ୟା ହୋଇ ରହିଛି।




## ଅଧିକାରୀ ନା ଏଜେଣ୍ଟ ?

# ପୂର୍ବ ସରକାରକୁ ଜିଲାପାଳଙ୍କ କଟାକ୍ଷ



**ଭୁବନେଶ୍ୱର,୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁବର୍ଣ୍ଣପୁର ଜିଲାପାଳ ନୃପରାଜ ସାହୁଙ୍କ ବୟାନକୁ ନେଇ ଓଡ଼ିଶା ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ରବିବାର ସୁବର୍ଣ୍ଣପୁରରେ 'ସୁଭଦ୍ରା ଶକ୍ତି ମେଳା' ଶୁଭାରମ୍ଭ ହୋଇଥିଲା। ଏଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଜିଲାପାଳ ପରୋକ୍ଷରେ ପୂର୍ବ ବିଜେଡି ସରକାରଙ୍କୁ ଟାର୍ଗେଟ କରିଥିଲେ। ନୂଆ ସରକାରରେ ପ୍ରଶାସନିକ ସଂସ୍କୃତିରେ ଆସିଥିବା ପରିବର୍ତ୍ତନ ବିଷୟରେ ମତ ରଖିଥିଲେ। ଏହାକୁ ନେଇ ବିରୋଧୀ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଜିଲାପାଳଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ସୋନପୁରରେ ଆୟୋଜିତ ଏହି ସରକାରୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ବେଳେ ଜିଲାପାଳ ଡକ୍ଟର ନୃପରାଜ ସାହୁ କହିଥିଲେ ଯେ, "ଦିନ ଥିଲା ଶାସକଙ୍କୁ ଦେଖି ହେଉନଥିଲା, କଥା ହୋଇ ହେଉନଥିଲା କିମ୍ବା ଛୁଇଁ ହେଉନଥିଲା। ସେହି 'ଟଚ୍ ମି ନଟ୍, ସିକ୍ ମି ନଟ୍, ସି ମି ନଟ୍' ସଂସ୍କୃତିକୁ ବର୍ତ୍ତମାନର ସରକାର ଉପାଡ଼ି ଫିଙ୍ଗିଛନ୍ତି।" ଜିଲାପାଳଙ୍କ ଏହି ମନ୍ତବ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ ପ୍ରତି ଏକ କଟାକ୍ଷ ବୋଲି ଚର୍ଚ୍ଚା ହେଉଛି। ଏହି ବୟାନକୁ ନେଇ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଜିଲାପାଳଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ, ଜିଲାପାଳ କ'ଣ ଭଜାପରେ ଯୋଗ ଦେଇଛନ୍ତି ? ସେ ଜଣେ ସରକାରୀ ଅଧିକାରୀ ନା କୌଣସି ରାଜନୈତିକ ଦଳର ଏଜେଣ୍ଟ ଭାବେ କାମ କରୁଛନ୍ତି ? ମୁଖ୍ୟମନ୍ତ୍ରୀଙ୍କୁ ଖୁସି କରିବା ପାଇଁ ଜିଲାପାଳ ନିଜର ସାମ୍ବିଧାନିକ ମର୍ଯ୍ୟାଦା ଭୁଲି ଏପରି ରାଜନୈତିକ ବୟାନ ଦେଉଛନ୍ତି। ଯଦି ସେ ରାଜନୀତି କରିବାକୁ ଚାହୁଁଛନ୍ତି, ତେବେ ଚାକିରିରୁ ଇସ୍ତଫା ଦେଇ ମଇଦାନକୁ ଆସନ୍ତୁ ବୋଲି ଦଳ ଚ୍ୟାଲେଞ୍ଜ କରିଛି। ଏହି ଘଟଣା ଏବେ ପ୍ରଶାସନିକ ନିରପେକ୍ଷତାକୁ ନେଇ ଏକ ବଡ଼ ବିତର୍କ ସୃଷ୍ଟି କରିଛି।

# ବଦଳିଲେ ବିଡିଓ: ରାଜନଗର ବ୍ଲକକୁ ପଡିଛି ଶନିଦଶା !

**ରାଜନଗର,୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବିଜେଡି ସରକାର ପତନ ପରେ ବିଜେପି ନୂତନ ଭାବେ ସରକାରକୁ ଆସିଲା। ମାତ୍ର ଏହା ଲୋକଙ୍କ ସରକାର ଘୋଷଣା କରିବା ପରେ ଲୋକେ ବୁଝିବା ଆଗରୁ ବିଡିଓମାନଙ୍କର ବାରମ୍ବାର ବଦଳି ଯୋଗୁଁ ରାଜନଗର ବ୍ଲକକୁ ଶନି ଦଶା ଗ୍ରାସ କରିଛି ବୋଲି ଚର୍ଚ୍ଚା ହେଉଛି। ବର୍ଷଟିଏ ନପୁରୁଣୁ ଜଣକ ପରେ ଜଣେ ବିଡିଓ ବଦଳି ହେବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ୨୦୨୪ ମସିହା ଅକ୍ଟୋବର ମାସଠାରୁ ୨୦୨୬ ଫେବୃୟାରୀ ୨ତାରିଖ ସୁଦ୍ଧା ବର୍ଷେ ୩ମାସ ମଧ୍ୟରେ ୭ଜଣ ବିଡିଓଙ୍କର ବଦଳି ହୋଇଛି। ୨୦୨୩ ଜୁଲାଇ ୧୦ତାରିଖରେ ବିଡିଓ ନିଶାନ ମିଶ୍ର ଯୋଗଦେଇଥିଲେ। ୨୦୨୪ ଅକ୍ଟୋବର ୩୦ତାରିଖ ଦିନ ଶ୍ରୀ ମିଶ୍ରଙ୍କର ବଦଳି ହୋଇଥିଲା। ବିଡିଓଙ୍କ ପଦବୀ ଖାଲି ପଡିବାରୁ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ ୨୦୨୪ ନଭେମ୍ବର ୬ତାରିଖ ପର୍ଯ୍ୟନ୍ତ କାମଚଳା ବିଡିଓ ଭାବେ ଦାୟିତ୍ୱରେ ରହିଲେ। ଏହାପରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ୨୦୨୫ ଜାନୁୟାରୀ ୧୦ତାରିଖ ପର୍ଯ୍ୟନ୍ତ କାମଚଳା ବିଡିଓ ଦାୟିତ୍ୱ ନେଇଥିଲେ। ସେହି ମାସ ୧୦ତାରିଖ ଦିନ ଶୋଭନ ଶ୍ରୀତମ ପଣ୍ଡା ସ୍ଥାୟୀ ବିଡିଓ ଭାବେ ଯୋଗଦେବାରୁ ତାଙ୍କୁ ୨୦୨୫ ମସିହା ମାର୍ଚ୍ଚ ମାସ ୨୫ତାରିଖରେ ବଦଳି ହେବା ପରେ ରବିନାରାୟଣ ଆଚାର୍ଯ୍ୟ କାମଚଳା ବିଡିଓ ଭାବେ ଦାୟିତ୍ୱ ନେଇଥିଲେ। ଶ୍ରୀ ଆଚାର୍ଯ୍ୟ ୨୦୨୫ ଜୁନ ୨ତାରିଖ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବା ପରେ କେନ୍ଦ୍ରାପଡା ବ୍ଲକର ଅତିରିକ୍ତ ବିଡିଓ ଅନିରୁଦ୍ଧ ବେହେରା କାମଚଳା ବିଡିଓ ଦାୟିତ୍ୱ ଗ୍ରହଣ କଲେ। ସେ ୨୦୨୫ ଡିସେମ୍ବର ୧ତାରିଖ ପର୍ଯ୍ୟନ୍ତ ରହିବା ପରେ ସ୍ଥାୟୀ ବିଡିଓ ଭାବେ ସେହିଦିନ ତିଳୋତମା ପୃଷ୍ଟି ଯୋଗଦେଇଥିଲେ। ୨୦୨୬ ମସିହା ଜାନୁୟାରୀ ୨ତାରିଖ ଦିନ ବିଜେପି ନେତା ଲଳିତକୁମାର ବେହେରା କର୍ମୀଙ୍କ ସହ ନୂତନ ବର୍ଷର ସମ୍ବର୍ଦ୍ଧନା ଜଣାଇବାକୁ ଯାଇଥିଲା। ସେଠାରେ ବିଡିଓ ଶ୍ରୀମତୀ ପୃଷ୍ଟିଙ୍କ ସହ ବିଜେପି ନେତା ଶ୍ରୀ ବେହେରାଙ୍କ ସହିତ ଯୁକ୍ତିତର୍କ, କଥା କଟାକଟି ଓ ଗଣ୍ଡଗୋଳ ଉପୁଜିବା ପରେ ଏହା ରାଜନୈତିକ ରୂପ ନେଇ ସମଗ୍ର ରାଜ୍ୟରେ ତୁମ୍ବିତୋଫାନ ହୋଇଥିଲା। ସବୁଠାରୁ ବଡକଥା ହେଲା, ବିଡିଓ ଶ୍ରୀମତୀ ପୃଷ୍ଟି ଏନେଇ କୌଣସି ଅଭିଯୋଗ କରିନଥିଲେ କିମ୍ବା ମୁହଁ ନଖୋଲି ଛୁଟିରେ ଚାଲି ଯାଇଥିଲେ। ଏହାକୁ କେନ୍ଦ୍ରକରି ବିରୋଧି ଦଳ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଅଚଳ କରିଦେଇଥିବା ବେଳେ ଶ୍ରୀମତୀ ପୃଷ୍ଟି ଚୁପଚାପ ଆସି କାର୍ଯ୍ୟରେ ଯୋଗଦେବା ପରେ ପରିସ୍ଥିତି ଶାନ୍ତ ପଡି ଯାଇଥିଲା। ଗଣ୍ଡଗୋଳର ମାସକ ପରେ ବିଡିଓ ଶ୍ରୀମତୀ ପୃଷ୍ଟିଙ୍କର ମାହାଙ୍ଗା ବ୍ଲକକୁ ବଦଳି ହେବା ପରେ ତାଙ୍କ ପଦବୀରେ କାହାକୁ ନିଯୁକ୍ତି ଦିଆଯାଇନଥିବା ପଚାଂୟତରାଜ ପାନୀୟଜଳ ବିଭାଗ ଚିଠି ନଂ- ୩୦୩୨/ ତା ୨.୨.୨୦୨୬ରିଖରୁ ଜଣାପଡିଛି। ରାଜନଗର ବ୍ଲକ ୨୯ଟି ପଚାଂୟତକୁ ନେଇ ଗଠିତ। ଘନଘନ ବିଡିଓ ବଦଳି ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟ ବାଧା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଡିଓ ନିଶାନ ମିଶ୍ରଙ୍କ ସହ ମୋଟ ୭ଜଣ ବିଡିଓ ବଦଳି ହୋଇଥିବାରୁ ବ୍ଲକରେ ଏକ ପ୍ରକାର ସ୍ଥାଣୁ ଅବସ୍ଥା ଦେଖାଦେଇଛି। ସ୍ଥାୟୀ ବିଡିଓ ତିନିଜଣଙ୍କ ସହ କାମଚଳା ବିଡିଓ ୪ଜଣ ରହିବା ଘଟଣା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଦୁହୁରିଆରେ ଅଣ୍ଡରପାସକୁ ନେଇ ଜନଅସନ୍ତୋଷ

**କେନ୍ଦ୍ରାପଡ଼ା,୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଦୁହୁରିଆ ନିକଟରେ ଦୁଇଟି ଅଣ୍ଡରପାସ ନିର୍ମାଣ କରିବାକୁ ଯୋଜନା ହୋଇଥିବା ବେଳେ ଠିକାସଂସ୍ଥା ଗୋଟିଏ ଅଣ୍ଡରପାସ ନିର୍ମାଣ କରି ଚୁପ ହୋଇ ବସିଛି। ଏହାଦ୍ୱାରା ଭବିଷ୍ୟତରେ ବହୁ ଦୁର୍ଘଟଣା ଘଟିବ। ଯେଉଁଥିରେ ଅନେକ ଲୋକଙ୍କ ପ୍ରାଣହାନୀ ଘଟିବ। ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ହୃଦୟଙ୍ଗମ କରି ଠିକାସଂସ୍ଥା ସହ ବାରମ୍ବାର ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ ସୁଧା ଠିକାସଂସ୍ଥା ଏହାକୁ କର୍ଣ୍ଣପାତ କରୁନାହିଁ। ଏହାକୁ ନେଇ କେନ୍ଦ୍ରାପଡାର ବୁଦ୍ଧିଜିବୀମାନେ ଜାତୀୟ ରାଜପଥର ଆଞ୍ଚଳିକ କର୍ତ୍ତୃପକ୍ଷଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ ରହିଛି ଠିକାସଂସ୍ଥା ଦୁଇଟି ଅଣ୍ଡରପାସ ନିର୍ମାଣ କରିବେ ବୋଲି କହିବାରୁ ସ୍ଥାନୀୟ ଦୋକାନୀମାନେ କ୍ୟାବିନ ଉଠାଇ ଦେଇଥିଲେ। ସ୍ଥାନୀୟ ଯୁବକମାନେ ନିଜର ପେଟପାଟଣା କଥାକୁ ଅଗ୍ରାଧିକାର ନଦେଇ ସାମାଜିକ ମଙ୍ଗଳ କଥା ଚିନ୍ତାକଲେ। କିନ୍ତୁ ଠିକାସଂସ୍ଥା ନିଜର କର୍ତ୍ତବ୍ୟ ଭୁଲିଗଲା। ଗୋଟିଏ ଅଣ୍ଡରପାସ ନିର୍ମାଣ ହୋଇଥିବାରୁ ଗାଡି ମଟର ଗୁଡିକ ଚାନ୍ଦବାଲିରୁ କେନ୍ଦ୍ରାପଡା ଦେଇ କଟକ ଯିବା ସୁବିଧା ହେବ। କିନ୍ତୁ କଟକରୁ ଯେଉଁ ଗାଡି ମଟର ଗୁଡିକ କେନ୍ଦ୍ରାପଡା ଦେଇ ଚାନ୍ଦବାଲି ଅଭିମୁଖେ ଯିବ ସେଥିପାଇଁ ଆଉ ଏକ ଅଣ୍ଡରପାସ ନିର୍ମାଣର ଆବଶ୍ୟକତା ରହିଛି। ଆଉ ଏକ ଅଣ୍ଡରପାସ ନିର୍ମାଣ ନହେଲେ କଟକରୁ ଆସୁଥିବା ଗାଡିମଟର ଗୁଡିକ ଦୁର୍ଘଟଣାର ସମ୍ମୁଖୀନ ହେବ। ଏଠାରେ ସୂଚନା ଯୋଗ୍ୟ ଯେ କଟକ-ଚାନ୍ଦବାଲି ରାସ୍ତା ୬ଲେନ ବିଶିଷ୍ଟ ହେବା ପାଇଁ ସରକାରୀ ମଞ୍ଜୁରୀ ମିଳିଥିବାରୁ ଏଠାରେ ଅନ୍ୟ ଏକ ଅଣ୍ଡରପାସ ନିର୍ମାଣ ହେବାର ଯଥେଷ୍ଟ ଆବଶ୍ୟକ ରହିଛି। ଗୋଟିଏ ଅଣ୍ଡରପାସ ନିର୍ମାଣ ହୋଇଥିବାରୁ କଟକ ଜିଲ୍ଲାରୁ ଆସୁଥିବା ଗାଡି, ଜଗତସିଂହପୁର ଜିଲ୍ଲାରୁ ଆସୁଥିବା ଗାଡି, ଯାଜପୁର ଜିଲ୍ଲାରୁ ଆସୁଥିବା ଗାଡି ଓ ଭଦ୍ରକ ଜିଲ୍ଲାରୁ ଆସୁଥିବା ଗାଡି ଗୋଟିଏ ସ୍ଥାନରେ ପରସ୍ପରକୁ ଅତିକ୍ରମ କରିବେ। ଫଳରେ ଗୋଟିଏ ଛକରେ ଚାରି ଜିଲ୍ଲାର ଗାଡି ପରସ୍ପର ମଧ୍ୟରେ ସମସ୍ୟା ସୃଷ୍ଟି କରିବେ। ଏହି ସମସ୍ୟାର ସମାଧାନ କରିବାକୁ ହେଲେ ଆଉ ଏକ ଅଣ୍ଡରପାସ ନିର୍ମାଣର ଆବଶ୍ୟକତା ରହିଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏଠାରେ ଅଣ୍ଡରପାସ ନିର୍ମାଣ କରାଯିବା ପୂର୍ବରୁ ପ୍ରଶାସନ ଓ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଦାବି କରାଯାଇଥିଲା। ଏହାକୁ ପ୍ରଶାସନ ହୃଦୟଙ୍ଗମ କରି ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲା ଏଠାରେ ଦୁଇଟି ଅଣ୍ଡରପାସ ନିର୍ମାଣ କରିବା ପାଇଁ। ଠିକାସଂସ୍ଥା ମଧ୍ୟ ଦୁଇଟି ଅଣ୍ଡରପାସ ନିର୍ମାଣ କରିବାକୁ ସହମତି ପ୍ରକାଶ କରିଥିଲା। ହେଲେ ଏବେ ଠିକାସଂସ୍ଥା ନିଜ ପ୍ରତିଶୃତିରୁ ଓହରି ଯାଉଛି। ଏହାଦ୍ୱାରା ଜନସାଧାରଣଙ୍କ ଜୀବନ ବିପଦରେ ପଡିବ। ଯଦି ଠିକାସଂସ୍ଥା ଖୁବଶୀଘ୍ର ଆଉ ଏକ ଅଣ୍ଡରପାସ ନିର୍ମାଣ ନକରେ ତାହାହେଲେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବୁଦ୍ଧିଜିବୀମାନେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲୋଚନାରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡା, ଦେବାଶିଷ ଦାସ, ସନାତନ ମୁଦୁଲି, ସ୍ୱୟଂପ୍ରକାଶ ଦାସ, ଗିରିଧାରୀ ପଟ୍ଟନାୟକ, ପ୍ରଶାନ୍ତ ସେଠୀ, ବିଶ୍ୱପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନର୍ଦ୍ଦମା ନାଳ ଭିତରେ ମେଗା ପାଣି ପାଇପ୍: ଲୋକଙ୍କ ଧନଜୀବନକୁ ନେଇ ଆଶଙ୍କା

**ପଟ୍ଟାମୁଣ୍ଡାଇ,୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ସରକାର ବିଭିନ୍ନ ସ୍ଥାନରେ ମେଗା ପାନୀୟଜଳ ପ୍ରକଳ୍ପର ପରିକଳ୍ପନା କରିଛନ୍ତି। ଏଥିନେଇ ପଟ୍ଟାମୁଣ୍ଡାଇ ୩୧ ପଂଚାୟତକୁ ପାନୀୟଜଳ ଯୋଗାଣ ପାଇଁ ପ୍ରାୟ ୧୬୫ କୋଟି ଟଙ୍କା ବ୍ୟୟରେ ମେଗା ଜଳପ୍ରକଳ୍ପ ନିର୍ମାଣକାର୍ଯ୍ୟ ଜାରି ରହିଛି। ଏଥିନେଇ ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ପାଣି ପାଇପ୍ ସଂଯୋଗ ହୋଇଛି। ମାତ୍ର କାମ କରୁଥିବା ଠିକା ସଂସ୍ଥାର ମନମୁଖୀ କାମ ଯୋଗୁଁ ଏହି ପାଣି ପାଇପ ଗୁଡ଼ିକ କେଉଁଠି ନର୍ଦ୍ଦମା ଭିତରେ ପକାଯାଉଛି ତ ଆଉ କେଉଁଠି ସେପଟିକ ନାଳ ଭିତରୁ ଯାଇ ଘରେ ପଶୁଛି। ଅନେକ ପାଇପ ଲାଇନ୍ ଭୂତଳ ନର୍ଦ୍ଦମା ଦେଇ ଯାଉଥିବାରୁ ବିଭିନ୍ନ ପଂଚାୟତରେ ଅସନ୍ତୋଷ ବଢ଼ିଛି। ପଟ୍ଟାମୁଣ୍ଡାଇ ବ୍ଲକର ୨୦ଟି ପଂଚାୟତର ଶତାଧିକ ଗାଁକୁ ବିଶୁଦ୍ଧ ପାଇପ ପାଣି ଯୋଗାଇଦେବା ଲକ୍ଷ୍ୟରେ ବାଛରା ଠାରେ ମେଗା ପ୍ରକଳ୍ପ ନିର୍ମାଣ କରାଯାଉଥିବା ବେଳେ ଏଥିପାଇଁ ବ୍ରାହ୍ମଣୀ ଜଳକୁ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। ଏହି ମେଗା ପ୍ରକଳ୍ପକୁ ଲକ୍ଷ୍ମୀ କନଷ୍ଟ୍ରସନର ପ୍ରୋଜେକ୍ଟ ଠିକା ସଂସ୍ଥା କାମ ହାତେଇଥିବା ବେଳେ ୨୦ପଂଚାୟତକୁ ପାଇପ ବିଛାଇବା କାମ ଆରମ୍ଭ କରିଛି। ମାତ୍ର ଠିକା ସଂସ୍ଥାର ମନମୁଖୀ କାମ ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ରବିବାର ଖଡିଅଂଟା ଗ୍ରାମରେ ପାଇପ ବିଛା ଯାଉଥିବା ବେଳେ ପାଇପ୍ ଗୁଡିକ ନର୍ଦ୍ଦମା ପାଣି ନୟନଜୋରି ଭିତରରେ ଦେଇ ପକାଯାଉଥିଲା। ନର୍ଦ୍ଦମା ଭିତରେ ଅତି ବିପଦଜନକ ଭାବରେ ପାଇପ୍ ଗୁଡ଼ିକ ପଡୁଥିବାରୁ ପାନୀୟ ଜଳ ପ୍ରଦୂଷଣ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଲୋକେ ବିରୋଧ କରିଥିଲେ। ମାତ୍ର ଠିକା ସଂସ୍ଥାର ସୁପରଭାଇଜର ଓ କର୍ମଚାରୀ ଭ୍ରୁଖେପ ନକରି ତରତରହୋଇ କାମସାରି ବାକୁ ଚେଷ୍ଟା କରିଥିଲେ। ମାତ୍ର ପାନୀୟ ଜଳ ପାଇପର ପାଣି ପ୍ରଦୂଷିତ ହୋଇ ଧନଜୀବନ କ୍ଷତି ହେବାର ଆଶଙ୍କା ଥିବାରୁ ଗ୍ରାମବାସୀ ଗ୍ରାମ୍ୟଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ଜଣାଇବା ସହ ସ୍ୱତନ୍ତ୍ର ଅନୁଧ୍ୟାନ କରି ନର୍ଦ୍ଦମାନାଳ ମଧ୍ୟରେ ଥିବା ପାଇପ୍ ଲାଇନ୍ ଗୁଡ଼ିକୁ ତୁରନ୍ତ ବଦଳାଇବାକୁ ଦାବି ହୋଇଛି। ତେବେ ସଂସ୍ଥା ପକ୍ଷରୁ ଜେସିବି ଯୋଗେ ବିଭିନ୍ନ ଗ୍ରାମରେ ପାଇପ ବିଛା ଯାଉଥିବା ବେଳେ ଗ୍ରାମ୍ୟ ରାସ୍ତାରେ ଯିବା ଆସିବା କରିବା ବର୍ତ୍ତମାନ ସବୁଠୁ ବଡ଼ ସମସ୍ୟା ହୋଇଛି। ପ୍ରତି ଗାଁରେ ସିମେଂଟ କଂକ୍ରିଟ ରାସ୍ତା ଭାଙ୍ଗି ପାଇପ ବିଛାଯିବାକୁ ନେଇ ଅସନ୍ତୋଷ ବଢୁଛି। ଉକ୍ତ ସଂସ୍ଥା ଦ୍ୱାରା ରାସ୍ତା ଖୋଳାଯାଇ ପାଇପ ବିଛା ସରିବା ପରେ ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ମାଟି ରାସ୍ତାକୁ ଠିକ ଢଙ୍ଗରେ ବନ୍ଦ କରିଦେଉଥିଲେ ମଧ କଂକ୍ରିଟ ରାସ୍ତାକୁ ନଷ୍ଟ କରାଯାଉଥିବା ସ୍ଥାନୀୟ ବାସିନ୍ଦା ଶୁକାନ୍ତ ସାମଲ, ଅଶୋକ ମହାନ୍ତି, ଶୁଭେନ୍ଦୁ ମହାନ୍ତି, କାଳନ୍ଦି ମଲିକ, ଅଜୟ ନାୟକ, ସରୋଜ ରାଉତ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପାନୀୟ ଜଳ ବ୍ୟବସ୍ଥାକୁ ଅଧିକ ସୁଦୃଢ ଏବଂ କ୍ରିୟାଶୀଳ କରାଯିବା ନେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମେଗା ପାନୀୟଜଳ ପ୍ରକଳ୍ପକୁ ନେଇ ଶନିବାର ପଟ୍ଟାମୁଣ୍ଡାଇ ପଂଚାୟତ ସମିତିର ଏକ ଅଧିବେଶନ ଆହ୍ୱାନ କରାଯାଇଥିଲା। ସେଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ, ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ପଂଚାୟତ ସରପଂଚ ଓ ସମିତି ସଭ୍ୟ ଓ ଲକ୍ଷ୍ମୀ କନଷ୍ଟ୍ରସନର ପ୍ରକଳ୍ପ ମ୍ୟାନେଜର ଯୋଗ ଦେଇ ଆଲୋଚନା କରଥିବା ବେଳେ ସରପଂଚ ମାନେ ରାସ୍ତା ଖୋଳାଯାଉଥିବା ଓ ପାଇପ ବିଛାଯିବା ପରେ ଠିକାଦାର ରାସ୍ତା ମରାମତି ନକରିବା, ଭୂପୃଷ୍ଠରୁ ୩ ଫୁଟ ଗଭୀରରେ ପାଇପ ବିଛାଯିବା ପାଇଁ ଅଟକଳ ଥିବା ବେଳେ ଠିକାଦାର ମାତ୍ର ୧ଫୁଟ, ଦେଢ ଫୁଟ ଗଭୀରରେ ପାଇପ ବିଛାଇବା, ନୟନଜୋରି ନର୍ଦ୍ଦମା ପାଣିରେ ପାଇପ ବିଛାକୁ ଅଭିଯୋଗ କରାଯିବା ସହିତ ନିର୍ମାଣ ଦାୟିତ୍ୱରେ କମ୍ପାନୀ ଅଧିକାରୀଙ୍କ ଗର୍ଜି ଥିଲେ। ଏଥିନେଇ ରାଜନଗର ଓ କେନ୍ଦ୍ରାପଡା ବିଧାୟକ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର କର୍ମକର୍ତ୍ତାଙ୍କୁ କଡା ନିର୍ଦ୍ଦେଶ ଦେବା ସହ ଆକଳନ ଅନୁଯାୟୀ ସଠିକ ଢଙ୍ଗରେ ଖୁବଶିଘ୍ର କାମ ସାରିବାକୁ କହିଥିଲେ।

# କୂଅରେ ପଡି ପୂଜକ ମୃତ

**ପଟ୍ଟାମୁଣ୍ଡାଇ,୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ପୌରାଂଚଳ ଅନ୍ତର୍ଗତ ସିଦ୍ଧପାଟଣା ସିଦ୍ଧ ବଳଦେବଜୀଉ ମଠର ପୂଜକ ସୋମବାର ସକଳେ ଠାକୁର ପୂଜା ପାଣି ଆଣିବାକୁ ଯାଇ କୂଅରେ ପଡି ମୃତ୍ୟୁବରଣ କରିଛନ୍ତି। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ତାଙ୍କୁ କୂଅରୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡକ୍ତରଖାନା ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପଟ୍ଟାମୁଣ୍ଡାଇ ନୂଆଗାଁ ଗ୍ରାମର ପ୍ରମୋଦ ଦାଶ (୪୬) ସିଦ୍ଧପାଟଣା ସିଦ୍ଧ ବଳଦେବଜୀଉ ମଠର ପୂଜକ ଭାବେ କର୍ଯ୍ୟକରି ଆସୁଥିଲେ। ସବୁଦିନ ପରି ଆଜି ମଧ୍ୟ ସେ ସକାଳେ ଠାକୁର ପୂଜା କରିବା ପାଇଁ ପାଣି ଆଣିବାକୁ ନିକଟରେ ଥିବା କୂଅକୁ ଯାଇଥିଲେ। ମାତ୍ର ଅସାବଧାନତାବଶତଃ ସେ କୂଅ ମଧ୍ୟରେ ପଡି ଯାଇଥିଲେ। ତେବେ ମଠ ଅନ୍ତେବାସୀ ଓ ସ୍ଥାନୀୟ ଲୋକମାନେ ପ୍ରମୋଦଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ କୂଅ ମଧ୍ୟରେ ପଡି ଥିବା ଦେଖିବାକୁ ପାଇଥିଲେ। ଏହା ପରେ ଦମକଳ ବିଭାଗକୁ ଖବର ଦିଆଯିବା ପରେ ଦମକଳ ବାହିନୀ କୂଅ ମଧ୍ୟରୁ ପ୍ରମୋଦକୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ମେଡିକାଲ ଆଣି ଭର୍ତ୍ତି କରିଥିଲେ। ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ କାଉନସିଲର ମଳୟ ଓଝା ଦାବୀ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସିଆରପିଙ୍କୁ ମିଳିବ...

ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ସହାୟକ ହୋଇଛି। ଏହା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଭିତ୍ତିକୁ ସୁଦୃଢ଼ କରିବା ସହିତ ଅଧିକ ବଜାର ସୁଯୋଗ ସୃଷ୍ଟି କରି ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି। ନୂଆ ସରକାର ଆସିବା ପରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ପୂର୍ବରୁ ତିନୋଟି ପର୍ଯ୍ୟାୟରେ ୩୧୮ କୋଟି ୩୦ ଲକ୍ଷ ୧୬ ହଜାର ୨୪୫ ଟଙ୍କା ଦିଆଯାଇଛି। ୫ ଲକ୍ଷ ୪୪ ହଜାର ୪୯୩ ଗୋଷ୍ଠୀଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି।

ଆଜି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କରକମଳରେ ୨ ଲକ୍ଷ ୮୦ ହଜାର ୫୮୬ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭ କୋଟି ୬୬ ଲକ୍ଷ ୩୮ ହଜାର ୨୫୨ ଟଙ୍କା ଫେରସ୍ତ କରାଯାଇଛି। ଗୋଷ୍ଠୀ ମାନଙ୍କ ଉପରେ ସୁଧ ପରିଶୋଧର ଭାର ହ୍ରାସ କରିବା ପାଇଁ ଓଡିଶା ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେଉଥିବା ବ୍ୟାଙ୍କଋଣ ରାଶିକୁ ବୃଦ୍ଧି କରିବା ସହ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତକୁ ଆଣିଛନ୍ତି। ଏହି ସୁଧ ଫେରସ୍ତ ରାଶି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଯାଇଥାଏ।

### ଛାତ୍ରଛାତ୍ରୀଙ୍କୁ ଢାଲ...

ହୋଇଥିବା କାର୍ଯ୍ୟକ୍ରମର କୌଣସି ଫଟୋ ନରଖିବା ତାଙ୍କର ଖାମଖିଆଲ ଭାବ ନାଁ ଏହା ଭିତରେ ଆଉକିଛି ଗୁଢ଼ ରହସ୍ୟ ଅଛି, ତଦନ୍ତ କଲେ ଜଣାପଡ଼ିବ। ଅପରପକ୍ଷରେ ସ୍ୱଚ୍ଛାସେବୀ ସଂଗଠନର ଏହି କାର୍ଯ୍ୟରେ ଯଦି କିଛି କ୍ଷତି ହୁଏ, ତେବେ କିଏ ଉତ୍ତର ଦାୟୀ ହେବ ବୋଲି ପ୍ରଶ୍ନ ଉଠୁଛି। କାର୍ଯ୍ୟକ୍ରମ ଦେଖିଥିବା ଜଣେ ଲୋକ କୁହନ୍ତି, ଭୁବନେଶ୍ୱରର ପଲ୍ଲୀଶ୍ରୀ ନାମକ ଏକ ସଂସ୍ଥା ଏହାକୁ କରିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୁଁ କିଛି ଜାଣିନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ଏହା ଏକ ଧର୍ତବ୍ୟ ଅପରାଧ। ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

### ପୂର୍ବ ସେନା...

ଗାନ୍ଧୀ ନିଜେ କହିଛନ୍ତି ଯେ, ପୁସ୍ତକ ପ୍ରକାଶିତ ହୋଇନାହିଁ। ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ସମାନ କଥା କହିଛନ୍ତି, ଆମେ କିପରି ଏକ ପୁସ୍ତକର ଉଦ୍ଧୃତିର ଉଦାହରଣ ଦେଇପାରିବୁ ଯାହା ପ୍ରକାଶିତ ହୋଇନାହିଁ ବୋଲି ସେ ପ୍ରଶ୍ନ କରିଥିଲେ।

କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ସରକାର ଏଥିପାଇଁ ଭୟଭୀତ, ଯଦି ପୂର୍ବତନ ସେନା ମୁଖ୍ୟ ଏମଏମ ନରଭାଣେଙ୍କ ପୁସ୍ତକର ବିଷୟବସ୍ତୁ ପ୍ରକାଶିତ ହୁଏ ତେବେ ବିଜେପିର ଦୁଇ ପ୍ରମୁଖ ବିଜେପି ନେତାଙ୍କ ଅସଲ ମୁଖା ଖୋଲିଯିବ। ଚୀନ ଆଗରେ '୫୬ ଇଞ୍ଚ ଛାତିର' କ'ଣ ହୋଇଥିଲା ଲୋକ ମଧ୍ୟ ଜାଣିପାରିବେ।

### ଛାତ୍ରଛାତ୍ରୀ ଉଠାଇଲେ...

ଏହି ଅଭିଯୋଗ ସମ୍ପୂର୍ଣ୍ଣ କପୋଳକଳ୍ପିତ। ମଧ୍ୟାହ୍ନ ଭୋଜନ ଦାୟୀତ୍ୱ ନେବାକୁ କେନ୍ଦ୍ରକରି କେତେକ ନ୍ୟସ୍ତସ୍ୱାର୍ଥବ୍ୟକ୍ତିଙ୍କ ସ୍ୱାର୍ଥ ସାଧନ ନହେବାରୁ ସେମାନେ ମୋତେ ବଦନାମ କରିବାକୁ ଏଭଳି ମିଥ୍ୟା ଅଭିଯୋଗ କରିଛନ୍ତି।

### ଓଡ଼ିଶାରେ...

ଛତିଶଗଡ ଅଭିମୁଖେ ବାହାରିବେ। ଜଗଦଲପୁରରେ 'ବସ୍ତର ପାଣ୍ଡୁମ ୨୦୨୬' ମହୋତ୍ସବର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି।

### ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ...

ନିର୍ଦ୍ଦେଶକୁ ଚାଲେଂଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପିତାମାତାଙ୍କ ମୃତ୍ୟୁ ପରେ ନିର୍ଭରଶୀଳ ଝିଅକୁ ପରିବାର ପେନସନରୁ ବଂଚିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ବାପା ମାଙ୍କ ମୃତ୍ୟୁ ପରେ ନିର୍ଭରଶୀଳ ଝିଅକୁ ୮ ସପ୍ତାହ ଭିତରେ ପରିବାର ପେନସନ ମଞ୍ଜୁର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।




Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460
Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**